ବର୍ଷ-୯
ସଂଖ୍ୟା-୧୪୫
ତା.୧୦ ଜୁଲାଇ ୨୦୨୨
ମଙ୍ଗଳବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-145
Date:12, July 2022
Tuesday, Page-8, Rs-2/-
POSTAL Regd.No.10120(K)/17/2018-21



ପତ୍ନୀଙ୍କ ସହ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ସ୍ୱର୍ଣ୍ଣ ମନ୍ଦିର ଗସ୍ତ



ରାଷ୍ଟ୍ରପତି ନିର୍ବାଚନକୁ ନେଇ ସଙ୍କଟରେ ଶିବସେନା

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

## ରାଜଧାନୀରେ କଟକଣା କଡାକଡି କଲା ବିଏମସି

ଭୁବନେଶ୍ୱର,୧୧ ଜୁଲାଇ – ରାଜଧାନୀରେ କରୋନା ସଂକ୍ରମଣ ବଢୁଥିବାରୁ କୋଭିଡ୍ କଟକଣାକୁ ଆହୁରି କଡା କରିଛି ଭୁବନେଶ୍ୱର ମହାନଗର ନିଗମ ବା ବିଏମସି । ଏନେଇ ବିଏମସି ପକ୍ଷରୁ ସୋମବାର ଏକ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଠେଲା ଜଳଖିଆ, ଚା, ଲସି , ଗୁପଚୁପ୍ ଓ ଦହିବରା ଆଦି ଦୋକାନୀଙ୍କୁ ଭିଡ଼ କରିବା ମନା । ଦୋକାନୀ ଭିଡ଼ ସମ୍ଭାଳି ନ ପାରିଲେ ଖାଦ୍ୟ ପାର୍ସଲ ଦେବାକୁ ପରାମର୍ଶ ଦିଆଯାଇଛି । କୌଣସି ସପିଙ୍ଗ ମଲ୍ ଓ ଦୋକାନରେ ଭିଡ଼ ନ କରିବାକୁ ମଧ୍ୟ କଡ଼ା ତାଗିଦ୍ କରାଯାଇଛି । କୋଭିଡ୍ ନିୟମ ମାନି ସାମାଜିକ ଦୂରତା ରକ୍ଷା କରିବା , ଦୋକାନ କର୍ମଚାରୀ ଓ ଗ୍ରାହକମାନେ ମାସ୍କ ବ୍ୟବହାର କରିବା , ସାନିଟାଇଜର ବ୍ୟବହାର କରିବା ଏବଂ ପ୍ରବେଶ ବେଳେ ଥର୍ମାଲ ସ୍କ୍ରିନିଂ ଉପରେ ଗୁରୁତ୍ୱ ଦେଇଛି ବିଏମସି । ସେହିପରି ସିନେମା ହଲ୍, ଅଡିଟୋରିଅମ ଓ ଥିଏଟରରେ ପ୍ରତ୍ୟେକ ଲୋକ ଯେପରି ମୁହଁରେ ମାସ୍କ ପିନ୍ଧି ପ୍ରବେଶ କରିବେ ସେଥିପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସେଲୁନ୍ ଓ ସ୍ପାରେ ମଧ୍ୟ କରୋନା ନିୟମ ପାଳନ କରିବାକୁ କୁହାଯାଇଛି । ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ ଓ ସପିଂ ମଲରେ ସାମାଜିକ ଦୂରତା ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୋଭିଡ଼ କଟକଣା ପାଳନ ହେଉଛି କି ନାହିଁ ତାହା ତଦାରଖ ପାଇଁ ଜଣେ ଲେଖାଏ ଦାୟିତ୍ୱସଂପନ୍ନ ଅଧିକାରୀ ରଖିବାକୁ ସବୁ ମଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏସବୁ ନିୟମ ଭଙ୍ଗ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି ।

# ଶ୍ରୀଜୀଉଙ୍କୁ ଲାଗିହେଲା ଅଧର ପଣା

## ଆସନ୍ତାକାଲି ନିଳାଦ୍ରୀ ବିଜେ



ପୁରୀ, ୧୧ ଜୁଲାଇ: ଆଜି ସଂନ୍ଧ୍ୟାରେ ରଥ ଉପରେ ତିନି ଠାକୁରଙ୍କ ଅଧରପଣା ନୀତି ଅନୁଷ୍ଠିତ ହୋଇଛି । ରଥ ଉପରେ ମଧ୍ୟାହ୍ନ ଧୂପ ପରେ ଅଧର ପଣା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ପ୍ରତି ରଥ ଉପରେ ପିତଳ ହଣ୍ଡାରେ ପାଣିଆ ଆପଟ ମାନେ ସିଂହଦ୍ୱାରରେ ଥିବା ଛାଉଣି ମଠ ସମ୍ମୁଖ କୂଅରୁ ପାଣି ଆଣି ହଣ୍ଡାରେ ଭର୍ତ୍ତି କରିଥିଲେ । ସେଥିରେ କ୍ଷୀର, ସର, ଚିନି, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, ଅଳେଇଚ ଗୁଣ୍ଡ, କର୍ପୁର ଓ ଜାଇଫଳ ମିଶ୍ରଣ କରି ପଣା ପ୍ରସ୍ତୁତ କରାଯାଇଥିଲା । ସେହି ପଣାକୁ ପ୍ରତି ରଥରେ ରଖାଯାଇଥିବା ତିନୋଟି ଲେଖାଏଁ ଅଧର ଚୁମ୍ବି ତୁମ୍ବାକୃତି ମାଟି ପାତ୍ରରେ ରଖାଯାଇଥିଲା । ପୂଜାପଣ୍ଡା ସେବକ ପଂଚ ଉପଚାରରେ ମନ୍ତ୍ର ଉଚ୍ଚାରଣ କରି ଶ୍ରୀଜୀଉଙ୍କୁ ପଣା ଭୋଗ ଅର୍ପଣ କରିଥିଲେ । ଭୋଗ ପରେ ରଥରେ ଥିବା ପାର୍ଶ୍ୱ ଦେବାଦେବୀ, ଚଣ୍ଡୀଚାମୁଣ୍ଡା, ଅଶରୀରୀ, ଭୂତ, ପ୍ରେତ, ପିଶାଚ ମାନଙ୍କ ଉଦ୍ଦେଶ୍ୟରେ ରଥ ଉପରେ ପଣା ହାଣ୍ଡି ଭଙ୍ଗାଯାଇଥିଲା । ଏହି ନୀତି ଅପରାହ୍ନ ୫ ଟା ପରେ ଆରମ୍ଭ ହୋଇ ରାତି ପ୍ରାୟ ୯ଟା ସୁଦ୍ଧା ଶେଷ ହୋଇଛି । ରାଘବ ଦାସ ମଠ, ବଡ ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନର ସହଯୋଗରେ ଏହି ପଣା ପ୍ରସ୍ତୁତ କରାଯାଇଥିଲା । ଆସନ୍ତାକାଲି ନିଳାଦ୍ରୀ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ୧୩ ତାରିଖ ଠାରୁ ଶ୍ରଦ୍ଧାଳୁ ମାନେ ଶ୍ରୀକ୍ଷେତ୍ର ଅବଢ଼ା ପାଇପାରିବେ ।

## ରଥ ଉପରେ ଗରୁଡ଼ ଶୟନ ନୀତି

ପୁରୀ, ୧୧ ଜୁଲାଇ (ହି.ସ.)- ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ଗତକାଲି ରାତିରେ ରଥାରୁଢ଼ ଶ୍ରୀଜୀଉମାନଙ୍କ ସୁନାବେଶ ଓଲାଗି ପରେ ହରିଶୟନ ନୀତି ଅନୁଷ୍ଠିତ ହୋଇଥିଲା । ରଥ ଉପରେ ହରିଶୟନ ଏକାଦଶୀ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିର ଭଣ୍ଡାର ଘରୁ ଭଣ୍ଡାର ମେକାପ ସୁନାର ଶୟନ ଠାକୁର ତିନି ମୂର୍ତ୍ତି ଆଣି ମହାଜନ ସେବକଙ୍କୁ ପ୍ରଦାନ କରିଥିଲେ । ହରିଶୟନ ଠାକୁରଙ୍କୁ ମହାଜନ ସେବକ ମାନେ ହାତରେ ଧରି ରଥ ଉପରକୁ ଆଣିଥିଲେ । ତିନି ଜଣ ପୁଜାପଣ୍ଡା ସେବକ ଶୟନ ଠାକୁରଙ୍କୁ ରଥ ଉପରକୁ ବିଜେ କରିଥିଲେ । ଶ୍ରୀବଳଭଦ୍ରଙ୍କ ରଥରେ ବାସୁଦେବ, ମାଆ ସୁଭଦ୍ରାଙ୍କ ରଥରେ ଭୁବନେଶ୍ୱରୀ, ଶ୍ରୀଜଗନ୍ନାଥଙ୍କ ରଥରେ ଶ୍ରୀ ନାରାୟଣ ଶୟନ ଠାକୁରଙ୍କୁ ଶ୍ରୀଅଙ୍ଗକୁ ଲାଗି କରିଥିଲେ । ଏହା ପରେ ମହାସ୍ନାନ ନୀତି ହୋଇଥିଲା । ଅନୁରୂପ ଭାବେ ଆଜି ଦ୍ୱାଦଶୀ ତିଥିରେ ରଥ ଉପରେ ଗରୁଡ଼ ଶୟନ ନୀତି ଅନୁଷ୍ଠିତ ହୋଇଛି । ଆସନ୍ତାକାଲି ନିଳାଦ୍ରୀ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି ।

## ନୂଆ ସଂସଦ ଭବନର ଛାତରେ ଅଶୋକ ସ୍ତମ୍ଭ ଉନ୍ମୋଚନ କଲେ ମୋଦୀ



ନୂଆଦିଲ୍ଲୀ, ୧୧ ଜୁଲାଇ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସକାଳେ ନୂଆ ସଂସଦ ଭବନର ଛାତରେ ରାଷ୍ଟ୍ରୀୟ ପ୍ରତୀକ ଚିହ୍ନ ଅଶୋକ ସ୍ତମ୍ଭର ଅନାବରଣ କରିଛନ୍ତି । ଏହି ଅବସରରେ ସେ ସଂସଦ ଭବନର ନିର୍ମାଣରେ କାର୍ଯ୍ୟରତ ଶ୍ରମିକମାନଙ୍କ ସହିତ ମଧ୍ୟ କଥାବାର୍ତ୍ତା କରିଛନ୍ତି । ପ୍ରଧାନମନ୍ତ୍ରୀ ନୂଆ ସଂସଦ ଭବର ଛାତ ଉପରେ ୬.୫ ମିଟର ଉଚ୍ଚା ଅଶୋକ ସ୍ତମ୍ଭର ଅନାବରଣ କରିଛନ୍ତି । ଏହି ପ୍ରତୀକ ସ୍ତମ୍ଭର ଓଜନ ୯୫୦୦ କିଲୋଗ୍ରାମ ଏବଂ ଏହା କାଂସ୍ୟରେ ନିର୍ମିତ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନୂଆ ସଂସଦ ଭବନର ନିର୍ମାଣରେ ଲାଗିଥିବା ଶ୍ରମିକଙ୍କ ସହିତ କଥାବାର୍ତ୍ତା କରିଛନ୍ତି । ଏହି ଅବସରରେ ଲୋକସଭା ଅଧ୍ୟକ୍ଷ ଓମ୍ ବିରଳା, ଲୋକସଭା ସଚିବାଳୟର ବରିଷ୍ଠ ଅଧିକାରୀ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ବଳସାଡ ଜିଲ୍ଲାରେ ପ୍ରବଳ ବର୍ଷା



ଅହମଦାବାଦ, ୧୧ ଜୁଲାଇ : ଦକ୍ଷିଣ ଗୁଜରାଟର ବଳସାଡ ଜିଲ୍ଲାରେ ବହୁତ ଜୋରରେ ବର୍ଷା ପାଇଁ କେତେକ ଅଂଚଳରେ ପାଣି ଭର୍ତୀ ହୋଇଯାଇଛି । ପ୍ରଭାବିତ ଅଂଚଳରେ ହଜାରରୁ ଅଧିକ ଲୋକ ପାଣିରେ ଭିତରେ ଅଛନ୍ତି । ଏହି ଲୋକମାନଙ୍କୁ ସୁରକ୍ଷିତ ଅଂଚଳକୁ ପହଂଚାଇବା ପାଇଁ ଏନ୍‌ଡିଆର ଏଫ୍ ବଚାଓ ଅଭିଯାନ ଚାଲୁରହିଅଛି । ମଧୁବନ ବନ୍ଧର ୧୦ ଟି ଗେଟ ୪ ମିଟର ଖୋଲିବା ଦ୍ୱାରା ଦମନଗଙ୍ଗାର ଜଳସ୍ତର ବଢି ଯାଇଅଛି । ନଦୀପାଖାପଖି ତଳିଆ ଅଂଚଳର ଲୋକମାନଙ୍କୁ ଆଲର୍ଟ କରାଇ ଦିଆ ହୋଇଛି । ଜିଲ୍ଲାର ଉପରମୁଣ୍ଡ ଧର୍ମପୁର ତହସିଲରେ ଅଧିକ ବର୍ଷା ହେବା କାରଣରୁ ତଳିଆ ଅଂଚଳରେ ପାଣି ଜମା ହୋଇଯାଇଛି । ଜିଲ୍ଲାର ହିଂଗରାଜ ଓ ଭୋଲିଅଂଚଳରେ ୨ ହଜାରରୁ ଅଧିକ ଏବଂ ଭଗଡାଖୁଦ ଅଂଚଳରେ ୩ ହଜାରରୁ ଅଧିକ ଲୋକ ବର୍ଷା ପାଣିରେ ଫସିଯାଇ ଅଛନ୍ତି । ଏନ ଡି ଆର ଏଫ୍ ଦ୍ୱାରା ୯ ଜଣ ମହିଳା ଓ ୧୦ ଜଣ ପୁରୁଷଙ୍କୁ ଉଦ୍ଧାର କରାଯାଇଅଛି । ଅଧିକ ବର୍ଷା ହୋବା କାରଣରୁ ଜିଲ୍ଲାରେ ବର୍ତ୍ତମାନ ପରିସ୍ଥିତି ବିଗିଡି ଜାଇଅଛି ।

# ଚିନ୍ତା ବଢ଼ାଉଛି ଦୈନିକ ସଂକ୍ରମଣ

## ରାଜ୍ୟରେ ଉପରମୁହାଁ ସଂକ୍ରମଣ ; ଖୋର୍ଦ୍ଧାରୁ ସର୍ବାଧିକ



ଭୁବନେଶ୍ୱର, ୧୧ ଜୁଲାଇ : ରାଜ୍ୟରେ ଗୋଟିଏ ଦିନରେ ୫୭୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୪୦୭୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୬୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୧୫୩୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୩୬୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୩୩୬ ଜଣ ସଂଗରୋଧରୁ ଓ ୨୩୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧୪, ବାଲେଶ୍ୱର ଜିଲ୍ଲାରେ ୧୨, ବରଗଡ ଜିଲ୍ଲାରେ ୧, ଭଦ୍ରକ ଜିଲ୍ଲାରେ ୩, ବଲାଙ୍ଗୀର ଜିଲ୍ଲାରେ ୨, ବୌଦ୍ଧ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୬୮. ଦେବଗଡ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୫, ଜଗତସିଂହପୁର ଜିଲ୍ଲାରେ ୮,ଯାଜପୁର ଜିଲ୍ଲାରେ ୧୫. ଝାରସୁଗୁଡା ଜିଲ୍ଲାରେ ୬, କଳାହାଣ୍ଡି ଜିଲ୍ଲାରେ ୫, କେନ୍ଦ୍ରାପଡା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୩, ଖୋର୍ଦ୍ଧା ଜିଲ୍ଲାରେ ୨୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୪, ମୟୁରଭଂଜ ଜିଲ୍ଲାରେ ୧୬, ନୟାଗଡ ଜିଲ୍ଲାରେ ୫, ନୂଆପଡା ଜିଲ୍ଲାରେ ୮ ପୁରୀ ଜିଲ୍ଲାରେ ୧୨, ରାୟଗଡା ଜିଲ୍ଲାରେ ୨, ସମ୍ବଲପୁର ଜିଲ୍ଲାରେ ୪୧ , ସୋନପୁର ଜିଲ୍ଲାରେ ୩ ,ସୁନ୍ଦରଗଡ ଜିଲ୍ଲାରେ ୬୩ ଓ ଷ୍ଟେଟ ପୁଲରେ ୫୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୫ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ରାଜଧାନୀରେ ୨୦୩ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୧ ଜୁଲାଇ – ରାଜଧାନୀରେ କୋଭିଡ୍ ର ଦୈନିକ ସଂକ୍ରମଣ ବଢିବାରେ ଲାଗିଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ସୋମବାର ମୋଟ ୨୦୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୧୯୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ରାଜଧାନୀର ସବୁ ଶ୍ମଶାନ ଓ ହସ୍ପିଟାଲରେ ଲାଗିବ ଗଛ

ଭୁବନେଶ୍ୱର,୧୧ ଜୁଲାଇ – ବିଏମ୍‌ସି ଓ ଗ୍ରୀନ୍ ୱାଲ୍ଡ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଛି ମିଶନ ଗ୍ରୀନ୍ ଭୁବନେଶ୍ୱର-୨୨ । ଚଳିତ ବର୍ଷ ୪ହଜାର ବୃକ୍ଷ ଚାରା ଲଗାଯାଇ ଏହାର ଯତ୍ନ ନିଆଯିବ । ରାଜଧାନୀରେ ଥିବା ସବୁ ହସ୍ପିଟାଲ ଓ ଶ୍ମଶାନରେ ଲାଗିବ ଗଛ । ବିଏମ୍‌ସି ସହଯୋଗରେ ଗ୍ରୀନ୍ ୱାଲ୍ଡ ଟ୍ରଷ୍ଟ ପକ୍ଷରୁ ରାଜଧାନୀରେ ଚାରା ଲଗାଯାଇ ଏହାର ଯତ୍ନ ନିଆଯିବ । ଆଇଆର୍‌ସି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଛ ଲାଗାଯାଇ ଏହି ମିଶନ ରାଜଧାନୀରେ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ ଓ ବିଏମ୍‌ସି ମେୟର ସୁଲୋଚନା ଦାସ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ । ୪ହଜାର ଗଛ ଲଗାଯାଇ ଏହାକୁ ବଂଚାଇ ରଖିବାକୁ ସଂକଳ୍ପ ନେଇଛନ୍ତି ଗ୍ରୀନ୍ ୱାଲ୍ଡ ଟ୍ରଷ୍ଟର ଅଧ୍ୟକ୍ଷ ନୃପେଶ କୁମାର ନାୟକ ।

# ରାଜ୍ୟ ସରକାର ଜାଗା ଦେଲେ ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ହେବ: ଧର୍ମେନ୍ଦ୍ର ପ୍ରଧାନ



ଗୋପାଳପୁର: ଓଡ଼ିଶା ସରକାର ଜମି ଉପଲବ୍ଧ କରାଇଲେ କେନ୍ଦ୍ର ସରକାର ବ୍ରହ୍ମପୁରରେ ବିମାନ ବନ୍ଦର ନିଶ୍ଚିତ ପ୍ରତିଷ୍ଠା ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଗୋଳନ୍ଥରା ସ୍ଥିତ ଇଶାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ, ସେବା, ଗରିବ କଲ୍ୟାଣର ୮ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ବିଶାଳ କାର୍ଯ୍ୟକର୍ତ୍ତା ସମାବେଶ'କୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଦେଶ ଆଜି ଆଜାଦି କି ଅମୃତ ମହୋତ୍ସବ ଉତ୍ସବ ପାଳନ କରୁଛି ।ଦେଶର ସ୍ୱାଧୀନତାର ୭୫ ବର୍ଷ ପୂରଣ କରିଥିବା ବେଳେ ଆଗାମୀ ୨୫ ବର୍ଷର ଯାତ୍ରାର ଅମୃତ କାଳ ହେବା ସହ ଭାରତ ବିଶ୍ୱଗୁରୁ ହେବ ଏବଂ ବିଶ୍ୱର ନେତୃତ୍ୱ ନେବ ବୋଲି ପ୍ରଧାନମନ୍ତ୍ରୀ କହିଥିବା କଥାକୁ ଶ୍ରୀ ପ୍ରଧାନ ଦୋହରାଇଥିଲେ । ଓଡ଼ିଶାର ସାଧାରଣ ପରିବାରର ଜନଜାତି ମହିଳା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ପାଇଁ ପ୍ରାର୍ଥୀ କରି ପ୍ରଧାନମନ୍ତ୍ରୀ ସାଢେ ୪ କୋଟି ଓଡ଼ିଆ ଲୋକଙ୍କୁ ସମ୍ମାନ କରିଥିବା ପ୍ରକାଶ କରିବା ସହ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ଏକ ନିର୍ବାଚନ ବିଷୟ ନୁହେଁ ବରଂ ଓଡିଶାର ସ୍ୱାଭିମାନର ବିଷୟ । ପ୍ରଧାନମନ୍ତ୍ରୀ ପଦ୍ମ ପୁରସ୍କାର ସମେତ, ଓଡ଼ିଆଙ୍କୁ ଅନ୍ୟାନ୍ୟ ବଡ ଦାୟିତ୍ୱ ଦେବା ଓ ଗରିବ କଲ୍ୟାଣରେ ଓଡ଼ିଶାକୁ ପ୍ରାଧାନ୍ୟ ଦେଇଛନ୍ତି । ମୋଦି ଯେଉଁ କାମ ଓଡ଼ିଶା ପାଇଁ କରିଛନ୍ତି, ସେଥିପାଇଁ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଲୋକମାନେ ତାଙ୍କୁ ଭୁଲିପାରିବେ ନାହିଁ । ଏଥିପାଇଁ ସାଢେ ୪ କୋଟି ଓଡ଼ିଆଙ୍କ ତରଫରୁ ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ମତବ୍ୟକ୍ତ କରିଥିଲେ । କରୋନା ସମୟରେ ମୋଦି, ସୁରତରେ ରହୁଥିବା ଓଡ଼ିଆଙ୍କ ନିମନ୍ତେ ଚିନ୍ତା କରୁଥିଲେ, ସେମାନଙ୍କ ଖାଇବା ବ୍ୟବସ୍ଥା, ଘରକୁ ଫେରିବା ନିମନ୍ତେ ଟ୍ରେନର ସୁବିଧା କରାଇଥିଲେ । ପୋଲିଓ ଟିକା ନିମନ୍ତେ ଭାରତକୁ ୩୦ ବର୍ଷ ସମୟ ଲାଗିଥିଲା କିନ୍ତୁ କରୋନା ଟିକା ପ୍ରସ୍ତୁତ ନିମନ୍ତେ ମାତ୍ର ଦେଢବର୍ଷ ସମୟରେ ଟିକା ପ୍ରସ୍ତୁତ ସହ ପ୍ରାୟ ୨୦୦ କୋଟି ଲୋକଙ୍କୁ ମାଗଣାରେ ଏହି ଟିକା ପ୍ରଦାନ କରାଯାଇ ପାରିଥିଲା । ଏହା କେବଳ ନରେନ୍ଦ୍ର ମୋଦୀ ସରକାର ହିଁ ସମ୍ଭବ ହୋଇ ପାରିଛି, ଏଣୁ ମୋଦି ହେ ତୋ ମୁମକିନ ହେ ବୋଲି ମତପୋଷଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ବିଭୂତି ଭୂଷଣ ଜେନା ଅଧ୍ୟକ୍ଷତା କରିବା ସହ ଓଡିଶା ସରକାର, କେନ୍ଦ୍ର ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଯୋଜନାକୁ ନିଜ ନାମ ଲଗାଇ ପ୍ରଚ଼ାର କରୁଥିବା ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ବିଧାୟକ କେ ନାରାୟଣ ରାଓ, ନିଳମଣୀ ବିଷୋୟୀ, କାହ୍ନୁଚରଣ ପାତ୍ରଙ୍କ ସମେତ ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଓ ନେତା ଉପସ୍ଥିତ ରହିଥିଲେ । ଏହି ଅବସରରେ ଗୋଳନ୍ଥରାରେ ନିର୍ମିତ ହୋଇଥିବା ବନ୍ଦେଂ ମାତାରାଂ ଭବନକୁ ଉଦଘାଟନ କରିବା ସହ ମଧ୍ୟାହ୍ନ ଭୋଜନ କରିଥିଲେ । ଧର୍ମେନ୍ଦ୍ର ପ୍ରଧାନଙ୍କୁ ଲଉଡିଗାଁ, ଦାସପୁର, କନିଷି ଓ ଗୋଳନ୍ଥରା ଠାରେ ଜନସାଧାରଣ ସମେତ ବିଜେପି କର୍ମକର୍ତ୍ତାଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କନିଷି ଠାରୁ ପ୍ରାୟ ୧ ହଜାର ମୋଟରସାଇକେଲ ରାଲିରେ ଶ୍ରୀ ପ୍ରଧାନଙ୍କୁ ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭାଶିଷ ସାହୁଙ୍କ ନେତୃତ୍ୱରେ ଗୋଳନ୍ଥରା ପର୍ଯ୍ୟନ୍ତ ନିଆଯାଇଥିଲା ।

# ପଡିଲାନି ନାମାଙ୍କନ, ହେଲାନି ସଭାପତି ନିର୍ବାଚନ

ସାନଖେମୁଣ୍ଡି 11/07 : ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଲି ପାଟପୁର ଶାଖା ଅଧୀନରେ ଥିବା ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ

## ଟି ଗୋବିନ୍ଦପୁର ସେବା ସମବାୟ ସମିତି

ଟି ଗୋବିନ୍ଦପୁର ସେବା ସମବାୟ ସମିତିରେ ସଭାପତି ନିର୍ବାଚନ ହୋଇପାରିନାହିଁ। ସମବାୟ ସମିତି ସଭାପତି ନିର୍ବାଚନ ପାଇଁ ସମ୍ପାଦକ ଶିବରାମ ମହାକୁଡ ଓ ନିର୍ବାଚନ ଅଧିକାରୀ କାଳୀ ଚରଣ ନାୟକ କାର୍ଯ୍ୟାଳୟରେ ଉପସ୍ଥିତ ଥିବାବେଳେ ନାମାଙ୍କନ ପତ୍ର ଦାଖଲର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି ପ୍ରାର୍ଥୀପତ୍ର ଦାଖଲ ହୋଇନଥିଲା। ଫଳରେ ସଭାପତି ନିର୍ବାଚନ ବାତିଲ ହୋଇଥିବା ସହ ଏଥିନେଇ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ନାୟକ ପ୍ରକାଶ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଟି ଗୋବିନ୍ଦପୁର ସେବା ସମବାୟ




ସମିତି ପରିଚାଳନା ସମବାୟ ବିଭାଗ ପକ୍ଷରୁ ସାର ବିହନ କୀଟନାଶକ କୃଷିରଣ ବୀମା ସହାୟତା ରଣଛାଡ ସମେତ କୌଣସି ବିଭାଗୀୟ ଯୋଜନାର ସୁଫଳ ଏଠିକାର ଚାଷୀ ପାଉନଥିବା ସମ୍ପାଦକ କେବେ କାର୍ଯ୍ୟାଳୟ କିମ୍ବା ଅଞ୍ଚଳକୁ ଆସୁନଥିବା ଚଳିତ ସମବାୟ ନିର୍ବାଚନରେ ଚଞ୍ଚକତା କରିଥିବା। ବୋର୍ଡ଼ ନିର୍ଦ୍ଦେଶକ ନିର୍ବାଚନ ସମ୍ପର୍କରେ ଅଞ୍ଚଳ ଚାଷୀ ଓ ଲୋକପ୍ରତିନିଧିଙ୍କୁ ଅନ୍ଧାରରେ ରଖିଥିବା ୧୫ ବୋର୍ଡ ନିର୍ଦ୍ଦେଶକଙ୍କ ମଧ୍ୟରୁ ଚାଷୀ ତାଲିକା ନଜଣାଇ ୮ ଜଣକୁ ମନକୁ ମନ ବାଛିବାକୁ ନେଇ ଚାଷୀମାନେ ସମବାୟ ବିଭାଗ ଉପନିବନ୍ଧଙ୍କ ସହକାରୀ ନିବନ୍ଧକ ଜିଲ୍ଲା ପ୍ରଶାସନରେ ଅଭିଯୋଗ କରିଥିଲେ। ସମ୍ପାଦକଙ୍କ ବ୍ୟାପକ ଅନିୟମିତତାର ତୀବ୍ର ପ୍ରତିବାଦ କରିଥିଲେ। ତେବେ କିଛି ସୁଫଳ ନ ମିଳିବାରୁ ସମବାୟ ସମିତି ଅଫିସ୍ ରେ ତାଲା ପକାଇଥିଲେ। ଏଥି ପରେ ସମ୍ପାଦକଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ କିଛି ଚାଷୀଙ୍କ ନାମରେ ଥାନରେ ଏତଲା ପରେ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ ସହ ଶତାଧିକ ଚାଷୀ ଥାନାକୁ ଆସି ସମ୍ପାଦକଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ସହକାରୀ ନିବନ୍ଧକ ଆଞ୍ଚଳିକ ସମବାୟ ଅଧିକାରୀ ଥାନା ଅଧିକାରୀଙ୍କ ମିଳିତ ଆଲୋଚନା ଚାଷୀଙ୍କ ଅଭିଯୋଗ ପ୍ରତି ପଦକ୍ଷେପ ପ୍ରତିଶୃତି ପରେ ଲୋକେ ତାଲା ଖୋଲିଥିଲେ। ତେବେ ସୋମବାର ସଭାପତି ନିର୍ବାଚନ ତେବେ ସୋମବାର ସଭାପତି ନିର୍ବାଚନ ଥିଲାବେଳେ କୌଣସି ନାମାଙ୍କନ ପଡ଼ିନାହିଁ। ବେନିୟମ ଭାବେ ୮ ଜଣକୁ ସମ୍ପାଦକ ନିଜେ ଅଫିସ୍ ନ ଆସି ବାଛି ଥିବା ବୋର୍ଡ ଅସିଦ୍ଧ କରି ପୁନର୍ବାର ସମବାୟ ନିର୍ବାଚନ ଅଧିନିୟମ ଅନୁସାରେ ୧୫ ଜଣ ବୋର୍ଡ ସଭ୍ୟଙ୍କ ନିର୍ବାଚନ କରିବ ତାପରେ ସଭାପତି ନିର୍ବାଚନ କରିବାକୁ ଚାଷୀ ମାନେ ଦାବି କରିଛନ୍ତି। ବେନିୟମ କାର୍ଯ୍ୟ ବ୍ୟାପକ ଅନିୟମିତତା ରେ ଲିପ୍ତ ଥିବା ସମ୍ପାଦକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ବଦଳି ପାଇଁ ଦାବୀ ହୋଇଛି ।

# ସାମ୍ବାଦିକ ମହାଦେବ ସାହୁଙ୍କ ପୁତ୍ର ଶଶାଙ୍କଙ୍କ ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ

ଫୁଲବାଣୀ୧୧/୦୭ (ନି.ପ୍ର): ଟ୍ରାକ୍ଟର ଦୁର୍ଘଟଣାରେ ଫୁଲବାଣୀର ଜଣାଶୁଣା ବରିଷ୍ଠ ସାମ୍ବାଦିକ ମହାଦେବ ସାହୁଙ୍କ ପୁତ୍ର ଶଶାଙ୍କ ଶେଖର ସାହୁଙ୍କ ଅକାଳ ମୃତ୍ୟୁ ଘଟିଛି। ଶଶାଙ୍କ ଖଜୁରୀପଡା ବ୍ଲକର ଖଲି ବେରଣା ସ୍ଥିତ ନିଜ ଫାର୍ମରେ ଟ୍ରାକ୍ଟର ଚଳାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡି ଫଳରେ ଟ୍ରାକ୍ଟର ତଳେ ଚାପି ହୋଇଯିବା ଫଳରେ ଘଟଣା ସ୍ଥଳରେ ଶଶାଙ୍କଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା ଶଶାଙ୍କଙ୍କ ଅକାଳ ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି ଶଶାଙ୍କ ସାହୁ ଜଣେ ଭଲ ସଂଗଠକ, ସମାଜସେବୀ, ଓ ପରୋପକାରୀ ବ୍ୟକ୍ତି ଥିଲେ । ସେଭ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଗଠନ କରି ଜିଲାର ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ସହ ବିକାଶ ଦିଗରେ ଉଦ୍ୟମ କରିଆସୁଥିଲେ ତାଙ୍କର ଅକାଳ ମୃତ୍ୟୁରେ ଆନନ୍ଦ ମାର୍କେଟ



ସମେତ ଅନ୍ୟାନ୍ୟ ମାର୍କେଟ ବନ୍ଦ ରହିଥିଲା ସେହିପରି ଶଶାଙ୍କ ସାହୁଙ୍କ ମୃତ୍ୟୁରେ ସମାଜ ସେବୀ ଅଶୋକ ପରିଡ଼ା, ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ, ସମ୍ପାଦକ, କନ୍ଧମାଳ ମିଡିଆ ଫୋରମର ଉପସଭାପତି ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସମ୍ପାଦକ ସୂର୍ଯ୍ୟ ନାରାୟଣ ବେହେରା, ସହ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ଏବଂ ବଡ଼ଖବରର ଡିସି ବାପି ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଡ଼ଃ. ଅରୂପ ଜେନା, ବିଜୟ ମହାନ୍ତି, ଅଶୋକ ମହାନ୍ତି, ସନ୍ତୋଷ ଦିଗଲ, ନାରାୟଣ ସାହୁ, କାହ୍ନୁ ଚରଣ ଶତପଥୀ ସମାଜସେବୀ ମହମଦ ଜିଆଉଦ୍ଦିନ, ସ୍ୱାତି, ସମ୍ପାଦକ ଇଂ. ହରିଶଙ୍କର ରାଉତ, ପ୍ରଦୀପ ଦାଶ, ବନବାସୀ ସେବା ସମିତି ସହ ସମ୍ପାଦକ ରବୀନ୍ଦ୍ର ପଣ୍ଡା, ନିପୀଡିତ ମୁଖ୍ୟ ରାମ ଚନ୍ଦ୍ର ଦାସ, ସାଲୁଙ୍କି ମୁଖ୍ୟ ଅଶୋକ ପ୍ରଧନ, ପାହାଡ଼ ସଂଗଠନ ମୁଖ୍ୟ ପଞ୍ଚାନନ ମିଶ୍ର, ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ସେହିପରି ଶଶାଙ୍କଙ୍କ ଅକାଳ ମୃତ୍ୟୁ ଖବର ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ସମସ୍ତ କର୍ମକର୍ତା ପହଞ୍ଚି ଶୋକ ବ୍ୟକ୍ତ କରିଥିଲେ ।

# ଜଙ୍ଗଲ ଜମି ପଟ୍ଟା ଦେବା ନାମରେ ପଚିଶ ହଜାରଟଙ୍କା ଠକାମି

ଗୋଳାମୁଣ୍ଡା :୧୧/୦୭ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଳାମୁଣ୍ଡା ତହସିଲ ପୂର୍ବତନ ଅମିନ ତପନ ନାଏକ ଓ କଳାହାଣ୍ଡି ଆଦିବାସୀ ସଂଘର ନକଲି ସଭାପତି ପରମାନନ୍ଦ ମାଝୀଙ୍କ ନାମରେ ଏକ ସାଙ୍ଘାତିକ ଅଭିଯୋଗ ଆସିଛି। ସୂଚନାରୁ ପ୍ରକାଶ ଯେ ଜିଲ୍ଲା ଆଦିବାସୀ ସଭାପତି ବୋଲାଇ ପରମାନନ୍ଦ ମାଝୀ କେଗାଁ ପଞ୍ଚାୟତର କର୍ଲାପଡା ଆସି ବରୁଣ ମାଝୀଙ୍କୁ ଜଙ୍ଗଲ ଜମି ଦଖଲକାରୀଙ୍କ ପଟ୍ଟା ଯୋଗାଇଦେବାକୁ ଜଣ ପିଛା ୫୦୦୦ଟଙ୍କା ମାଗିବାକୁ କହିଥିଲେ । ସମସ୍ତ ଟଙ୍କା ସଂଗ୍ରହ କରି ଗୋଳାମୁଣ୍ଡା ତହସିଲ କାର୍ଯ୍ୟାଳୟର ଅମିନ ତପନ ନାଏକଙ୍କୁ ଦେଲେ ସବୁ ଜମି ପଟ୍ଟା ମିଳିଯିବ ବୋଲି ବରୁଣ ମାଝୀଙ୍କୁ କହିଥିଲେ । ପରମାନନ୍ଦ ମାଝୀ ନିଜର ଖର୍ଚ୍ଚ ବାବଦକୁ ୫୦୦୦ଟଙ୍କା ମାଗିବାରୁ ବରୁଣ ନିଜ ପକେଟରୁ ଦେଇଥିବା ପ୍ରକାଶ କରିଛନ୍ତି। ପରେ ଜମି ଜବରଦଖଲକାରୀଙ୍କ ଠାରୁ ଟଙ୍କା ଯଥା ଶୀଘ୍ର ସଂଗ୍ରହ ନ ହେବାରୁ ଜଣେ ମହାଜନ ଠାରୁ ଆଣି ସୁଧ ହିସାବରେ ୨୫୦୦୦ଟଙ୍କା ଆଣି ଗୋଳାମୁଣ୍ଡା ତହସିଲ ଅଫିସର ଅମିନ ତପନ ନାଏକଙ୍କୁ ସେହି ୨୫୦୦୦ଟଙ୍କା ଦେଇଥିବା ମଧ୍ୟ ନିଜେ ବରୁଣ ମାଝୀ ପ୍ରକାଶ କରିଛନ୍ତି। ଟଙ୍କା ପାଇଲା ପରେ ତପନ ନାଏକ ଆଜି କାଲି ଭିତରେ ଯାଇ ଜମି ଚିହ୍ନଟ କରି ପଟ୍ଟା ଦେବାକୁ କହୁଥିବାବେଳେ ବର୍ଷବର୍ଷ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ଜମି ଚିହ୍ନଟ ହୋଇନିକି ପଟ୍ଟା ମଧ୍ୟ ମିଳି ନ ଥିବା ଅଭିଯୋଗ ହେଉଛି । ଏପଟେ ଅମିନ ଶ୍ରୀ ତପନ ନାଏକ ବର୍ଷେ ହେବ ଗୋଳାମୁଣ୍ଡା ତହସିଲ ଅଫିସରୁ ବଦଳି ହୋଇ ଧର୍ମଗଡ଼ ତହସିଲ ଅଫିସକୁ ବଦଳି ହୋଇଥିବା ସୂଚନା ମିଳିଛି । ଏ ନେଇ ବରୁଣ ମାଝୀ ଅମିନ ତପନ ନାଏକ ଓ କଳାହାଣ୍ଡି ଜିଲ୍ଲା ଆଦିବାସୀ ନକଲି ସଭାପତି ପରମାନନ୍ଦ ମାଝୀଙ୍କ ନାରେ କେଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। କେଗାଁ ଥାନା ଅଧିକାରୀ ବାରମ୍ବାର ଅମିନ ତପନ ନାଏକଙ୍କୁ ଫୋନ ଯୋଗଯୋଗ କରିବା ସତ୍ତ୍ୱେ ଫୋନ ଉଠାଉ ନ ଥିବାରୁ ଧର୍ମଗଡ଼ କୋର୍ଟକୁ କେଶ ପଠାଇ ଦେବାକୁ ସୂଚନା ଦେଇଛନ୍ତି ।

# ଅଶୋକ କୁମାର ସାହୁଙ୍କୁ କଟକ ଦକ୍ଷିଣ ଡାକ ମଣ୍ଡଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା

କଟକ ୧୧/୦୭ (ନି.ପ୍ର):ଆଜି କଟକ ଦକ୍ଷିଣ ଡାକ ମଣ୍ଡଳସ୍ଥିତ କାର୍ଯ୍ୟାଳୟରେ ଡାକ ଅଧିକ୍ଷକ ଗଜେନ୍ଦ୍ର ପ୍ରସାଦ କର ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତିରେ ଡାକସେବାର ୨୦୨୧ ବିତ୍ତୀୟ ବର୍ଷର ମେଘଦୂତ ଆୱାର୍ଡ ଅଧିକାରୀ ଅଶୋକ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ମାନପତ୍ର ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଶ୍ରୀ ସାହୁ ବାଙ୍କୀ ମୁଖ୍ୟ ଡାକଘର ଅଧିନସ୍ତ ତୁଳସୀପୁର ଶାଖା ଡାକଘରେ ଶାଖା ଡାକପାଳ ଭାବେ କାର୍ଯ୍ୟରତ ଅଟନ୍ତି । ଶ୍ରୀ ସାହୁ ୧୪.୦୨.୨୦୦୦ ରେ ଡାକ ବିଭାଗରେ ଯୋଗଦେଇ ଲୋକମାନଙ୍କ ପାଖରେ ଡାକ ବିଭାଗର ପ୍ରତ୍ୟେକଟି ସ୍କିମ ପହଞ୍ଚାଇବା ସହିତ ଲୋକ ମାନଙ୍କ ସହ ସୁସଂପର୍କ ସ୍ଥାପନ କରି ଡାକ ବିଭାଗର ବିଭିନ୍ନ ଉଲ୍ଲେଖ ମୂଳକ କାର୍ଯ୍ୟ ବିଷୟରେ ଅବଗତ କରିଛନ୍ତି। ପ୍ରତେକ ଗାଁ ଗହଳିରେ ଘରେ ଘରେ ସେ ସଞ୍ଚୟ ଖାତା, ଡାକ




ବୀମା,ଆଧାରର ପ୍ରଚାର ଓ କାୟା ବିସ୍ତାର କରିବା ସହ ଅତି ନିଷ୍ଠାପର ଭାବରେ କାର୍ଯ୍ୟ କରିଥିବାରୁ ଗତ ୨୮.୦୬.୨୦୨୨ ରେ ଦିଲ୍ଲୀ ସ୍ଥିତ ଇଣ୍ଡିଆ ହବିଟାଣ୍ଟ ସେଣ୍ଟର ଠାରେ ସର୍ବ ଭାରତୀୟ ସ୍ତରରେ ଅନୁଷ୍ଠିତ ହୋଇଥିବା ୨୦୨୧ ବିତ୍ତୀୟ ବର୍ଷର ମେଘଦୂତ ଆୱାର୍ଡ ସେରିମନୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ ଓ ଡାକବିଭାଗରଙ୍କ ଉପସ୍ଥିତିରେ ଶ୍ରୀଯୁକ୍ତ ସାହୁଙ୍କୁ ମେଘଦୂତ ଆୱାର୍ଡ ଦ୍ୱାରା କେନ୍ଦ୍ର ସଂଚାର ରାଜ୍ୟ ମନ୍ତ୍ରୀ ଶ୍ରୀ ଦେବୁସିଂ ଚହ୍ୱାନ ସମ୍ମାନୀତ କରିଥିଲେ। ସାରା ଭାରତବର୍ଷରେ ଥିବା ୧୩୧୩୧୧ ଗ୍ରାମୀଣ ପୋଷ୍ଟଅଫିସ ରେ କାର୍ଯ୍ୟରତ ପ୍ରାୟ ୪୫୦୦୦୦ ଗ୍ରାମୀଣ ଡାକ କର୍ମଚାରୀମାନଙ୍କୁ ପଛରେ ପକାଇ ଓଡିଶା ପରିମଣ୍ଡଳ ତଥା କଟକ ଦକ୍ଷିଣ ଡାକ ମଣ୍ଡଳର ଶ୍ରୀଯୁକ୍ତ ଅଶୋକ କୁମାର ସାହୁ ଏକମାତ୍ର ଗ୍ରାମୀଣ ଡାକସେବକ ଭାବେ ମେଘଦୂତ ଆୱାର୍ଡ ଅର୍ଜନ କରିଥିଲେ। ସେ ଆୱାର୍ଡ ସେରିମୋନୀରୁ ଫେରିବା ପରେ ଆଜି ବିଜୁପଟ୍ଟନାୟକ ଏୟାର ପୋର୍ଟରେ ଓହ୍ଲାଇ ସିଧାସଳଖ କଟକ ଦକ୍ଷିଣ ଡାକ ମଣ୍ଡଳ ଆସି ସମ୍ବର୍ଦ୍ଧିତ ହୋଇଥିଲେ। ମେଘଦୂତ ଆୱାର୍ଡ ୧୯୮୪ ମସିହାରେ ପ୍ରଥମେ ଆରମ୍ଭ ହୋଇଥିଲା । ଏହା ଡାକବିଭାଗରେ ଉତ୍କୃଷ୍ଟ କାର୍ଯ୍ୟର ପରିଚୟ ପ୍ରଦାନ କରିବାଲାଗି ଡାକ ବିଭାଗର ସର୍ବୋତ୍ତମ ଜାତୀୟ ସ୍ତରୀୟ ଆୱାର୍ଡ ମେଘଦୂତ ଆୱାର୍ଡକୁ ଦିଆଯାଇଥାଏ। ଶ୍ରୀ ସାହୁଙ୍କ ଲାଗି କଟକ ଦକ୍ଷିଣ ମଣ୍ଡଳ ତଥା ଓଡିଶା ପରିମଣ୍ଡଳ ସାରା ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ତାଙ୍କର କାର୍ଯ୍ୟ କରିବାର ଦକ୍ଷତା, ଡାକ ବିଭାଗ ପ୍ରତି ଥିବା ନିଷ୍ଠାପରତା ମନୋଭାବ ଓ ସମସ୍ତ ଜନସାଧାରଣଙ୍କ ନିକଟତର ହୋଇ କାମ କରିବା ତାଙ୍କ ପାଇଁ ଏହି ଆୱାର୍ଡ ଆଣି ଦେବା ସହ ଅନ୍ୟ କର୍ମଚାରୀମାନଙ୍କ ପାଇଁ ଆଗାମୀ ଦିନମାନଙ୍କରେ ପ୍ରେରଣା ଆଣିଦେବ ବୋଲି କଟକ ଦକ୍ଷିଣ ଡାକ ମଣ୍ଡଳର ଡାକ ଅଧିକ୍ଷକ ଶ୍ରୀଯୁକ୍ତ କର ମତବ୍ୟକ୍ତ କରିବା ସହ ଶ୍ରୀଯୁକ୍ତ ସାହୁଙ୍କର ଉତ୍ତରୋତ୍ତର ଉନ୍ନତିର କାମନା କରିଛନ୍ତି ।

# ବମ୍ଭରିତ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ




ବରଗଡ : ବରଗଡ ଜିଲ୍ଲା ପାଇକମାଲ ବ୍ଲକ ଅନ୍ତର୍ଗତ ବମ୍ଭରିତ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଲଖମରା କ୍ଲଷ୍ଟରର ସିଆରସିସି ବୈଷ୍ଣବ ପଣ୍ଡା ମୁଖ୍ୟ ଅତିଥି, ପରିଚାଳନା କମିଟି ଅଧକ୍ଷ ପୃଥିରାଜ ଭୋଇ ସମ୍ମାନିତ ଅତିଥି, ଏବଂ ଫରେଷ୍ଟ ବିଟ୍ ଅଧିକାରୀ ଗୟାଧର ଭୁଏ ମୁଖ୍ୟ ବକ୍ତା ରୁପେ ଯୋଗଦାନ କରି ବନ ମହୋତ୍ସବ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଗାଁ ର ସମସ୍ତ ଭଦ୍ର ବ୍ୟକ୍ତି ତଥା ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। ପରିଶେଷରେ ରାଜ କିଶୋର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିହନ ବିତରଣ କାର୍ଯ୍ୟକ୍ରମ

କନ୍ଧମାଳ ୧୧/୦୭ (ନି.ପ୍ର):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ରେଞ୍ଜ ବନ୍ଦଗଡ଼ ତେଲି ମୁଣ୍ଡା ଚାରା ଉତ୍ପାଦନ କେନ୍ଦ୍ର ଠାରେ ଆମ ଜଙ୍ଗଲ ଯୋଜନା ଓ କୃଷି ବିଭାଗର ଆଇକାଡା ପ୍ରକଳ୍ପ ମିଳିତ ଉଦ୍ୟମରେ ହରଡ଼ ବିହନ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଆଇକାଡ୍ ବିଭାଗ ର ରଞ୍ଜନ ବେହେରାଙ୍କ ନେତୃତ୍ୱରେ ବିହୀନ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫିରିଙ୍ଗିଆ ରେଞ୍ଜ ବନ୍ଦଗଡ଼ ବନପାଳକ ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ପାହାଡ଼ ସ୍ୱେଚ୍ଛାସେବୀ ସଂଗଠନର ଉନ୍ନୟନ ଅଧିକାରୀ ଅମୁଲ୍ୟ ପ୍ରଧାନ, ବନରକ୍ଷୀ ସଂଗ୍ରାମ କେଶରୀ ଦିଗାଲ, ଉପସ୍ଥିତରେ ତାବିନିପଦର,



ଲାମ୍ବାଗୁଡିରି, ଟୁମୁଲାପଦର, ବନ ସୁରକ୍ଷା ସମିତି ହରଡ଼ ବିହନ ବିତରଣ କରାଯିବା ସହ ଆସି ପ୍ରାୟ ୭୦ ଉର୍ଦ୍ଧ ଚାଷୀଙ୍କୁ କିଭଳି ହରଡ଼ ବିହନର ଚାଷ କରିବା ପ୍ରଣାଳୀ ତାଲିମ ଦିଆଯିବା ସହ ଚାଷୀ କିଭଳି ମୁଲ୍ୟବାନ ଅମଳ ପାଇ ପାରିବେ ତାହା ଉପରେ ଆଇକାଡ୍ ପ୍ରକଳ୍ପ ର ବେହେରା ବହୁ ସୁନ୍ଦର ବାର୍ତ୍ତା ଦେଇଥିଲେ ।

# ଭାରତୀୟ ଷ୍ଟେଟବ୍ୟାଙ୍କ୍ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ସମନ୍ୱୟ ମେଳା ଅନୁଷ୍ଠିତ

ରାୟଗଡ ୧୧/୦୭ (ନି.ପ୍ର): ରାୟଗଡ଼ା ଭାରତୀୟ ଷ୍ଟେଟବ୍ୟାଙ୍କ ପକ୍ଷରୁ ଆଜି ସ୍ୱୟଂ ସହାୟକ ଗୋଷ୍ଠୀ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଅଛି ଉକ୍ତ ମେଳାରେ ରାୟଗଡ ଜିଲ୍ଲାର ୨୧୬ ଗୋଟି ଏସଏଚଜି ଗୋଷ୍ଠୀକୁ ସର୍ବମୋଟ ୫.୩୯ ଟଙ୍କା କୋଟିର ଋଣ ପ୍ରଦାନ କରାଯାଇଅଛି । ରାୟଗଡ଼ା କୃଷ୍ଣଚନ୍ଦ୍ର ନଗର ଭବନ ଠାରେ ଏହି ସମମନ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଅଗ୍ରଣୀ ଶାଖା ପକ୍ଷରୁ ହୋଇଥିବା ଏହି ସମମନ୍ୟ ମେଳାରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲାପାଳ ଶ୍ରୀମତି ସ୍ୱଧା ଦେସିଂ ଯୋଗଦାନ କରି ହିତାଧିକାରୀ ଗୋଷ୍ଠୀକୁ ମଞ୍ଜୁର ଅର୍ଥର ସଠିକ ଯୋଜନା କରି ତାହାର ବିନିଯୋଗ ଉପରେ ଅନୁରୋଧ କରିଥିଲେ । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଅଗ୍ରଣୀ ଶାଖା ପକ୍ଷରୁ ହୋଇଥିବା । ଏହି କାର୍ଯ୍ୟକ୍ରମକୁ




ଏଲ୍.ଡି.ଏମ୍ ଶ୍ରୀ ଧୀରେନ୍ଦ୍ର ବିହାରୀ ପରିଚାଳନା କରିଥିଲେ। ସମ୍ମାନୀୟ ଅତିଥି ଭାବେ ରାୟଗଡ଼ା ପିଡି.ଡି.ଆର.ଡି.ଏ ରବି ନାରାୟଣ ତ୍ରିପାଠୀ, ଏସବିଆଇର ଆଞ୍ଚଳିକ ପ୍ରବନ୍ଧକ ରାଜେନ୍ଦ୍ର ନାରାୟଣ ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜାଜ୍ଞସେନି ବେହେରା, ପୌର ନିର୍ବାହୀ ଅଧିକାରୀ ଯାସ୍ୱୀର ବିଲଲ ଅହମଦ, ଡ଼ିପିସି ମିଶନ ଶକ୍ତି ନିରଞ୍ଜନ ମଲ୍ଲିକ, ଡିପିଏମ ଓଡ଼ିଶା ଜୀବିକା ମିଶନ ହେମନ୍ତ କୁମାର ବାଘ, ଡିପିଏମ ଓରମାସ ମନୋଜ କୁମାର ପାତ୍ର ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥିମାନଙ୍କ ହସ୍ତରେ ୫.୩୯ କୋଟିର ଚେକ ସହିତ ହିତାଧିକାରୀଙ୍କ ଋଣପତ୍ର ପ୍ରଦାନ କରାଯାଇଥିଲା ସର୍ବଶେଷରେ ଆଞ୍ଚଳିକ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ତୁଳସୀଦାସ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୁଣିଗାରେଡି ଅନ୍ଧବିଶ୍ୱାସ : ମହିଳାମାନେ ମାନିବାକୁ ନାରାଜ

ପୋଲସରା୧୧/୦୭ (ନି.ପ୍ର): ବିଜ୍ଞାନ ବହୁତ ଆଗେଇ ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିସାରିଥିବା ବେଳେ ଗୁଣିଗାରୁଡି ଭଳି ଏକ ଅନ୍ଧବିଶ୍ୱାସ ଉପରେ ମହିଳା ମାନଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ ରହିଥିବା ପୋଲସରା ବ୍ଲକ ଅନ୍ତର୍ଗତ ଭାବରଡା ଗ୍ରାମ ଘଟଣାରୁ ଜଣାପଡ଼ିଛି। ଭାବରଡ଼ା ଗ୍ରାମ ବାସୀଙ୍କ ଅଭିଯୋଗ ଏହିଯେ କିଛିଦିନ ହେଲା ମହିଳାମାନଙ୍କ ପିନ୍ଧିବା ବସ୍ତ୍ରରୁ କେହି କାଟି ଗୁଣିଆ କରିବା ପାଇଁ ନେଉଅଛି। ଏହି ଖବର ଜାଣିବା ପରେ ପୋଲସରା ଥାନା ପୋଲିସ ଏବଂ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ଜୁଲାଇ ୦୪ ତାରିଖ ଦିନ ସଚେତନତା ସଭା ଅନୁଷ୍ଠିତ



ହୋଇଥିଲା। ଭାବରଡ଼ା ଗ୍ରାମର ବଡ଼ସାହିର ମା ଗ୍ରାମଦେବୀ ମଣ୍ଡପରେ ଅନୁଷ୍ଠିତ ସଚେତନତା ସଭାରେ ପୋଲସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡା , ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା ଓ ପୋଲସରା ଥାନା ଆଇଆଇସି ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶାସକ ବୃନ୍ଦ ଗ୍ରାମବାସୀଙ୍କୁ ଗୁଣିଗାରୁଡି ବିରୁଦ୍ଧରେ ସଚେତନ କରାଇଥିଲେ ମଧ୍ୟ ମହିଳା ମାନେ ବୁଝିବାକୁ ନାରାଜ। ଅନ୍ଧବିଶ୍ୱାସକୁ ନେଇ ପୁନର୍ବାର ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଆଇଆଇସି ପ୍ରକାଶ କରିଥିଲେ। ଗୁଣିଗାରୁଡିକୁ ବିଶ୍ୱାସ କରି ଯଦି କାହାକୁ ସନ୍ଦେହ କରି ଆଇନକୁ ହାତକୁ ନିଅନ୍ତି ତାହାହେଲେ । ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଆଇଆଇସି ଶ୍ରୀ ମଲ୍ଲିକ ଗ୍ରାମବାସୀଙ୍କୁ ସତର୍କ ବାଣୀ ଶୁଣାଇ ଥିଲେ। ଏହି ଘଟଣାରୁ ଜଣାପଡୁଛି ଯେ ଗ୍ରାମାଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ବିଷୟ ନେଇ ଥିବା ଅନ୍ଧବିଶ୍ୱାସ ଦୂର କରିବା ପାଇଁ ଜନସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଅଛି।

# ସ୍ୱାମୀ ବିବେକାନନ୍ଦଙ୍କ ୧୨୦ ତମ ଶ୍ରାଦ୍ଧଦିବସ ପାଳିତ

ଜଗତସିଂହପୁର ୧୧/୦୭ (ନି.ପ୍ର): ଜଗତସିଂହପୁର ସାରସ୍ୱତ ପକ୍ଷରୁ ବିଶ୍ୱବିଜୟି ବିବେକାନନ୍ଦଙ୍କ ୧୨୦ ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଏଜୁକେସନ ପଏଣ୍ଟ ଚାରିଟେବୁଲ ଟ୍ରଷ୍ଟ ପରିସରରେ ପାଳିତ ହୋଇଯାଇଛି। ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧକ୍ଷତା କରି ତାଙ୍କ ଅଭିଭାଷଣରେ କହିଥିଲେ ଯେ ସ୍ୱାମୀ ବିବେକାନନ୍ଦ ସନାତନ ଧର୍ମର ମହାନ ପ୍ରବକ୍ତା ଥିଲେ। ଯାହାକି ଚିକାଗୋ ଧର୍ମ ସମ୍ମିଳନୀରେ ତାଙ୍କ ଅଭିଭାଷଣରୁ ପ୍ରମାଣିତ ହୋଇଥିଲା। ମୁଖ୍ୟ ଆଲୋଚିକା ଭାବେ ପ୍ରତିଷ୍ଠାନର ନିର୍ଦ୍ଦେଶିକା ଶାଶ୍ୱତି ଶୁଭଦର୍ଶିନୀ ତାଙ୍କ ବକ୍ତବ୍ୟରେ ସ୍ୱାମୀ ବିବେକାନନ୍ଦ ଏକାଧାରରେ ଜଣେ ଆଧ୍ୟାତ୍ମିକ ଗୁରୁ, ଦାର୍ଶନିକ ଓ ଶିକ୍ଷାବିତ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଂଯୋଜକ ଅଭିଷେକ ବେହେରା, ସମ୍ବିତ



ଦାସ, ତାପସ ମହାନ୍ତି ଓ ଆଲୋକ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିବେକାନନ୍ଦ ଯୁବ ମାନସର ପ୍ରତୀକ ଥିଲେ ବୋଲି କହିବା ସହିତ ତାଙ୍କ ଜୀବନାଦର୍ଶରେ ବର୍ତ୍ତମାନର ଯୁବପିଢ଼ି ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଶେଷରେ ସ୍ୱରୂପ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ରାମେଶ୍ୱର ଛକରେ ଜମୁଛି ବର୍ଷା ପାଣି



ଜଙ୍କିଆ୧୧/୦୭ (ନି.ପ୍ର):ଜଙ୍କିଆ ଥାନା ଅନ୍ତର୍ଗତ ୧୬ ଜାତୀୟ ରାଜପଥ ରେ ଜମୁଛି ବର୍ଷା ପାଣି ପାଣି ଜମି ରହିଥିବାରୁ ରାସ୍ତାରେ ଯିବା ଆସିବା ଠପ୍ ହୋଇଯାଇଛି। ଚାରିଆଡେ ଖାଲ ଖମା ହୋଇ ଥିବା ରୁ ଟିକିଏ ବର୍ଷା ହେବା ମାତ୍ରେ ପାଣି ଜମିରହୁଛି। ରାଜପଥ କଡ଼ରେ ଥିବା ଦେକାନ ବ୍ୟବସାୟୀ ମାନେ ବ୍ୟବସାୟ ବନ୍ଦ କରି ଦେଇ ଥିବା ଜଣାପଡିଛି।

# ହିତାଧିକାରୀଙ୍କ ୪ ମାସର ଚାଉଳ ହଡପ୍

ନବରଙ୍ଗପୁର ୧୧/୦୭ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅମଲାଭଟା ଗ୍ରାମ ପଞ୍ଚାୟତର ୧୫୦୧ହିତାଧିକାରୀଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ଚାଉଳ ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ। ଅମଲାଭଟା ଗ୍ରାମ ପଞ୍ଚାୟତ ର ଯୋଗାଣ ସହାୟକ ବସନ୍ତ କୁମାର ସଗରିଆଙ୍କୁ ୨୦୨୨ତାରିଖ ୬ଜୁନରେ ଯୋଗାଣ ସହାୟକ ଅନୁପସ୍ଥିତି ନେଇ କି ପତ୍ର ସଂଖ୍ୟା -୨୦ ,୨୦୨୨ତାରିଖ ୧୩ଜୁନରେ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟରେ ଅବହେଳା। ନିୟମିତ ପଞ୍ଚାୟତ କାର୍ଯ୍ୟଳୟ ଆସୁନଥିବା, ୬ଜୁନ ରେ ତେନ୍ତୁଳିଖୁଣ୍ଟି ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ପରିଦର୍ଶନ ବେଳେ ଅନୁପସ୍ଥିତି। ଫୋନ୍ କଲେ ଫୋନ୍ ରେ କୌଣସି ଉତ୍ତର ନ ଦେବା। ୧୦ଜୁନ ରେ ଗ୍ରାମ ପଞ୍ଚାୟତ ବୈଠକରେ ଅନୁପସ୍ଥିତି କୁ ନେଇ ତିନି ଦିନ ମଧ୍ୟରେ ଉତ୍ତର ନ ଦେଲେ । ଉଚ୍ଚ ଅଧିକାରୀଙ୍କୁ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ତାରିଖ୧୪ଜୁନ ରୁ ତାରିଖ ୩୦ଜନ୍ନ ମୋଟ୧୭ଦିନ ସଡ଼କ ଦୁର୍ଘଟଣାରେ ଆହାତ ହୋଇଥିବାରୁ, ସେ ବର୍ତ୍ତମାନ ଚିକିତ୍ସାଳୟ ଚିକିତ୍ସା ହେଉଥିବାରୁ ଅନୁପସ୍ଥିତି ରହିବେ । ଏଣୁ ସାଧାରଣ ବଣ୍ଟନ ବ୍ୟବସ୍ଥାର ସେ ସମସ୍ତ ସେଲ ରେଜିଷ୍ଟର ମେସିନ ଗୋଦାମ ଚାବି ଓ ଗୋଦାମରେ ଥିବା ମେ ଜୁନ ଜୁଲାଇର ପ୍ରଧାନମନ୍ତ୍ରୀ ଗୋରିବ କଲ୍ୟାଣ ଯୋଜନାର ମିଳିଥିବା ଚାଉଳ ଓ ଜୁଲାଇ ମାସର ଏନ ଅଫ ଏସ ଏ ଚାଉଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ଙ୍କୁ ୪ମାସ ଚାଉଳ ହସ୍ତାନ୍ତର କରିଥିବା ଯୋଗାଣ ସହାୟକ ତାଙ୍କ ଚୁଟି ଦରଖାସ୍ତ ରେ ଦର୍ଶାଇଥିଲେ।ଏହାକୁ ନିର୍ବାହୀ ଅଧିକାରୀ ତୁରନ୍ତ ମଞ୍ଜୁର କରୁଥିବା ଦେଖିବାକୁ ମିଳୁଛି। ଜୁନ୨୩ରେ ନିର୍ବାହୀ ଅଧିକାରୀ ପୁଣି ନବରଙ୍ଗପୁର ଜିଲ୍ଲା ବଣ୍ଟନ କେନ୍ଦ୍ର ରୁ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନାରେ ଜୁଲାଇ ମାସ ପାଇଁ ୧୧୯ ବେଗ ଚାଉଳ ଉଟାଇଥିବା ବେଳେ ତାରିଖ ୧୫ଜୁନ ଏଚଏଚ ରେ୧୫୭ବେଗ ଚାଉଳ ନିର୍ବାହୀ ଅଧିକାରୀ ଉଟାଇଥିବା ଚାଉଳ ଯୋଗାଣ ଡ଼ିଲେର ଙ୍କ ଠାରୁ ଜଣାପଡିଛି । ହେଲେ ଗ୍ରାମ ପଞ୍ଚାୟତ ବାସିଙ୍କ ମନରେ ଗୋଟିଏ କଥା ଚିନ୍ତା ଉଙ୍କିମାରୁଛି , ନିର୍ବାହୀ ଅଧିକାରୀ ଚାଉଳ ଉଟାଇ ନେଲେ କୁଆଡ଼େ ? ଗତକାଲି ନିର୍ବାହୀ ଅଧିକାରୀ ହରିକୃଷ୍ଣ ବିଶୋଇ ଯୋଗାଣ ସହାୟକ ବସନ୍ତ କୁମାର ସଗରିଆଙ୍କ ବିରୁଦ୍ଧରେ ଚାଉଳ ହଡପ କରିଥିବା ନେଇ କାମତା ଫାଣ୍ଡି ରେ ଅଭିଯୋଗ କରିଛନ୍ତି। ଏ ନେଇ ବିଶୋଇ ଙ୍କୁ ଆମ ନବରଙ୍ଗପୁର ଜିଲ୍ଲା ପ୍ରତିନିଧି ଯୋଗାଯୋଗ କରିବାରୁ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ବ୍ଲକ୍ ଯୋଗାଣ ଅଧିକାରୀ ସମାଧାନ କରୁଥିବା କହିଛନ୍ତି। ଏ ବିଷୟକୁ ନେଇ ତାଙ୍କ ବ୍ୟତିତ ଉଚ୍ଚ ଅଧିକାରୀ ମଧ୍ୟ ଖବର ପ୍ରକାଶ ନ କରିବାକୁ ଅନୁରୋଧ କରିଥିଲେ। ଏଥିରୁ ସ୍ପଷ୍ଟ ଜଣା ପଡୁଛି ଯେ ଏଥିରେ ବଡ ବଡମୁଣ୍ଡର ଅଧିକାରୀ ବି ଏଥିରେ ସମ୍ପୃକ୍ତ ତୁରନ୍ତ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର କୁ ଏହାର ତଦନ୍ତ କରିବାକୁ ଦେବା ସହିତ ରାଜ୍ୟ ସରକାରଙ୍କ ମୋ ସରକାରଙ୍କ ଉଚ୍ଚ ସ୍ତରୀୟ ଅଧିକାରୀ ଏହାର ତଦନ୍ତ କରି ଯୋଗାଣ ବିଭାଗର ଗୁମର ଖୋଲି ବା ସହିତ ଆଲୁ ଖୋଲୁ ଖୋଲୁ ମହାଦେବ ବାହାରିବେ ବୋଲି ଚର୍ଚ୍ଚା ହେଉଛି।

# ଦେବୀ ରାୟଙ୍କ ସ୍ମୃତିସଭା ଅନୁଷ୍ଠିତ



କଟକ, ୧୧ (ନି.ପ୍ର.) : ବିଶିଷ୍ଟ ସମାଜବାଦୀ, ରାଜନେତା ତଥା ଦକ୍ଷ ସଂଗଠକ ସ୍ୱର୍ଗତ ଦେବୀ ରାୟଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଚୌଧୁରୀବଜାରସ୍ଥ ଗୋପାଳଜୀଉ ମନ୍ଦିର ପରିସରରେ ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ଦେବୀ ରାୟଙ୍କ ପଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ୱର୍ଗତ ରାୟ ଜନତା ପାର୍ଟି, ଜନତାଦଳ ଓ ବିଜୁ ଜନତାଦଳର ସଂଗଠନ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିଥିବାରୁ କଂଗ୍ରେସ ବିରୋଧୀ ନେତା ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ନିଜେ କୌଣସି ପ୍ରତ୍ୟକ୍ଷ ନିର୍ବାଚନରେ ଅବତୀର୍ଣ୍ଣ ହୋଇ ନ ଥିଲେ ମଧ୍ୟ ନେତା ଓ ନେତୃତ୍ୱ ଗଠନ କରିବାରେ ସେ ସିଦ୍ଧହସ୍ତ ଥିଲେ । ଅଣ-କଂଗ୍ରେସ ରାଜନୀତିର ଜଣେ ବାର୍ତ୍ତାବହ ଭାବେ ଜୀବନ ତମାମ୍ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ଏକ ମାଇଲଖୁଣ୍ଟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ମଧୁସୂଦନ ସାହୁ, ପୂର୍ବତନ କର୍ପୋରେଟର ଧର୍ମେଶ ନାୟକ, କେଦାର ପୃଷ୍ଟି, ଭିକାରୀ ଦାସ, କେଦାରନାଥ ବେହେରା, ପ୍ରଫୁଲ୍ଲ ସିଂ, ଯୁଗଳ ନାୟକ, ରବି ସାମଲ, ଜନ୍‌ସନ୍ ମହାପାତ୍ର, ମହମ୍ମଦ ସକିଲ, ପ୍ରଶାନ୍ତ ନାୟକ, ଜ୍ୟୋତିପ୍ରକାଶ ଘୋଷ, ବିଶ୍ୱରଞ୍ଜନ ମିଶ୍ର, ସିଦ୍ଧାର୍ଥ ରାୟ, ବିଜୟ ବେହେରା, ମାନସ ଦାସ, ଦେବାଶୀଷ ରାୟ, ଅଭିଶେଖ ଘୋଷ, ଆଶିଷ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ପୂର୍ଣ୍ଣଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

### କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ

# କାରଗିଲ ଯୋଦ୍ଧା ଯୋଗେନ୍ଦ୍ର ସିଂଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା ୧୧ (ନି.ପ୍ର.) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ କାରଗିଲ ଯୋଦ୍ଧା ପରମବୀର ଚକ୍ର ବିଜୟୀ ସୁବେଦାର ମେଜର ଯୋଗେନ୍ଦ୍ର ସିଂ ଯାଦବଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ




ଏନସିସି କ୍ୟାଡେଟମାନଙ୍କ ଦ୍ୱାରା ଅନୁଷ୍ଠିତ ସ୍ୱାଗତ ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ଡଃ. ଜ୍ଞାନୀନ୍ଦ୍ର ଦାଶ, ସ୍ୱାମୀ ସୁଧାନନ୍ଦ ଜୀ ଓ ସ୍ୱାମୀ ସମର୍ପଣା ନନ୍ଦ ଗିରି ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ । ମେଜର ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । କଲେଜ ଅଧ୍ୟକ୍ଷ ପ୍ରଫେସର ଶ୍ରୀ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡଃ. ଗୋଛାୟତ ସଭାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ସୁବେଦାର ମେଜର ଯୋଗେନ୍ଦ୍ର ସିଂ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶପ୍ରେମ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଉତ୍ତମ ନାଗରିକ ହେବା ପାଇଁ ଏହା ନିତ୍ୟାନ୍ତି ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ମେଜର ଯାଦବଙ୍କୁ କଲେଜ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କ୍ୟାପ୍ଟେନ ସୀମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଟ୍ରିକ ଜିଲ୍ଲା ଟପର ମୋନାଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ



କେନ୍ଦ୍ରାପଡ଼ା, ୧୧ (ନି.ପ୍ର.) : ଚଳିତ ମାଟ୍ରିକ ପରୀକ୍ଷାରେ ଜିଲ୍ଲା ଟପର ହୋଇଥିବା ଡେରାବିଶ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୋନାଶ୍ରୀ ବିଶ୍ୱାଳଙ୍କୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ପୁଷ୍ପଗୁଚ୍ଛ, ଉତ୍ତରୀୟ. ପେନ ଡାଏରୀ ପ୍ରଭୃତି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି । ମୋନାଶ୍ରୀ ମୋଟ ୬୦୦ ନମ୍ବରରୁ ୫୮୫ ନମ୍ବର ଅର୍ଥାତ ୯୭.୫୭ ପ୍ରତିଶତ ମାର୍କ ରଖି କେନ୍ଦ୍ରାପଡ଼ା ଜିଲ୍ଲାରେ ଟପ୍ପର ହୋଇଛନ୍ତି । ଏଥିସହିତ ଜିଲ୍ଲାପାଳ ମୋନାଶ୍ରୀକୁ ୩୦ ହଜାର ଟଙ୍କାର ଏକ ଚେକ ପ୍ରଦାନ କରିବା ସହିତ ତାର ପାଠପଢା ପାଇଁ ଭବିଷ୍ୟତରେ ସମସ୍ତ ସାହାଯ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପିତାମ୍ବର ସାମଲ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ପ୍ରଧାନଶିକ୍ଷକଙ୍କ ସଫଳତା ଅର୍ଜନ




ଦଶରଥପୁର,୧୧ (ନି.ପ୍ର.) : ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣ ଓ ବ୍ୟବହାର ସମ୍ବନ୍ଧରେ ସଚେତନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଏନର୍ଜି କ୍ଲବ୍ ମାନ ଖୋଲା ଯାଇଛି । ଏହି ଉପଲକ୍ଷେ ଉକ୍ତ କ୍ଲବ ରହିଥିବା ଏକ ହଜାରଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ / ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧରେ କୁଇଜ ପ୍ରତିଯୋଗିତା ରାଜ୍ୟ ସରକାରଙ୍କ ପରିବେଶ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ୫ ଜଣ ଶିକ୍ଷକଶିକ୍ଷୟିତ୍ରୀ / ପ୍ରଧାନ ଶିକ୍ଷକ କୃତିତ୍ୱ ଲାଭ କରିଥିଲେ । ଗତ ୨ ତାରିଖ ଦିନ ୩ୟ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହର ଉଦଯାପନୀ ଦିବସରେ ଭୁବନେଶ୍ୱରର ଲୋକ ସେବା ଭବନଠାରେ ଦଶରଥପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ଼ଃ ଅକ୍ଷୟ କୁମାର ପଣ୍ଡାଙ୍କୁ ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଭାଗିୟ ପ୍ରମୁଖ ଶାସନ ଶଚିବ ନିକୁଞ୍ଜ ବିହାରୀ ଧଳ, ଜାତୀୟ ବିଦ୍ୟୁତ୍ ସୁରକ୍ଷା କମିଟିର ସଭ୍ୟ ଗୌତମ ରାୟ ଏବଂ ବିଦ୍ୟୁତ୍ ବିଭାଗର ମୁଖ୍ୟ ଯନ୍ତ୍ରୀ ସୁରେଶ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ରହି ଟ୍ରଫି, ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ସଫଳତା ନିମନ୍ତେ ଡ଼ଃ ପଣ୍ଡାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ପ୍ରଦାନ କରାଯାଇଛି ।

### ୪୨ ମୌଜାରେ ବନମହୋତ୍ସବ ପାଳନ ଓ

# ପ୍ରକୃତି ବନ୍ଧୁ ନବକିଶୋରଙ୍କ ଜଙ୍ଗଲ ସୃଷ୍ଟି ଅଭିଯାନ

କଟକ, ୧୧ (ନି.ପ୍ର.) : କଟକ ସଦର, ୪୨ମୌଜା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମପଞ୍ଚାୟତ,ଶ୍ରୀରାମ ରେ ବନ ମହୋତ୍ସବ ସପ୍ତାହ ଓ ନବ ଦିନ ବ୍ୟାପୀ ପବିତ୍ର ରଥଯାତ୍ରା ପାଳନ ସପ୍ତାହ ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରକୃତି ବନ୍ଧୁ ନବକିଶୋର ପଣ୍ଡା ଦୀର୍ଘ ୩୦ ବର୍ଷ ଧରି ଅବ୍ୟାହତ ରଖିଥିବା ଜଙ୍ଗଲ ସୃଷ୍ଟି ଅଭିଯାନରେ ଚଳିତ ବର୍ଷ, ଏକ ହଜାର ସଂଖ୍ୟା ବିଶିଷ୍ଟ ପୁଣି ଏକ ନୂତନ ଜଙ୍ଗଲ ସୃଷ୍ଟି ପାଇଁ କ୍ଷେତ୍ର ପ୍ରସ୍ତୁତି କରିଛନ୍ତି । ଏହି ଅବସରରେ ପ୍ରକୃତି ବନ୍ଧୁଙ୍କର ଏହି ଅଭିଯାନକୁ ଉତ୍ସାହିତ କରିବା ପାଇଁ



'ସମର୍ପିତ କଟକ ପରିବାର' ଅଧିକାରୀ ଦୁର୍ଗା ଚରଣ ପ୍ରଧାନ ଙ୍କ ନେତୃତ୍ୱରେ ଅଧିକାରୀ , ସାମାଜିକ ନ୍ୟାୟ କର୍ମୀ ତଥା ପରିବେଶବିତ ବସନ୍ତ କୁମାର ପଣ୍ଡା ପ୍ରାଥମିକ ବୃକ୍ଷ ରୋପଣ ସ୍ୱରୂପ ତୁଳସୀ ବୃକ୍ଷ ଓ କଦଳୀ ବୃକ୍ଷ ପକାଇ ଏହି ବିଶ୍ୱ ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମର୍ପିତ କଟକ ପରିବାର ମହନ୍ତ ଭଗବତୀ ପ୍ରସାଦ ପତି , ଚନ୍ଦନ ପଣ୍ଡା , ରିଙ୍କୁନ ଦିକ୍ଷୀତ, ଚିତ୍ତରଞ୍ଜନ ପଣ୍ଡା , କୁନୁରି ପାଣିଗ୍ରାହୀ,ଜ୍ୟୋତି ରଞ୍ଜନ ମହାନ୍ତି , ହେମନ୍ତ ଖଟୁଆ ଓ ସନ୍ତୁଆ ଆଚାର୍ଯ୍ୟ ପ୍ରଭୃତି ଉପସ୍ଥିତ ରହି ସମସ୍ତ ପ୍ରକାର ସାହାର୍ଯ୍ୟ ସହଯୋଗ କରିଥିଲେ । ବୃକ୍ଷ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବା ଫଳରେ ବିଶ୍ୱ ତାପମାତ୍ରା ବଢି ଚାଲିବା ଓ ଅମ୍ଳଜାନ ଅଭାବ ଦିନକୁ ଦିନ ମଣିଷ ସମାଜ ପାଇଁ ମହା ବିପଦ ସୃଷ୍ଟି କରି ଚାଲିଛି । ଏଣୁ ଆଗାମୀ ଦିନରେ ବୃକ୍ଷରୋପଣ ଓ ସଂରକ୍ଷଣ ପାଇଁ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ କରାଯିବ ବୋଲି ସମର୍ପିତ କଟକ ପରିବାର ଅଧିକାରୀ ଓ ମହନ୍ତ ପ୍ରକାଶ କରିଛନ୍ତି ।

# ପ୍ରେସ୍ କ୍ଲବ ଦଶରଥପୁର ଗଠିତ

ଦଶରଥପୁର, ୧୧ (ନି.ପ୍ର.) : ଦଶରଥପୁର ବ୍ଲକ ଅଧିନସ୍ଥ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ନୂତନ ସଂଗଠନ ପ୍ରେସ କ୍ଲବ ଦଶରଥପୁର ଗଠନ କରାଯାଇଛି । ଆଜି ଏହି ଅବଶରରେ ଥାଲକୁଡି ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ଏକ ବୈଠକ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସର୍ବସମ୍ମତି କ୍ରମେ ପ୍ରେସ କ୍ଲବର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ଚନ୍ଦ୍ରଶେଖର ସାହୁ ସଭାପତି ,ସବ୍ୟସାଚୀ ଦାସ ଉପସଭାପତି ,କୌଶିକ ଦାସ ସଂପାଦକ,ଜ୍ୟୋତି ପ୍ରକାଶ ମିଶ୍ର ସହ ସଂପାଦକ,ସୈରେନ୍ଦ୍ର ସାମଲ କୋଷାଧ୍ୟକ୍ଷ ଓ ବିଶ୍ୱଭୂଷଣ ବିଶ୍ୱାଳ ଆବାହକ ଭାବରେ ନିର୍ବାଚିତ ହୋଇଥିଲେ । ବରିଷ୍ଠ ସାମ୍ବାଦିକ ମାନସ ଜେନା ନିର୍ବାଚନ ପରିଚାଳନା କରିଥିବାବେଳେ ସାମ୍ବାଦିକ ଅକ୍ଷୟ କୁମାର ଦାସ ତାଙ୍କୁ ସହଯୋଗ କରିଥିଲେ । ସାମ୍ବାଦିକ ବିରଜା ପାଣି ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାସ୍ତାରେ ମହିଳାଙ୍କୁ ଛାଡ଼ି ଚମ୍ପଟ ମାରିଲେ ସ୍ୱାମୀ

# ଉଦ୍ଧାର କଲା ଅସହାୟ ମହିଳା କେନ୍ଦ୍ର

ଦଶରଥପୁର ୧୧ (ନି.ପ୍ର.) : ଭଲ ପାଇ ବିବାହ କରିଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ବଳ ପୂର୍ବକ ଘରୁ ବାଇକରେ ଆଣି ପୁନର୍ବାର ଘରକୁ ନ ଫେରିବାକୁ ଧମକ ଦେବା ସହିତ ରାସ୍ତାରେ ଛାଡ଼ି ଚମ୍ପଟ ମାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିବା ବେଳେ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ଉଦ୍ୟମରେ ସମ୍ପୃକ୍ତ ମହିଳାଙ୍କୁ ଅସ୍ଥାୟୀ ଅସହାୟ ମହିଳା ରହଣି କେନ୍ଦ୍ର ସଖୀରେ ଥଇଥାନ କରାଯାଇଥିବା ଜଣାଯାଇଛି । ସୂଚନାମୁତାବକ ଦଶରଥପୁର ବ୍ଲକ ତଥା ଯାଜପୁର ଟାଉନ ଥାନା ଚିତାଲୋ ପଞ୍ଚାୟତ ନଡ଼ିଆବାଗ ଦଳିତ ସାହିର ଟୁଲୁ ଯେନା (୨୨) ସମ୍ପୃକ୍ତ ଥାନା ମହାବୀର ଛକ ଅଞ୍ଚର ସୀମା ଦାସ (୧୮) ନାମକ ଜଣେ ଯୁବତୀଙ୍କୁ ପ୍ରେମ କରିଆସୁଥିଲେ । ପ୍ରାୟ ୧ ବର୍ଷ ପୂର୍ବେ ଦୁହେଁ ପରିବାରର ଅଗୋଚରରେ ଘରୁ ଲୁଚି ବିବାହ କରିଥିଲେ । କିଛି ଦିନ ବାହାରେ ଘର ଭଡା ନେଇ ଦୁହେଁ ସ୍ୱାମୀ ସ୍ତ୍ରୀ ଭାବେରହିବା ପରେ ଟୁଲୁ ସୀମାଙ୍କୁ ନିଜ ଚିତାଲୋ ନଡ଼ିଆବାଗ ସ୍ଥିତ ଘରେ ଆଣି ରଖିଥିଲେ । ଏହା ମଧ୍ୟରେ ଉଭୟଙ୍କ ଏକ ୭ ମାସର କନ୍ୟା ସନ୍ତାନଟିଏ ରହିଛି । ମାତ୍ର କିଛି ଦିନ ହେବ ଟୁଲୁ ଦୈନିକ ନିଶା ସେବନ ପତ୍ନୀ ସୀମାଙ୍କୁ ଶାରିରୀକ ନିର୍ଯ୍ୟାତନା ଦେଇଆସୁଥିବା ବେଳେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ସୀମାଙ୍କୁ ଘରେ ମାଡ଼ ମାରିବା ସହିତ ବଳପୂର୍ବକ ଘରୁ ବାଇକ୍‌ରେ ଆଣି ଯାଜପୁର - ସିଂହପୁର ମୁଖ୍ୟ ସଡ଼କ ପଥ ଖଣ୍ଡରା ଛକ ନିକଟରେ ଓହ୍ଲାଇ ଦେବା ସହିତ ଆଉ ଘରକୁ ନ ଫେରିବାକୁ ଧମକ ଦେଇଥିଲେ ।

# ଟିପିସିଓଡିଲ ଓ ରେଡ଼ଟେକ ସଲ୍ୟୁସନ ତରଫରୁ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

କଟକ, ୧୧ (ନି.ପ୍ର.) : ତୃତୀୟ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳନ ଅବସରରେ ଟିପିସିଓଡିଲ ଓ ରେଡିଟେକ ତରଫରୁ ଖାନ ନଗର ହାଇସ୍କୁଲ ଠାରେ ପ୍ରଧାନଶିକ୍ଷକ ସମାଜସେବୀ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଓ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା



ଅଧିକାରୀ ଶ୍ରୀମତୀ ପ୍ରଗତି ମହାନ୍ତି , ସମ୍ମାନୀତ ଅତିଥି ରୂପେ ଡିଭିଜନ ସୁରକ୍ଷା ଅଧିକାରୀ ମଦନ ମୋହନ ମିଶ୍ରଆ , ମୁଖ୍ୟବକ୍ତା ରୂପେ ଡିଭିଜନ ସୁରକ୍ଷା ଅଧିକାରୀ ସୁଜ୍ଞାନ ମାଝୀ, ଯୁବ ସମାଜସେବୀ ସୌମ୍ୟରଂଜନ ଭୂୟାଁ , ଡିଭିଜନହେଡ ମନୋଜ ବିଶ୍ୱାଳ, ଡିଭିଜନ ସେଫଟି ହେମନ୍ତ କୁମାର ସାହୁ , ଇଂ ସିଦ୍ଧାର୍ଥ ଦାସ, ଇଂ ରଶ୍ମିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଦ୍ୟୁତ ସୁରକ୍ଷା ଉପରେ ପିଲାମାନଙ୍କୁ ସଚେତନ କରାଇଥିଲେ । ବିଦ୍ୟୁତ ସୁରକ୍ଷା ଉପରେ ଏକ ପ୍ରତିଯୋଗିତା କରାଯାଇ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ରାଜଶ୍ରୀ ସାହୁ, ଡ଼ଃ ସୁଜାତା ମହାପାତ୍ର, ଦିପ୍ତୀବାଲା ସାହୁ , ଦୀପିକା ବିଦ୍ଧାଣି, ମିତାଲି ମହାନ୍ତି, ସନ୍ତୋଷ କୁମାର ଖୁଣ୍ଟିଆ ଓ ପ୍ରତାପ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜୟନ୍ତୀ ସମାରୋହ

# ନିଷ୍ଠା, ଆନ୍ତରିକତା ଓ ପ୍ରତିବଦ୍ଧତା ଥିଲା ଭାଗବତବାବୁଙ୍କ ଶ୍ରେୟ : ବିଜୟ ପଟ୍ଟନାୟକ

କେନ୍ଦ୍ରାପଡ଼ା, ୧୧/୦୭ (ନି.ପ୍ର): ଜନତାଙ୍କ ସେବା କରିବା ପାଇଁ ନିଷ୍ଠା, ଆନ୍ତରିକତା ଓ ପ୍ରତିବଦ୍ଧତା ଥିଲା ବିଶିଷ୍ଟ ରାଜନେତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ପାଖରେ ବୋଲି ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ





ମହାବିଦ୍ୟାଳୟରେ ଆୟୋଜିତ ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜନ୍ମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ କହିଛନ୍ତି । ସ୍ୱର୍ଗତ ମହାନ୍ତିଙ୍କର ମୂଲ୍ୟବୋଧ ଭିତ୍ତିକ ରାଜନୀତି ପ୍ରତି ପ୍ରତିବଦ୍ଧତା ଥିଲା । ମଣିଷକୁ ମଣିଷ ପରି ଗଢିତୋଳିବାକୁ ଭାଗବତବାବୁ ବିଭିନ୍ନ ଅନୁଷ୍ଠାନ ଗଢିତୋଳି ଥିଲେ । ତାଙ୍କର ସେହି ଆଦର୍ଶ ଓ ଲକ୍ଷ୍ୟର ସ୍ୱପ୍ନକୁ ପୂରଣ କରିବା ପାଇଁ ଆମକୁ ସମୟ ଏବଂ ସୁଯୋଗର ସଦ୍‌ଉପଯୋଗ କରିବାକୁ ପଡିବ ବୋଲି ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ତପନ କୁମାର ପତି କହିଥିଲେ ଯେ ଭାଗବତବାବୁ ଥିଲେ କେନ୍ଦ୍ରାପଡାର ଅର୍ଦ୍ଧଶତାର୍ଦ୍ଦିର ଇତିହାସ । ତାଙ୍କ ନିକଟରେ ମାନବୀୟ ମୂଲ୍ୟବୋଧ ଭରି ରହିଥିଲା । ସେ ଥିଲେ ସ୍ମୃତିର ସୌଧ, କେନ୍ଦ୍ରାପଡାର ଗାନ୍ଧୀ । ତାଙ୍କର ଦୃଢତା, ସ୍ପଷ୍ଟବାଦିତା, ସାଧୁତା ଓ ସଚ୍ଚୋଟତା ପାଇଁ ସେ ଲୋକଙ୍କ ପାଖରେ ଆଜିବି ଚିରସ୍ମରଣୀୟ ହୋଇ ରହିଛନ୍ତି । ସେ କେବଳ ରାଜନେତା ନଥିଲେ ଥିଲେ ରାଷ୍ଟ୍ରନେତା ବୋଲି ମୁଖ୍ୟବକ୍ତା ଶ୍ରୀ ପତି କହିଥିଲେ । ଟ୍ରଷ୍ଟର ସଦସ୍ୟ ଫକିର ଚରଣ ଖଟୁଆ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ସଞ୍ଚାଳନ କରିଥିଲେ । ସ୍ୱର୍ଗତ ଭାଗବତବାବୁ ଥିଲେ ଜଣେ ଦକ୍ଷ ରାଜନୈତିଜ୍ଞ, ଶିକ୍ଷାବିତ, ଅନେକ ଅନୁଷ୍ଠାନର ସ୍ରଷ୍ଟା, କେନ୍ଦ୍ରାପଡା ରାଜନୀତିର ଭିଷ୍ମପିତାମହ, କେନ୍ଦ୍ରାପଡାର ଗୌରବ, ଅପ୍ରତିଦ୍ୱନ୍ଦୀ ରାଜନେତା, ବିଶିଷ୍ଟ ସମାଜବାଦୀ ନେତା, କେନ୍ଦ୍ରାପଡାର ବାଇମୁଣ୍ଡି, ସ୍ୱକ୍ରୀୟ ପ୍ରତିଭା ବଳରେ ଇତିହାସକୁ ବଦଳେଇ ଦେଉଥିବା ନେତୃତ୍ୱ, ସୁଛତା, ସାଧୁତା, ସମୟାନୁବର୍ତ୍ତୀତାର ମୂର୍ତ୍ତିମନ୍ତ ପ୍ରତିକ ତଥା ସ୍ୱଛ, ନିଷ୍କପଟ ଓ ସତ୍ୟବାଦୀ ଭାବେ ରାଜନୀତିରେ ଜଣେ ଧୁରୀଣ ନେତା ଭାବରେ ସାରା ଓଡିଶାରେ ତାଙ୍କର ଥିଲା ସ୍ୱତନ୍ତ୍ର ସ୍ଥାନ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, କବୟତ୍ରୀ ଡଃ. ଅପର୍ଣ୍ଣା ମହାନ୍ତି, ପ୍ରାକ୍ତନ ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ କୁମାର ଜେନା ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ବିଶିଷ୍ଟ ସମବାୟବିତ ପ୍ରମୋଦ ସାହୁ, ଅଧ୍ୟାପକ ଅଜୟ ରାଉତ, ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ, ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି, କେନ୍ଦ୍ରାପଡା ଅର୍ବାନକୋପରେଟିଭ ବ୍ୟାଙ୍କର ପୂର୍ବତନ ସିଇଓ ସୁଶିଲ କୁମାର ସାମଲ, ବିଜେଡି ନେତା ଭଜକୃଷ୍ଣ ରାଉତ, 'ସ୍ୱାଧୀକାର' ସମ୍ପାଦକ ଅକ୍ଷୟ କୁମାର ପତି, ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ସାହୁ, ଗୋପାଳ ମାହାଲିକ, ସିପିଆଇ ନେତା ବାବାଜୀ ଧଳ, ବରିଷ୍ଠ ସାମ୍ବାଦିକ ପରିକ୍ଷୀତ ପାତ୍ର,, ଡା. ବିଶ୍ୱ ପ୍ରକାଶ କାନୁନଗୋ, ପ୍ରଫେସର କୁଞ୍ଜ ବିହାରୀ ପଣ୍ଡା, ବିଧୁଭୂଷଣ ମହାପାତ୍ର, ମହେନ୍ଦ୍ର ପରିଡା, ଗୋପାଳକୃଷ୍ଣ ଜେନା,ରଶ୍ମୀରଞ୍ଜନ ଚୌଧୁରୀ, ରତିକାନ୍ତ କାନୁନଗୋ, ମହମ୍ମଦ ଆକବର ଅଲ୍ଲୀ, ଯୁବ ବିଜେଡି ଜିଲ୍ଲା ସଭାପତି ରାଜେଶ ଦାସ,ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, କରୁଣାକର ଦାସ, ପ୍ରାକ୍ତନ ନଗରପାଳ ଧିରେନ ସାହୁ, ଶ୍ରୀକାନ୍ତ ନାୟକ, ପ୍ରଫୁଲ୍ଲ ସାହୁ, କବୟିତ୍ରୀ ବୀଣାପାଣୀ ଚୌଧୁରୀ, ସମାଜସେବୀ ଗାୟତ୍ରୀ ମହାନ୍ତି, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ମୁକ୍ତାର ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବାରୋ ଭାବଗ୍ରାହୀ କଳାନିକେତନର ଶିକ୍ଷୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଟ୍ରଷ୍ଟି ବସନ୍ତ କୁମାର ସେଠୀ ବିବରଣୀ ପ୍ରଦାନ କରିଥିବା ବେଳେ ଶରତ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂପାଦକୀୟ

## ଶୃଙ୍ଖଳିତ ଘୋଷଯାତ୍ରା

ଆଜି ଅନୁଷ୍ଠିତ ହେବାକୁ ଯାଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। କେବଳ ଓଡ଼ିଶା ନୁହେଁ, ବିଶ୍ୱର କୋଣ ଅନୁକୋଣରୁ ଭକ୍ତଟିଏ ଏହି ମହାନ୍ ଯାତ୍ରା ଦେଖିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଛୁଟି ଆସିଥାଏ ଶ୍ରୀକ୍ଷେତ୍ର ପୁରୀକୁ। ଗତ ଦୁଇ ବର୍ଷ ହେବ ମହାମାରୀ କରୋନା ସଂକ୍ରମଣ ପାଇଁ ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ହୋଇଥିବା ବେଳେ ଚଳିତ ବର୍ଷ ଭକ୍ତଙ୍କ ଗହଣରେ ମହାପ୍ରଭୁଙ୍କ ଏହି ମହାନ୍ ଯାତ୍ରା ଅନୁଷ୍ଠିତ କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏଥିନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସରକାରୀ ନିଷ୍ପତ୍ତିକୁ ନେଇ ଶ୍ରଦ୍ଧାଳୁମାନେ ମଧ୍ୟ ବେଶ୍ ଉତ୍ସାହିତ ହୋଇ ଉଠିଛନ୍ତି। ଚଳିତବର୍ଷ ରଥ ଯାତ୍ରାରେ ଦଶଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀପତିକାନ୍ତି ଯେପରି ଶୃଙ୍ଖଳିତ ଭାବେ ସମାପନ ହୁଏ, ସେଥିନେଇ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ଭକ୍ତଙ୍କ ସୁରକ୍ଷା ପାଇଁ ମଧ୍ୟ ବ୍ୟାପକ ପଦକ୍ଷେପ ନିଆଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ, ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ, ପାନୀୟ ଜଳ, ନିରବିଚ୍ଛିନ୍ନ ବିଜୁଳି ଯୋଗାଣ ଇତ୍ୟାଦି ପାଇଁ ବ୍ୟବସ୍ଥା କରାଯାଇଛି। ଅପରାଧୀ ତତ୍ତ୍ୱଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଶ୍ରୀମନ୍ଦିର ଭିତରେ ଓ ବାହାରେ ଏବଂ ବଡ଼ଦାଣ୍ଡରେ ଚାଳିଶିରୁ ଊର୍ଦ୍ଧ୍ୱ ସିସିଟିଭି ଲଗାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୮୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ପୁରୀ ଏସ୍‌ପି କହିଛନ୍ତି। ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମାପନ ହୁଏ, ସେ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶେଷ ସମନ୍ୱୟ ବୈଠକ ବସି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ଛତିଶାନିଯୋଗ ବୈଠକରେ ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଅଧିକ ସଂଖ୍ୟକ କୋଷ୍ଟଗାର୍ଡ଼ଙ୍କୁ ମୁତୟନ ସହ କଡ଼ା ପଇଁତରାର ବ୍ୟବସ୍ଥା କରାଯାଇଛି। ମୋଟାମୋଟି ଭାବେ ଚଳିତବର୍ଷର ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହା ନିଶ୍ଚିତ ଭାବେ କୁହାଯାଇପାରେ। ଏ କ୍ଷେତ୍ରରେ ଆମ ମାନଙ୍କର ମଧ୍ୟ କିଛି ଗୁରୁଦାୟିତ୍ୱ ରହିଛି। ଏବେ ବି ଦେଶ କିମ୍ବା ଆମ ରାଜ୍ୟରୁ କରୋନା ସଂକ୍ରମଣ ସମ୍ପୂର୍ଣ୍ଣ ଭାବେ ଦୂର ହୋଇନାହିଁ। ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଲେ ଏହା ପୁଣି ଥରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଯେଉଁମାନଙ୍କ ଦେହରେ କରୋନା ସଂକ୍ରମଣ ରହିଛି, ସେମାନେ ଏହି ମହାନ୍‌ଯାତ୍ରାରୁ ନିଜକୁ ଦୂରେଇ ରଖିବା ଉଚିତ୍। ସେହିପରି ସମସ୍ତେ କରୋନା ନିୟମ ପାଳନ ସହ ମାସ୍କ ପରିଧାନ କରିବା ଜରୁରୀ। ଡବଲଡୋଜ୍ ଟିକା ନେଇ ଥିବା ବ୍ୟକ୍ତି ଏହି ଯାତ୍ରାରେ ସାମିଲ ହେବାରେ ଅସୁବିଧା ନାହିଁ। ତେଣୁ ମହାପ୍ରଭୁଙ୍କ ଏହି ମହାନ ଯାତ୍ରା ଯେପରି ଶୃଙ୍ଖଳିତଭାବେ ଶେଷ ହେବ ତାହା ସମସ୍ତଙ୍କ ଧ୍ୟେୟ ହେବା ଉଚିତ୍।

# ଘୋଷଯାତ୍ରାର ଅନ୍ୟ ନାମ ଆନନ୍ଦମୟ ଯାତ୍ରା

ଶ୍ରୀଜଗନ୍ନାଥ କହିଲେ କେବଳ କାଳିଆ ସାଆନ୍ତ ଜଗନ୍ନାଥଙ୍କୁ ବୁଝାଏ ନାହିଁ । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସଦୁର୍ଶନ-ଏହି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବୁଝାଇ ଥାଏ। ସେହିପରି ରଥଯାତ୍ରା କହିଲେ ଜଗନ୍ନାଥଙ୍କର ନନ୍ଦିଘୋଷ ରଥର ଯାତ୍ରା କେବଳ ପ୍ରକାଶିତ ହୋଇନଥାଏ । ଏହା ଦ୍ୱାରା ବଳଭଦ୍ରଙ୍କ ତାଳଧ୍ୱଜ ଓ ସୁଭଦ୍ରାଙ୍କ ସହିତ ସୁଦର୍ଶନ ଯାତ୍ରା କରୁଥିବା । ଦେବଦଳନ ରଥଯାତ୍ରାକୁ ବୁଝାଏ । ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିରରୁ ବାହାରି ତିନି ରଥରେ ବିଜେ ହୋଇ ଶ୍ରୀଗୁଣ୍ଡିଚି। ମନ୍ଦିର ଅଭିମୁଖେ କରୁଥିବା ଯାତ୍ରା ଘୋଷଯାତ୍ରା ନାମରେ ଜଗତରେ ଖ୍ୟାତି ଲାଭ କରିଛି । ଶ୍ରୀ ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ ରଥ । ନନ୍ଦି ଅର୍ଥ ଆନନ୍ଦ । ଆନନ୍ଦଜନକ ଘୋଷ ଯାହାର ସେ ନନ୍ଦିଘୋଷ । ଅନ୍ୟ ଶବ୍ଦରେ କହିଲେ ଏହା ମଙ୍ଗଳଘୋଷଣା । ହର୍ଷମୟ ଘୋଷଯୁକ୍ତ ଯାତ୍ରା । ଘୋଷଯାତ୍ରାର ଅନ୍ୟ ନାମ ଶ୍ରୀଗୁଣ୍ଡିଚି । ଯାତ୍ରା । ଶ୍ରୀ ଅର୍ଥ ଲକ୍ଷ୍ମୀଓ ଗୁଣ୍ଡିଚି । ଅର୍ଥ ଶ୍ରୀଜୀଉଙ୍କ ମାଉସୀଙ୍କ ନାମ । ଶ୍ରୀ ଲକ୍ଷ୍ମୀଙ୍କ ଠାରୁ ବିଚ୍ଛେଦ ହୋଇ ଭଉଣୀ ସୁଭଦ୍ରା ଓ ଭାଇ ବଳଭଦ୍ରଙ୍କ ସହିତ ଗୁଣ୍ଡିଚା ମାଉସୀଙ୍କ ଗୃହକୁ ଯାତ୍ରା ବା ଲକ୍ଷ୍ମୀ ଓ ଗୁଣ୍ଡିଚାଙ୍କ ବ୍ୟବଧାନରେ ହେଉଥିବା ଯାତ୍ରାକୁ ଶ୍ରୀଗୁଣ୍ଡିଚା ଯାତ୍ରା କୁହାଯାଏ । ଘୋଷ ଶବ୍ଦର ତେରଟି ଅର୍ଥ ରହିଛି। ତନ୍ମଧ୍ୟରୁ ଚାରୋଟିର ଅର୍ଥ ହେଲା-ଘୋଘୋ, ଉଚ୍ଚ ଧ୍ୱନି, ଚିତ୍କାର ଓ ଗର୍ଜନ। ଘୋଷଯାତ୍ରା ହିଁ ଧ୍ୱନିଯାତ୍ରା। ଜଗନ୍ନାଥ ଯେଉଁ ରଥରେ ବସି ଯାତ୍ରା କରନ୍ତି ସେହି ରଥର ନାମ ନନ୍ଦିଘୋଷ। ଶିବଙ୍କର ଦ୍ୱାରପାଳ ନନ୍ଦି । ନନ୍ଦିଙ୍କର ଭୟଙ୍କର ଘୋଷ(ରାବ/ରଡ଼ି) ଶୁଣି ରାବଣ ଯେପରି ଭୟଭୀତ ହୋଇ ପଳାୟନ କରିଥିଲା ସେହିପରି ରଥଚକର ଘଘର୍ର

ଘୋଷ ଶୁଣି ରାବଣ ପରି ଅଧମମାନଙ୍କ ମନରେ ଭୀତି ସଞ୍ଚାର ହୋଇଥାଏ । ଅନ୍ୟ ପକ୍ଷରେ ନନ୍ଦିଘୋଷର ଅର୍ଥ ଶୁଭ ଘୋଷଣା । ଯେଉଁମାନେ ଭଗବତ୍ ପ୍ରେମୀଓ ଜଗନ୍ନାଥଙ୍କ ପ୍ରତି ଶ୍ରଦ୍ଧାଶୀଳ ଅନଗୁତ,ସେମାନଙ୍କ ମାନସପଟରୁ ପାର୍ଥିବ ବଷି ହରଣ ହୁଏ। ଆଧ୍ୟାତ୍ମିକ ଚେତନାର ଉନେଷ୍ମ ଘଟେ । ତେଣୁ ନନ୍ଦିଘୋଷ ରଥର ଘୋଷ ବା ଉଚ୍ଚଧ୍ୱନି ଆନନ୍ଦର ଘୋଷରେ ରୂପାନ୍ତରତି ହୁଏ । ଘୋଷ ଶବ୍ଦର ଅର୍ଥ ମଧ୍ୟ ଉଦ୍‌ଘୋଷଣା। ଉତ୍କଳୀୟ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ଏହି ରଥଯାତ୍ରା ସମାଜରେ ସତ୍ୟ, ଧର୍ମ, ନ୍ୟାୟ,ଐକ୍ୟ, ଶାନ୍ତି ଓ ପ୍ରେମ-ଏହି ଦିବ୍ୟ ମହନୀୟ ଆଦର୍ଶ ପ୍ରତିଷ୍ଠାର ବାର୍ତ୍ତା ଉଦ୍‌ଘୋଷଣା କରୁଥିବାରୁ ଏହି ଯାତ୍ରାକୁ ଘୋଷଯାତ୍ରା ବୋଲି କୁହାଯାଏ। ମାନବୀୟ ମହାମନ୍ତ୍ର ଉଦ୍‌ଘୋଷିତ ହୋଇ ସମ୍ପ୍ରତି ଏହା ବିଶ୍ୱର ସର୍ବବୃହତ୍ ଲୋକ କଲ୍ୟାଣକାରୀ ମଙ୍ଗଳମୟ ମହୋତ୍ସବ ରୂପରେ ପ୍ରତିଭାତ ହୋଇଛି। ଘୋଷଯାତ୍ରାରେ ନାନା ବାଦ୍ୟର ଝଙ୍କାର : ଆମର ରଥଯାତ୍ରାର ନିୟମରେ ଉଲ୍ଲେଖ ଅଛି ଯେ ରଥଯାତ୍ରା କାଳରେ ବାଦ୍ୟ, ଗୀତ ଓ ନୃତ୍ୟ ପ୍ରଭୃତି ପରବେଷବିତ ହେବ। ନୃତ୍ୟ ଓ ଗୀତର ମୂଳ ହେଉଛି ବାଦ୍ୟ । ବାଦ୍ୟ ନବାଜିଲ ନୃତ୍ୟଗୀତର ତାଳଲୟ ରକ୍ଷା କରି ହୁଏ ନାହିଁ। ଏ ସଂସାରର ଆଦ୍ୟ ସୃଷ୍ଟି ହେଉଛି ଧ୍ୱନି ଏବଂ ଆଦ୍ୟ ଧ୍ୱନି ହେଉଛି ଓଁକାର। ଏହି ଓଁକାର ଧ୍ୱନି ହେଉଛି ପରଂବ୍ରହ୍ମଙ୍କ ପରିବର୍ତ୍ତିତ ନାମ ଓ ରୂପ । ଆନନ୍ଦଦାୟକ ଧ୍ୱନି ହିଁ ବାଦ୍ୟ । ମଙ୍ଗଳ କର୍ମରେ ବାଦ୍ୟ ପ୍ରଯୋଜନ। ରଥଯାତ୍ରା ଅବସରରେ ଘନବାଦ୍ୟ ଘଣ୍ଟା, ଘଣ୍ଟି, ବୀଣା, ବେଣୁ, ମୃଦଙ୍ଗ, ମର୍ଦ୍ଦଳ, ବୀର କାହାଳୀ, ଭେରୀ ଦୋସରି, ମେଘା, ଶଙ୍ଖ, ନିଶାଣ(ଛୋଟ ନାଗରା), ଟମକ, ଝାଞ୍ଜ ଓ ଗିନି ଆଦି ନାନା ପ୍ରକାର ଦେବବାଦ୍ୟର ନାଦରେ ବଡ଼ଦାଣ୍ଡ ଫାଟି ପଡୁଥାଏ । ବିଶେଷ କରିପ୍ରସଦ୍ଧି ଘୋଷଯାତ୍ରା କାଳୀନ ଅପୂର୍ବ ଦୃଶ୍ୟରାଜି ମଧ୍ୟରେ ଘଣ୍ଟୁଆମାନଙ୍କର ଘଣ୍ଟନାଦର ପରିବେଷଣ ଶୈଳୀ ଅନନ୍ୟ । ରତ୍ନବେଦୀରୁ ବାଇଶି ପାହାଚ ଦେଇ ସେବକମାନେ ତିନି ଦିଅଁଙ୍କୁ ପହଣ୍ଡି ବିଜେ କରିବା ବେଳେ ଶ୍ରୀଜୀଉଙ୍କ ମଥାରେ ଟାହିଆ ଦୋଳାୟମାନ ହେଉଥାଏ । ଘଣ୍ଟୁଆଙ୍କ ପୁଣ୍ୟପ୍ରଦ,ଦେବଦେବୀଙ୍କ ପୂଜୋପଚାରର ଅଙ୍ଗ ତଥା କଳିକଳଷ୍ମ ନାଶକ ଘଣ୍ଟନାଦର ତାଳ ଓ ଲୟ ସହ ସମନ୍ୱୟ ରକ୍ଷା କରି ଦୋଳାୟିତ ଏହି ଟାହିଆର ବିଚିତ୍ର ଗତି ଦେଖି ଭକ୍ତକୁଳ ଉଲ୍ଲସିତ ହୋଇ ଉଠନ୍ତି। ଶ୍ରୀ ଜୀଉଙ୍କ ପ୍ରସିଦ୍ଧ ଘୋଷ ଯାତ୍ରା କାଳୀନ ଅପୂର୍ବ ଦୃଶ୍ୟରାଜି ମଧ୍ୟରେ ଏହି ଘଣ୍ଟାନାଦ ସହିତ ନୃତ୍ୟ ଦେଖି କବି ପ୍ରମୋଦ ମହାନ୍ତି ଲେଖନ୍ତି :

ଜଗା ବାହାରିଚି ମାଉସୀ ଘର
ଉଠୁଛି ପଡୁଛୁ ଶିରୀକ୍ଷେତର
ଡାଉଁ ଡାଉଁ ଡାଉଁ ବାଜୁଚି ଘଣ୍ଟା
ଭକତ ନାଚନ୍ତି ହଲେଇ ଅଣ୍ଟା
ରଥ ଗଡିବ୍ ଆଗରେ ମାଉସୀ ଘର ପଡ଼ିବ ॥

ମଙ୍ଗଳଧ୍ୱନି ହରିବୋଲ, ହୁଳହୁଳିର ଓ ସ୍ତୋତ୍ରମନ୍ତ୍ରର ଅମୃତ ଧାରା : ରଥଯାତ୍ରାର ନିୟମ ହେଉଛି ବ୍ରାହ୍ମଣ ମାନେ ସାକନୁ ସୂତ୍ର ମଙ୍ଗଳ ଗାଥା ଓ ୍ତୁତି ପାଠ କରିବ। ଏହି ପରି ପ୍ରେକ୍ଷୀରେ 'ଶ୍ରୀଜଗନ୍ନାଥାଷ୍ଟକମ୍'ର ପଞ୍ଚମ ଶ୍ଳୋକଟି-ରଥାରୂଢୋ ଗଚ୍ଛନ୍.. ଲକ୍ଷ୍ୟଣୀୟ। ଏଥିରେ କୁହାଯାଇଛି ବ୍ରହ୍ମଙ୍କ ବାହ୍ମଣମାନେ ହେଉଛନ୍ତି ଭୂଲୋକର ଦେବତା। ଜଗନ୍ନାଥ ରଥରେ ଯାତ୍ରା କଲାବେଳେ ସେମାନେ ଠାଆକୁ ଠାଆ ଜଗନ୍ନାଥଙ୍କୁ ଭେଟନ୍ତି। ତାଙ୍କୁ ପ୍ରଣାମ ଜଣାଇ ନିଜର ତଥା ଜଗତବାସୀଙ୍କ ଦୁ୍ଃଖ ନିବେଦନ କରନ୍ତି। ସ୍ତୁତିପନ୍ତ୍ରି ଜଗନ୍ନାଥ ଏହପରି ସ୍ତୁତି ର ପ୍ରସନ୍ନ ହୁଅନ୍ତି ଓ ଭକ୍ତମାନଙ୍କ ଅଭୀଷ୍ଟ ପୂରଣ କରନ୍ତି। ଭକ୍ତମାନଙ୍କ ଜୟ ଜୟ ଜଗନ୍ନାଥ ଧ୍ୱନି, ପୁରୁଷମାନଙ୍କ ମୁଖଶବ୍ଦ ହରିବୋଲ ଓ ନାରୀମାନଙ୍କର ହୁଳହୁଳି, ବିପ୍ରମାନଙ୍କର ସ୍ତୁତିପ୍ରାଦୁର୍ଭାବ ଓ ଜନତାର କରତାଳିର ଅପୂର୍ବ ଝଙ୍କାର ଭଗବତ୍ ଉପସ୍ଥିତିର ପ୍ରତ୍ୟକ୍ଷ ଅନୁଭବ ଆଣିଦିଏ । ଏହି ଶବ୍ଦର ପରିବ୍ୟାପ୍ତିରେ ତିନି ଲୋକ ଆକୁଳ ହୋଇ ଉଠେ। ଅଖିଳ ବିଶ୍ୱବାସୀ ଭକ୍ତବତ୍ସଳ ମହାପ୍ରଭୁଙ୍କ ମାଧୁର୍ଯ୍ୟ ଲୀଳାର ରସ ଆସ୍ୱାଦନ କରି ଦିବ୍ୟ ଆନନ୍ଦରେ ଶିହରିତ ହୋଇ ଆତ୍ମବିସ୍ମୃତ ହୋଇ ପଡ଼ନ୍ତି । ଭକ୍ତମାନଙ୍କ କଣରୁ୍ ଝରି ପଡୁଥି୍ବା ଏହି ଶବ୍ଦବହ୍ମ୍ ଘୋଷର ସାନ୍ଦ୍ରତା ବହୁଗୁଣିତ କରଥି ।ଏ । ଏହା ଶ୍ରୋତାମାନଙ୍କର କର୍ଣ୍ଣ କୁହରରେ ପତ୍ର ଧି୍ନତି ହୋଇ ଆନନ୍ଦ ଓ ରସର ମଳି ନ କରାଇ



ଅମୃତଧାରା ହୃଦୟରେ ପବ୍ର ।ହତି କରାଏ : ନନ୍ଦିଘୋଷ ରଥେ ବସଛି କାଳିଆ ଜଗତ ମୋହିବା ପାଇଁ
ହରି ହରି ବୋଲ ଶବଦ ଶୁଭୁଛି ମନରେ ଆନନ୍ଦ ହୋଇ ॥
ବାଜେ ଶଙ୍ଖ ମଙ୍ଗଳ ମହୁରି ମଦ୍ଦର୍ଳ ବୀର କାହାଳୀ
ପୁରୁଷ ମାନଙ୍କ ହରି ବୋଲ ଧ୍ୱନି ନାରୀଙ୍କର ହୁଳହୁଳି ॥

ବାସ୍ତବରେ ହରିବୋଲ ହୁଳହୁଳି ଓ ନାନା ବାଦ୍ୟର ମଙ୍ଗଳ ଶବ୍ଦ ଯେତେ ଦୂର ଯାଏ ଶୁଭେ ସବୁ ପକ୍ର ।ର ଅଶୁଭ ଅମଙ୍ଗଳ ଓ ପାପ ତାପ ଦୁଃଖକେଶ୍ଳ ସେ ଅଞ୍ଚଳରୁ ଛାଡ଼ି ଆପଣା ଛାଏଁ ଦରୂ କୁ ପଳାଇଯାଏ। ରାଜାଧିରାଜଙ୍କ ରାଜକୀୟ ରୋଷଣି: ରାଜାଧିରାଜ ଜଗନ୍ନାଥ ଯାତ୍ରା କଲାବେଳେ ତାଙ୍କର ପାର୍ଶ୍ୱଦେବଦେବୀ, ପାତ୍ରମନ୍ତ୍ରୀ, ରାଜପରିଷଦ, ରାଜକର୍ମଚାରୀ ଓ ସେବକସେବାୟତ ସମସ୍ତଙ୍କୁ ସାଙ୍ଗରେ ଧରି ଯାଉଥା'ନ୍ତି । ସେଭଳି ଯାତ୍ରରେ ବାଜା ବାଜୁଥାଏ, ବାଣ ଫୁଟୁ ଥାଏ, ଗୀତନାଚର ଆସର ଜମୁଥାଏ ଓ ଭାଟରୂପୀ ଭକ୍ତମାନଙ୍କର ଜୟଜୟକାରରେ ଗଗନ ପବନ କମ୍ପି ଉଠୁଥାଏ। ଜଗନ୍ନାଥଙ୍କ ଆଗେ ଆଗେ ମାଳମାଳ ପତାକା ଉଡୁଥା'ନ୍ତି। କିଏ ଶ୍ରୀ ଜଗନ୍ନାଥଙ୍କ ଚଲାପଥର ଉଭୟପାର୍ଶ୍ୱରେ ଆଢେଣି ଧରି ପଥଚାରୀଙ୍କୁ ଜଗନ୍ନାଥଙ୍କ ଗନ୍ତବ୍ୟ ପଥରୁ ଆଡ଼େଇ ତାଙ୍କୁ ବାଟ କଢେଇ ନେଉଥା'ନ୍ତି । କଏି ରାଜକୀୟ ଚିହ୍ନ ଛତ୍ର ଓ କଏି (ଚମରୀ ପୁଚ୍ଛ ନିର୍ମିତ ବ୍ୟଜନ)ଚାମର ଧାରଣ କରି ପ୍ରଚଣ୍ଡ ତାପରୁ ଓ ଝାଞ୍ଜି ପବନରୁ ପ୍ରଭୁଙ୍କୁ ସୁରକ୍ଷା ଦେବା ସହିତ ସେବା ପ୍ରଦାନ କରୁଥା'ନ୍ତି । ଚାମରସେବା, ଉପାସ୍ୟ ଦେବତା ଜଗନ୍ନାଥଙ୍କ ଡ଼ା ହାଣ ପାର୍ଶ୍ୱରେ ରହି ବ୍ୟଜନରେ ମଦୃମୃଦୁ ପବନ ସେବା ପ୍ରଦାନ କରିବା, ନିମର୍ଳ ଦର୍ପଣ ସେବା ଦେବା, ଗୀତ ସହିତ ନୃତ୍ୟ ପରିବେଷଣ କରିବା, ସାଷ୍ଟାଙ୍ଗ ପ୍ରଣାମ କରବି । ସହତି ନାନା ବିଧ ସ୍ତୋତମ୍ରନ୍ତ ପାଠ କରିବା ହେଉଛି ଦେବପୂଜାର ଭିନ୍ନ ଭିନ୍ନ ମାଧ୍ୟମ । ମହାପ୍ରଭୁ ଗାନ୍ଧବର୍କଳା ପ୍ରିୟ ନୃତ୍ୟ, ଗୀତ ଓ ବାଦ୍ୟ-ଏହି ଗାନ୍ଧର୍ବ କଳା ଦେବତାମାନଙ୍କର ଭାରି ପ୍ରିୟ । ରଥଯାତ୍ରାରେ ବିଭିନ୍ନ ବ୍ୟକ୍ତି ବିଶେଷ, ଧର୍ମ ସମ୍ପ୍ରଦାୟ ଓ ଗୋଟିପୁଅ ନୃତ୍ୟ ବଡ଼ଦାଣ୍ଡର ଏକ ନୃତ୍ୟଶାଳାର ଭ୍ରମ ସୃଷ୍ଟି କରେ । ବାଦ୍ୟ ତାଳରେ ପରିବେଶତି ହେଉଥବି। ନୃତ୍ୟପ୍ରଦ ଦଶର୍ନୀକୁ ଦଶର୍କ ବନ୍ଧୃ ଅବଲୋକନ କରି ଭାବବିଭୋର ହୋଇ ପଡନ୍ତି। କେଉଁଠି ଭକ୍ତ ରାମପେମ୍ରରେ ବାଇ ହୋଇ ଭକ୍ତମନଲୋଭା ହନୁମାନ୍ ବେଶରେ ନୃତ୍ୟ ପରବେଶଣ କରୁଥାଏ ତ କେଉଁଠି କୃଷ୍ଣପ୍ରେମରେ ଛୋଟ ଶିଶୁ ଭକ୍ତଟିଏ ଅଧୀର ହୋଇ ମୁଣ୍ଡରେ ମୟୂର ଚୂଳ ବାନ୍ଧି କୃଷ୍ଣବେଶରେ ନାଚୁଥାଏ । ବାଦ୍ୟ ନୃତ୍ୟ ଓ ଗୀତ ହେଉଛନ୍ତି ପ୍ରଭଙ୍କୁ ର ଗୋଟିଏ ଗୋଟିଏ ପୂଜା ଓ ଉପାସନା। ଏଗୁଡିକ୍ ମାଧ୍ୟମରେ ଯେଉଁ ସେବା ଅପର୍ଣ କରାଯାଏ ତାହା ଯଜ୍ଞଫଳ ଠାରୁ ଅଧିକ। ଯିଏ ଭକ୍ତି ଓ ଭାବର ସହ ଆନନ୍ଦ ମନରେ ଦେବତାଙ୍କ ସମ୍ମୁଖରେ ନୃତ୍ୟଅର୍ଘ୍ୟ ଅର୍ପଣ କରେ ତା'ର ଜନଜ୍ମ ନ୍ମାନ୍ତରର ଶହ ଶହ ପାପ ଦଗ୍ଧ ହୋଇଯାଏ। ହରଙ୍କି ଅନନ୍ତ ଅପାର ମାଧୁର୍ଯ୍ୟ ଓ ଔଦାର୍ଯ୍ୟ ଲୀଳା ସ୍ମରଣ କରି କେହି କେହି ମନେ ମନେ ଗୁଣଗୁଣାଉଥା'ନ୍ତି । ଆଉ କଣଶିଳ୍ପୀମାନଙ୍କ କଣ ଝରି ଆସେ ଲାଳିତ୍ୟପୂର୍ଣ୍ଣ ପ୍ରାଣସ୍ପର୍ଶୀ ଭଜନର ଝଙ୍କାର । ଜଗନ୍ନାଥଙ୍କ ପ୍ରେମରେ ସତେ ଯେମିତି ସମସ୍ତେ ପାଗଳ ପ୍ରାୟ ହୋଇ ଯା'ନ୍ତି । ଜଗନ୍ନାଥଙ୍କ ଭାବରାଜ୍ୟରେ ପରିବେଶ କରି ଭକ୍ତ ତନୟ୍ମ ହୋଇ ପଡ଼େ। ତା' ଆଖିରି ଲୋତକ ଥକ ଥକ ହୋଇ ବହିବାକୁ ଆରମ୍ଭ କରେ । ବାସ୍ତବରେ ହରିଙ୍କୁ ସ୍ମୃତିରେ ସର୍ବବ୍ୟପି ଦମୋକ୍ଷଣ ସମ୍ଭବ ହୋଇଥାଏ । ଜଗନ୍ନାଥ ନାମସଂକୀର୍ତ୍ତନରେ ଭୋଳ ହୋଇ ଯା'ନ୍ତି । ଭବସାଗରକୁ ପାରି ହେବାକୁ ହେଲେ ଜଗନ୍ନାଥଙ୍କ ନାମ ହେଉଛି ଭେଳା ସଦଶୃ। ଭଜନ କଲେ ଭକ୍ତି ଭାବର ଉଦ୍ରେକ ହୁଏ। ଭକ୍ତବତ୍ସଳ ପ୍ରଭୁଙ୍କ ନାମ ନିଷ୍ଠାର ସହ ଭଜିଲେ ଭବତାପ ଶୀତଳ ହୋଇଯାଏ। ସେଥିପାଇଁ କବି ଲେଖନ୍ତି : "ଆରେ ମନ ! ହରି ନାମ କର ଗଣଧ୍ଳିନ ।"ରାମ ରସ ଆସ୍ୱାଦନ କଲେ ମନ ଆଉ କାମରସ ଆଡକୁ ଯାଏ ନାହିଁ। ଜଗନ୍ନାଥଙ୍କ ଉଦେଶ୍ୟରେ କେହି ଶୁତମି ଧରୁ ସୁଲଳିତ ଗୀତ ବୋଲି ବାକୁ ଛନ୍ଦୋବଦ୍ଧ ନୃତ୍ୟ ପରିବେଷଣ କରିବାକୁ, ତାଳଲୟ ସହ ବାଦ୍ୟବାଦନ କରିବାକୁ ସମର୍ଥ ହୋଇ ନପାରିଲେ କେବଳ ବିଭୁ ପ୍ରେମରେ ନିଜକୁ ହଜାଇ ଦେଇ ତାଳି ମାରି ପରମ ଆତତ୍ପୃ୍ତି ଲାଭ କରିଥା'ନ୍ତି। ଏହି ସେବାଟିକୁ ମଧ୍ୟ ଶାସ୍ତ୍ର ସ୍ୱୀକୃତି ମଳିଛି । କୁହାଯାଇଛି ଶ୍ରୀପତିଙ୍କ ସମ୍ମୁଖରେ ଯିଏ ବାରମ୍ବାର ତାଳି ମାରି ନୃତ୍ୟ କରେ ତା' ଶରୀରରେ ଥିବା ସବୁ ପାତକପକ୍ଷୀ ଦେହ ଛାଡ଼ି ଉଡ଼ି ପଳାଇ ଯା'ନ୍ତି। ଏହା ସବର୍ଜନ ବିଦିତ ଯେ ସକଳ ପ୍ରକାର ଭକ୍ତ ଜଗନ୍ନାଥଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିପାରନ୍ତି ନାହିଁ । ସେମାନଙ୍କର ଏହି ବହୁ ଆକାଂକ୍ଷିତ ଅଭିଳାଷକୁ ଚରିତାର୍ଥ କରିବା ହେଉଛି ରଥଯାତ୍ରାର ଅସଲ ଉଦ୍ଦେଶ୍ୟ । ତନି ଠାକୁର ରଥରେ ବସି ଆସୁଥବି । ବେଳେ କୌଣସି ବ୍ୟକ୍ତି ଯଦି ସମ୍ମୁଖ ବା ପଶ୍ଚାତ୍ ଭାଗରେ ଥାଇ ରଥର ଅନସୁ ରଣ କରେ ତେବେ ସେ ନୀଚ୍ଚକଳୁ ରେ ଜାତ ହେଲେ ମଧ୍ୟ ବିଷ୍ଣୁ-ସାରୂପ୍ୟ ଲାଭ କରେ । ଘୋଷଯାତ୍ରା ପାର୍ଥିବ ବଷି ହରଣ କରେ । ଗୁଣ୍ଡିଚାମଣ୍ଡପଂ ଯାନ୍ତଂ ଯେ ପଶ୍ୟନ୍ତି ରଥେ ସ୍ଥିତମ୍ । କୃଷ୍ଣଂ ବଳଂ ସୁଭଦ୍ରାଂ ଚ ତେ ଯାନ୍ତି ଭୁବନଂ ହରେଃ ॥

ଡ଼. ଶରତ ଚନ୍ଦ୍ର ପରିଡ଼ା
ପ୍ଲଟ.ନଂ.୫୫୬/୩୭୫୧,କାନନ ବିହାର-୨,ପଟିଆ, ଭୁବନେଶ୍ୱର-୭୫୧୦୩୧,ମୋ,୯୪୩୭୭୭୬୯୦୮

# କଳ୍କି ଅବତାର ରହସ୍ୟ

କଳ୍କିଙ୍କୁ ଭଗବାନ ବିଷ୍ଣୁଙ୍କ ପରବର୍ତ୍ତୀ ଏବଂ ଅନ୍ତିମ ଅବତାର ବୋଲି କୁହାଯାଇଛି। ପୌରାଣିକ ମାନ୍ୟତା ଅନୁଯାୟୀ, ପୃଥିବୀରେ ପାପର ଭାର ସୀମା ଟପିଗଲେ, ଦୁଷ୍ଟମାନଙ୍କ ସଂହାର ନିମନ୍ତେ ଭଗବାନ ବିଷ୍ଣୁଙ୍କ ଏହି ଅବତାର ପ୍ରକଟ ହେବେ। ଭାଗବତ ପୁରାଣ (ସ୍କନ୍ଧ ୧୨, ଅଧ୍ୟାୟ ୨)ରେ କଳ୍କି ଅବତାର କଥା ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ନିଜ ମାତାପିତାଙ୍କ ପଞ୍ଚମ ସନ୍ତାନ କଳ୍କି ଦେବଦତ୍ତ ନାମକ ଘୋଡ଼ାରେ ବସି ଦୁଷ୍ଟଙ୍କ ସଂହାର କରିବେ। ଏହାପରେ ସତ୍ୟଯୁଗର ପ୍ରାରମ୍ଭ ହେବ। କଳ୍କି ଅବତାରଙ୍କ ସ୍ୱରୂପ ଏବଂ ଆଖ୍ୟାନ ସମ୍ପର୍କରେ ଅନେକ ଚର୍ଚ୍ଚା ହୋଇଛି। ସବୁଠୁ ପୁରୁଣା ମୀମାଂସା ସାମ୍ୟବାଦୀ ଚିନ୍ତକ ସତ୍ୟଭକ୍ତ କରିଛନ୍ତି। ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ କଳ୍କି ପୁରାଣର ଭୂମିକାରେ ସେ ଏହା କହିଛନ୍ତି, ଯେଉଁମାନେ ବି ସାର୍ବଭୌମ ସତ୍ୟ ଏବଂ ଯୁଗୀୟ ସିଦ୍ଧାନ୍ତକୁ ବ୍ୟକ୍ତ କରିଥାନ୍ତି। ସେ ସମସ୍ତ ଅବତାରଙ୍କ ରୂପରେ ପ୍ରତିଷ୍ଠିତ ହୋଇଥାନ୍ତି। ଏହି ଅଭିବ୍ୟକ୍ତିର ସଘନତା ଏବଂ ବିରଳତା ଅନୁଯାୟୀ ଅବତାରୀ ଶକ୍ତିଙ୍କ ସ୍ତର କିମ୍ବା କଳା ନିର୍ଦ୍ଧାରଣ କରାଯାଇଥାଏ। ଭଗବାନ ବୁଦ୍ଧ ବର୍ତ୍ତମାନ ସୁଦ୍ଧା ହୋଇଥିବା ଅବତାରଙ୍କ ମଧ୍ୟରେ ନବମ କିମ୍ବା କେତେକ ସ୍ଥାନରେ ୧୫ତମ ବୋଲି ପରିଗଣିତ ହୋଇଥାନ୍ତି। ତାଙ୍କ ପୂର୍ବରୁ ଭଗବାନ ଶ୍ରୀକୃଷ୍ଣ ୧୬ କଳା ସହିତ ଅବତାର ନେଇଥିଲେ ବୋଲି ଅନେକ ଗ୍ରହଣ କରିଥାନ୍ତି। ଯେଉଁ ଅବତାରଙ୍କ ଏବେ ପ୍ରତୀକ୍ଷା ରହିଛି ସେହି ଅନ୍ତିମ ଅବତାର (୧୬ତମ ବା ଦଶମ) ଆହୁରି ନିଷ୍କଳଙ୍କ ହେବେ। କଳା, କାନ୍ତି, ଶୌର୍ଯ୍ୟ ଏବଂ ଦୈବୀଗୁଣ ସମ୍ପନ୍ନ ହେବେ। ଭାଗବତରେ କଳ୍କିଙ୍କ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ରହିଛି। ତାଙ୍କର ଚରିତ୍ର ଏବଂ ଜୀବନର ବିସ୍ତୃତ ବର୍ଣ୍ଣନା 'କଳ୍କି ପୁରାଣ'ରେ ରହିଛି। ବିଦ୍ୱାନମାନେ କୁହନ୍ତି, ଭାଗବତ ଏବଂ କଳ୍କି ପୁରାଣରେ ଅନ୍ତିମ ଅବତାର ସମ୍ପର୍କରେ ଯାହା ଉଲ୍ଲେଖ ରହିଛି ତାହା ଆଳଙ୍କରିକ ଅଟେ। ତା'କୁ ରୂପକ ବୋଲି ଗ୍ରହଣ କରିବା ଉଚିତ। ପୁରାଣରେ ଉଲ୍ଲେଖ ରହିଛି ଯେ କଳ୍କିଙ୍କ ପିତାଙ୍କ ନାମ ବିଷ୍ଣୁଯଶ ଏବଂ ମାତାଙ୍କ ସୁମତି ହେବ। ବିଷ୍ଣୁଯଶର ଅର୍ଥ ଏହା ଯେ ଏପରି ଜଣେ ବ୍ୟକ୍ତି ଯିଏକି ସର୍ବବ୍ୟାପକ ପରମାତ୍ମାଙ୍କ ସ୍ତୁତି କରିଥାନ୍ତି ଏବଂ ସେ ଲୋକଉପକାରୀ ଅଟନ୍ତି। ସୁମତିର ଅର୍ଥ ଏହା ଯେ ସେ ଉତ୍ତମ ବିଚାର ସମ୍ପନ୍ନ ଏବଂ ସମସ୍ତ ବିଦ୍ୟା ବିଷୟରେ ଜାଣିଛନ୍ତି। କଳ୍କି ନିଷ୍କଳଙ୍କ ଅବତାର ଅଟନ୍ତି। ଭଗବାନଙ୍କ ସ୍ୱରୂପ (ସଗୁଣ ରୂପ) ପରମଦିବ୍ୟ ଅର୍ଥାତ୍ ଦୈବୀ ଗୁଣ ସମ୍ପନ୍ନ ହୋଇଥାଏ। ସେ ଶ୍ୱେତ ଅଶ୍ୱ ଉପରେ ସବାର ହୋଇଥାନ୍ତି। ରଙ୍ଗ ଗୋରା ଅଟେ, କିନ୍ତୁ କ୍ରୋଧରେ କଳା ମଧ୍ୟ ହୋଇଯାଆନ୍ତି। ସେ ହଳଦିଆ ବସ୍ତ୍ର ଧାରଣ କରିଥାନ୍ତି। ହୃଦୟରେ ଶ୍ରୀବତ୍ସଙ୍କ ଚିହ୍ନ ଅଙ୍କିତ ହୋଇଥାଏ। ଗଳାରେ ତାଙ୍କର କୌସ୍ତୁଭ ମଣି ରହିଛି। ମୁଖ ପୂର୍ବଦିଗକୁ ଏବଂ ଅଶ୍ୱ ଦକ୍ଷିଣ ଦିଗକୁ ଦେଖୁଥିବା ପ୍ରତୀୟମାନ ହୋଇଥାଏ। ଏହି ଚିତ୍ରଣ କଳ୍କିଙ୍କ ସକ୍ରିୟତା ଏବଂ ଗତି ବିଷୟରେ ସଙ୍କେତ ଦେଇଥାଏ। ଯୁଦ୍ଧ ସମୟରେ ତାଙ୍କ ହାତରେ ଦୁଇଟି ଖଡ଼ଗ ଥାଏ। କଳ୍କି ପୁରାଣ ହିନ୍ଦୁମାନଙ୍କ ବିଭିନ୍ନ ଧାର୍ମିକ ଏବଂ ପୌରାଣିକ ଗ୍ରନ୍ଥ ମଧ୍ୟରୁ ଏକ ଉପପୁରାଣ ଅଟେ। ଏହି ପୁରାଣରେ ଭଗବାନ ବିଷ୍ଣୁଙ୍କ ଦଶମ ତଥା ଅନ୍ତିମ ଅବତାରର ଭବିଷ୍ୟବାଣୀ କରାଯାଇଛି ଏବଂ କୁହାଯାଇଛି ଯେ ବିଷ୍ଣୁଙ୍କ ପରବର୍ତ୍ତୀ ଅବତାର କଳ୍କି ଅବତାର ହେବ। କଳିଯୁଗର ପ୍ରାରମ୍ଭ ହୋଇସାରିଛି, ଯେଉଁ କାରଣରୁ ପୃଥିବୀ ଦେବତାମାନଙ୍କ ସହିତ, ବିଷ୍ଣୁଙ୍କ ସମ୍ମୁଖକୁ ଯାଇ ତାଙ୍କୁ ଅବତାର ବିଷୟରେ କହୁଛନ୍ତି। ଶ୍ରୀବିଷ୍ଣୁଙ୍କ ଅଂଶ ରୂପରେ ହିଁ କଳ୍କିଙ୍କ ଜନ୍ମ ହେଉଛି। କଳ୍କି ସିଂହଳ ଦ୍ୱୀପକୁ ଯାଉଛନ୍ତି। ସେଠାରେ ରାଜକୁମାରୀ ପଦ୍ମନୀଙ୍କ ସହିତ ତାଙ୍କର ପରିଚୟ ହେଉଛି। ଶେଷରେ କଳ୍କି ଏବଂ ପଦ୍ମନୀଙ୍କ ମଧ୍ୟ ବିବାହ ସମ୍ପନ୍ନ ହେଉଛି ଏବଂ ବିବାହ ପରେ ସ୍ତ୍ରୀତ୍ୱ ପ୍ରାପ୍ତ କରିଥିବା ରାଜାମାନେ ନିଜର ପୂର୍ବ ରୂପ ଫେରି ପାଉଛନ୍ତି। ଏହାପରେ କଳ୍କି ନିଜ ପତ୍ନୀଙ୍କ ସହ ସ୍ୱଗ୍ରାମକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ହରିଦ୍ୱାରରେ କଳ୍କି ମୁନିମାନଙ୍କୁ ଭେଟୁଛନ୍ତି ଏବଂ ସେମାନଙ୍କ ଆଗରେ ସୂର୍ଯ୍ୟବଂଶ ଏବଂ ଭଗବାନ ରାମଙ୍କ ଚରିତ୍ର ବର୍ଣ୍ଣନା କରିଛନ୍ତି। ଏହାପରେ ନାରଦଙ୍କ ଆଗମନ, ବିଷ୍ଣୁଯଶଙ୍କ ଦ୍ୱାରା ନାରଦଙ୍କୁ ମୋକ୍ଷ ସମ୍ବନ୍ଧୀୟ ପ୍ରଶ୍ନ, ରୁକ୍ମିଣୀ ବ୍ରତ ପ୍ରସଙ୍ଗ ଏବଂ ଶେଷରେ ମର୍ତ୍ତ୍ୟଲୋକରେ ସତ୍ୟଯୁଗର ପ୍ରତିଷ୍ଠା ଆଦି ପ୍ରସଙ୍ଗ ବର୍ଣ୍ଣିତ। ମନିଷୀମାନେ କଳ୍କିଙ୍କ ଆକ୍ରମଣାତ୍ମକ ରୂପ ବିଷୟରେ ଉଲ୍ଲେଖ କରି କହିଛନ୍ତି, କଳ୍କି ଧଳାରଙ୍ଗର ଘୋଡ଼ାରେ ବସି ଦୁଷ୍ଟ ମାନଙ୍କ ସଂହାର କରିବେ। ତାଙ୍କ ଆକ୍ରମଣରେ ଶାନ୍ତି (ଧଳା ରଙ୍ଗ), ଶକ୍ତି (ଅଶ୍ୱ) ଏବଂ ପରିଷ୍କାର (ଯୁଦ୍ଧ) ରହିଛି। ଅସ୍ତ୍ର ରୂପରେ ସେ ଖଡ଼୍‌ଗ ଏବଂ ଧନୁର ଉପଯୋଗ କରିବାର ଅର୍ଥ ଆଖପାଖ ଏବଂ ଦୂରଗାମୀ ଦୁଇ ପ୍ରକାରର ଦୁଷ୍ଟ ପ୍ରବୃତ୍ତିର ନିବାରଣ କରିବା ଅଟେ। କଳ୍କିଙ୍କର ଏହି ରଣନୀତି ସମାଜର ଚିନ୍ତାଧାରା, ମାନ୍ୟତା ଏବଂ ଗତିବିଧିର ଦିଗ ବଦଳାଇ ଦେବାର ପ୍ରତୀକ ଅଟେ। ଅସୁର ଏବଂ ଦୁଷ୍ଟମାନଙ୍କୁ ସଂହାର କରିବା ବଦଳରେ ଅବତାର ସେମାନଙ୍କ ମନ ଓ ମାନସକୁ ପରିବର୍ତ୍ତନ କରିବାର ନୀତିକୁ କାର୍ଯ୍ୟକାରୀ କରିଥାନ୍ତି। କଳ୍କିଙ୍କ ଲୀଳା ଉପରେ ଏକ ସମ୍ପୂର୍ଣ୍ଣ ପୁରାଣ ଲେଖାଯାଇଛି। କଳ୍କି ପୁରାଣ ନାମରେ ଏହି ଗ୍ରନ୍ଥର ପ୍ରାମାଣିକତା ଉପରେ ଅନେକ ସନ୍ଦେହ ପ୍ରକଟ କରିଥାନ୍ତି। କିନ୍ତୁ ଏପରି କରିବା ବଦଳରେ ପୁରାଣ କାହାଣୀ ପଛରେ ରହିଥିବା ରୂପକ, ବାର୍ତ୍ତା, ଉପଦେଶ ଆଦିକୁ ବୁଝିବା ଦରକାର। ପୁରାଣର ଏକ ନିଜସ୍ୱ ଧାର୍ମିକ ମହତ୍ତ୍ୱ ରହିଛି। ଆପଣ ତାର ମହତ୍ତ୍ୱ ସହିତ ସହମତ କିମ୍ବା ଅସହମତ ହୋଇପାରନ୍ତି, କିନ୍ତୁ ତାକୁ ଅସ୍ୱୀକାର କରିପାରିବେ ନାହିଁ। ବିଶ୍ୱାସ କରୁଥିବା ଏବଂ ଅବିଶ୍ୱାସ କରୁଥିବା ଲୋକମାନେ ପୁରାଣର ଭିନ୍ନ ଭିନ୍ନ ଅର୍ଥ ବାହାର କରିଥାନ୍ତି।

ଡାକ୍ତର ବିରଞ୍ଚି ନାରାୟଣ ମଲ୍ଲିକ

# ବିଶ୍ୱନିୟନ୍ତାଙ୍କ ଘୋଷଯାତ୍ରା

ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। କେବଳ ଓଡ଼ିଶା ନୁହେଁ, ବିଶ୍ୱର କୋଣ ଅନୁକୋଣରୁ ଭକ୍ତଟିଏ ଏହି ମହାନ୍ ଯାତ୍ରା ଦେଖିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଛୁଟି ଆସିଥାଏ ଶ୍ରୀକ୍ଷେତ୍ର ପୁରୀକୁ। ଗତ ଦୁଇ ବର୍ଷ ହେବ ମହାମାରୀ କରୋନା ସଂକ୍ରମଣ ପାଇଁ ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ହୋଇଥିବା ବେଳେ ଚଳିତ ବର୍ଷ ଭକ୍ତଙ୍କ ଗହଣରେ ମହାପ୍ରଭୁଙ୍କ ଏହି ମହାନ୍ ଯାତ୍ରା ଅନୁଷ୍ଠିତ କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି।

ଆମ ଶାସ୍ତ୍ରରେ କୁହାଯାଇଛି –

'ଦୋଳେ ତୁ ଦୋଳ ଗୋବିନ୍ଦମ୍ ଚାପେ ତୁ ମଧୁସୂଦନମ୍,
ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମମ୍ ନ ବିଦ୍ୟତେ ।'

ଅର୍ଥାତ୍ ଦୋଳ ବିମାନରେ ଗୋବିନ୍ଦଙ୍କୁ, ଚାପ (ନୌକା ବିହାର)ରେ ମଧୁସୂଦନଙ୍କୁ ଏବଂ ରଥ ଉପରେ ବାମନ ରୂପୀ ବଡ ଠାକୁରଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏ ନାହିଁ, ପ୍ରାଣୀର ମୋକ୍ଷ ପ୍ରାପ୍ତି ହୁଏ ବୋଲି ଶାସ୍ତ୍ର ମତ ପ୍ରମାଣ ରହିଛି । ଏପରିକି, ପରମ୍ପରା କ୍ରମେ ଏହା ଲୋକବିଶ୍ୱାସରେ ଦୃଢୀଭୂତ ହୋଇଛି । ବିଶ୍ୱନିୟନ୍ତାଙ୍କ ଭିନ୍ନ ଭିନ୍ନ ନାମ ମଧ୍ୟରୁ ଗୋବିନ୍ଦ, ମଧୁସୂଦନ, ବାମନ ଆଦି ନାମ ଅନ୍ୟତମ । ଉତ୍କଳୀୟ ସଂସ୍କୃତିର ମହାନ୍ ପାରମ୍ପରିକ ପର୍ବପର୍ବାଣୀ ଯାନିଯାତ୍ରା, ଓଷା, ବ୍ରତ ଆଦି ପାଳନ ଯେଉଁ ଆଧ୍ୟାତ୍ମିକ ଉନ୍ମେଷ ଘଟାଇଛି, ତାହା ବିଶ୍ୱ ବିଦିତ ହୋଇଛି । ଉତ୍କଳ ପ୍ରଦେଶର ଶ୍ରୀକ୍ଷେତ୍ର ଧାମରେ ଗଙ୍ଗବଂଶୀୟ ରାଜାମାନେ ଶ୍ରୀ ଜଗନ୍ନାଥଙ୍କ ଉପାସନା ପୀଠର ସ୍ଥାପନା କରି ଏକ ବିଶ୍ୱ ପ୍ରସିଦ୍ଧ ଗୌରବମୟ ପରମ୍ପରା ର ସ୍ୱାକ୍ଷର ଅଙ୍କନ କରିଯାଇଛନ୍ତି । ଦେବଭୂମି ଭାରତ ବର୍ଷରେ ବହୁ ପ୍ରଖ୍ୟାତ ପ୍ରାଚୀନ ଦେବଦେବୀଙ୍କ ଉପାସନା ପୀଠ ରହିଛି । ଅଥଚ, ସେହି ସବୁ ପୀଠରେ ଅଧିଷ୍ଠିତ ଦେବତାମାନଙ୍କ ନାମକରଣ ଲୋକାଚାର ରେ ନିର୍ଦ୍ଦିଷ୍ଟ ଭାବେ ସଂପୃକ୍ତ ପୀଠ ସହିତ ଯୋଡ଼ି ହୋଇ ରହିଛି । ଯଥା: କାଶୀରେ କାଶୀନାଥ, ଦ୍ୱାରକାରେ ଦ୍ୱାରିକାନାଥ, ଅଯୋଧ୍ୟାରେ ଆଯୋଧ୍ୟାନାଥ ଓ ବଦ୍ରିକା ରେ ବଦ୍ରିନାଥ ପ୍ରଭୃତି ଦେବତା ମାନେ ଉପାସିତ ହେଉଥିବା ବେଳେ, ଉତ୍କଳରେ ଅଧିଷ୍ଠିତ ଦେବତା ଉତ୍କଳ ନାଥ ଭାବରେ ନୁହେଁ, ବରଂ ସାରା ଜଗତର ନାଥ 'ଶ୍ରୀଜଗନ୍ନାଥ' ନାମରେ ପୂଜିତ, ଅର୍ଚ୍ଚିତ, ଉପାସିତ ହୋଇ ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇ ରହିଛନ୍ତି । ତାଙ୍କରି ପାଇଁ ଉତ୍କଳୀୟ ପରମ୍ପରା ରେ ସଂଶ୍ଳିଷ୍ଟ ହୋଇ ରହିଛି ବାର ମାସରେ ତେର ପର୍ବ । ସେଥିପାଇଁ ଉତ୍କଳର ସଂସ୍କୃତିକୁ 'ଜଗନ୍ନାଥ ସଂସ୍କୃତି' କହିବା ଯଥାର୍ଥ ବୋଧ ହେଉଛି । ଏହି ସଂସ୍କୃତି ରେ ସନ୍ନିବେଶିତ ସମସ୍ତ ନୀତି କାନ୍ତି, ଆଚାର ବିଚାର, ପୂଜା ପାଠ, ବିଧି ବ୍ୟବସ୍ଥା ଲୋକାଚାରରେ ପ୍ରଚଳିତ ପାରମ୍ପରିକ ଚଳଣି ଠାରୁ ଭିନ୍ନ ନୁହେଁ । ପୂର୍ବେ ଯାତ୍ରା କରିବା ଥିଲା ସାମାଜିକ ଚଳଣିର ଏକ ବିଶେଷ ଆକର୍ଷଣ । ଏକତ୍ର ସମ୍ମିଳିତ ହେବା ପାଇଁ ଯାତ୍ରା କରିବା, ଜଳପଥ ଯାତ୍ରା କରିବା, ବନ୍ଧୁ ପରିଜନ ବିଶେଷତଃ ମାତୁଳାଳୟ କିମ୍ବା ମାଉସୀମା ଗୃହକୁ ପରିଦର୍ଶନ୍‌ରେ ଯାତ୍ରା କରିବା ସାମାଜିକ ବିଧି ବ୍ୟବସ୍ଥାର ପରମ୍ପରା ମାନ କାହିଁ କେଉଁ ପୁରାକାଳରୁ ଚଳି ଆସିଛି । ତେବେ, ଏହି ସବୁ ଯାତ୍ରାର ମାଧ୍ୟମ ଥିଲା ବିମାନ, ନୌକା ଏବଂ

ଅଶ୍ୱ ଚାଳିତ ରଥ ପ୍ରଭୃତି । ସମାଜର ବଡପଣ୍ଡା ଅର୍ଥାତ୍ ରାଜା ରାଜୁଡ଼ା ମାନେ ଏହି ସବୁ ଯାନ ବାହନ ବ୍ୟବହାର କରି ଯାତ୍ରା କରୁଥିଲେ । ତେଣୁ ସେହି ମାନ୍ୟତାରେ ନିଜର ଆରାଧ୍ୟ ଦେବତାଙ୍କୁ ବିମାନରେ ବସାଇ ଦୋଳବେଦୀକୁ ନେବା, ନୌକା ବିହାର କରାଇବା ଏବଂ ରଥାରୂଢ଼ କରାଇ ଜନ୍ମବେଦୀକୁ ଅବା ମାଉସୀମା ମନ୍ଦିରକୁ ବିଜେ କରାଇବାର ବିଧି ଆମ ସଂସ୍କୃତିରେ ସଂଯୋଜିତ ହୋଇଛି ବୋଲି କୁହାଯାଇପାରେ । ପ୍ରାୟତଃ ସବୁ ପ୍ରଚଳିତ ଆମ ପାରଂପରିକ ଯାନିଯାତ୍ରା ମହୋତ୍ସବ ସହିତ ଉତ୍କଳୀୟ ଜନଜୀବନ ର ଛାପ ଦେଖିବାକୁ ମିଳେ । ଏହି ପରିପ୍ରେକ୍ଷୀରେ ଆମେ ଉତ୍କଳର (ଅଧୁନା ଓଡ଼ିଶାର) ଶ୍ରୀକ୍ଷେତ୍ର ଧାମ ପୁରୀରେ ଅନୁଷ୍ଠିତ ହେଉଥିବା ବିଶ୍ୱ ପ୍ରସିଦ୍ଧ ଗୌରବମୟ ପରମ୍ପରା ଗତ ରଥ ଯାତ୍ରା ସଂପର୍କରେ ଆଲୋଚନା କରିବା । ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଏହି ରଥ ଯାତ୍ରା ପଳିତ ହୋଇ ଆସୁଛି । ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରି ନବଦିନ ବ୍ୟାପୀ ଏହି ଯାତ୍ରା ଅନଷ୍ଠିତ ହେଉଥିବାରୁ ଏହାକୁ କେହି କେହି ଶ୍ରୀଗୁଣ୍ଡିଚା ଯାତ୍ରା ବା ନବଦିନ ଯାତ୍ରା ମଧ୍ୟ କହିଥାନ୍ତି । ପୁଣି, ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ର ନାମାନୁସାରେ ଏହା ଘୋଷଯାତ୍ରା ଭାବେ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଏହି ଦିନ ଶ୍ରୀମନ୍ଦିରରୁ ବାହାରି ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଙ୍କୁ ତିନି ସୁସଜ୍ଜିତ ରଥରେ (ଯଥାକ୍ରମେ ତାଳ ଧ୍ୱଜ, ଦେବଦଳନ ବା ଦର୍ପ ଦଳନ ଏବଂ ନନ୍ଦିଘୋଷ ରଥରେ) ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି । ମାଆ ସୁଭଦ୍ରାଙ୍କ ଦେବଦଳନ ରଥରେ ଶ୍ରୀ ଜଗନ୍ନାଥଙ୍କ ଚକ୍ର ଆୟୁଧ ପ୍ରଭୁ ସୁଦର୍ଶନଙ୍କୁ ମଧ୍ୟ ବିଜେ କରାଇ ନିଆଯାଇଥାଏ । ବିଶ୍ୱ ପ୍ରସିଦ୍ଧ ଏହି ରଥଯାତ୍ରାର ମହିମାମୟ ଗାଥା ଅବର୍ଣ୍ଣନନୀୟ । ମାନବୀୟ ଲୀଳା ରଚନା କରି ଆମର ଆରାଧ୍ୟ ଦିଅଁ ମାନେ କିପରି ଜନମାନସକୁ ବିଶ୍ୱ ପ୍ରେମରେ ଉଦବୁଦ୍ଧ କରିଚାଲିଛନ୍ତି, ତାହାର ଜ୍ୱଳନ୍ତ ଉଦାହରଣ ଏହି ରଥଯାତ୍ରା । ଶତାବ୍ଦୀ ଶତାବ୍ଦୀ ଧରି ଶ୍ରୀକ୍ଷେତ୍ର ଧାମରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କଦ୍ୱାରା ପାଳିତ ହୋଇ ଆସୁଥିବା ଏହି ରଥ ଯାତ୍ରା ସମଗ୍ର ବିଶ୍ୱର ଏକ ସର୍ବଶ୍ରେଷ୍ଠ ମହୋତ୍ସବ ଭାବେ ମାନ୍ୟତା ଲାଭ କରିଛି । ଦେଶ ବିଦେଶରୁ ଅସଂଖ୍ୟ ଭକ୍ତମାନେ ଛୁଟି ଆସନ୍ତି, ରଥ ଉପରେ ବିଜେ ହୋଇଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନର ସୌଭାଗ୍ୟ ଲାଭ କରିବା ପାଇଁ । ଶ୍ରୀକ୍ଷେତ୍ର ଧାମର ଅନେକ ମହତ୍ତ୍ୱ ରହିଛି । ଭାରତର ଚାରି ଶ୍ରେଷ୍ଠ ଆଧ୍ୟାତ୍ମିକ କ୍ଷେତ୍ର ବା ଧାମ ମଧ୍ୟରେ ଏହା ଅନ୍ୟତମ । ଶ୍ରୀ ଅର୍ଥାତ୍ ଲକ୍ଷ୍ମୀ ମାତା ଙ୍କ କ୍ଷେତ୍ର ବୋଲି ଶ୍ରୀକ୍ଷେତ୍ର, ମନ୍ଦିର କୁ ଶ୍ରୀମନ୍ଦିର କହିବାର ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି। ଏହି କ୍ଷେତ୍ରର ଅନ୍ୟ ନାମ ମଧ୍ୟ ଶଙ୍ଖ କ୍ଷେତ୍ର ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି । ଚକ୍ର ସହିତ ଶ୍ରୀ ଜଗନ୍ନାଥଙ୍କ ହସ୍ତ ଶୋଭିତ ଶଙ୍ଖ ଉପଲକ୍ଷେ ଏପରି ନାମକରଣ ହୋଇ ଥାଇପାରେ । ଆଉମଧ୍ୟ ଶ୍ରୀ ଜଗନ୍ନାଥଙ୍କୁ ଲୌକିକତା ମତେ ପୁରୁଷୋତ୍ତମ ବୋଲି ଆଖ୍ୟାୟିତ କରାଯାଇଛି । ପରଂବ୍ରହ୍ମ ପୁରୁଷୋତ୍ତମ ଯେଉଁ କ୍ଷେତ୍ର ବା ସ୍ଥାନ ରେ ଲୀଳା ଖେଳା କରିଚାଲିଛନ୍ତି, ତାହା ପୁରୁଷୋତ୍ତମ କ୍ଷେତ୍ର ଭାବେ ମଧ୍ୟ ପରିଚିତ ହୋଇଛି । ଶ୍ରୀକ୍ଷେତ୍ରରେ କ୍ଷେତ୍ରାଧୀଶ ଦିଅଁଙ୍କୁ ବଡ ଠାକୁର, ତାଙ୍କ ଦେଉଳକୁ ବଡ ଦେଉଳ, ଦାଣ୍ଡକୁ ବଡ଼ଦାଣ୍ଡ, ତାଙ୍କ ପ୍ରସାଦକୁ ମହାପ୍ରସାଦ ବୋଲି କୁହାଯାଉଛି । ଲୋକ ବିଶ୍ୱାସରେ ବଡଦେଉଳ ଶୀର୍ଷେ ଭାଗରେ ନୀଳଚକ୍ର ସ୍ଥାପିତ ହୋଇଛି ଓ ପତିତ ଲୋକ ମାନଙ୍କୁ ଉଦ୍ଧାର କରିବା ପାଇଁ ପତିତପାବନ ନେତ ଉଡୁଛି । ଶ୍ରୀଜଗନ୍ନାଥ ଓଡ଼ିଶାର ଇଷ୍ଟ ଦେବତା ହୋଇ ଶ୍ରୀକ୍ଷେତ୍ରରେ ଅଧିଷ୍ଠିତ ହେଲେ ହେଁ, ସେ ସମଗ୍ର ଜଗତର ନାଥ ବା ଆରାଧ୍ୟ ପ୍ରଭୁ ବଡ ଠାକୁର ବୋଲି ବିଦିତ ହୋଇଛନ୍ତି । ସ୍କନ୍ଦ ପୁରାଣରେ ବର୍ଣ୍ଣନା ଅନୁସାରେ ମାନବୀୟ ଲୀଳା ପ୍ରକଟ କରି ଜଗତ କର୍ତ୍ତା ସ୍ୱଂୟ ଭଗବାନ ଏଠାରେ ଦାରୁ ରୂପେ ଅଧିଷ୍ଠିତ ହୋଇଛନ୍ତି । ତେବେ ରଥରେ ଯାତ୍ରା କରି ଦାରୁ ଦିଅଁ ମାନବ ଜାତିକୁ କେଉଁ ସନ୍ଦେଶ ଦେବାକୁ ଚାହାଁନ୍ତି ? ରମ୍ ଧାତୁରେ ଥ ବର୍ଣ୍ଣ ଯୁକ୍ତ ହୋଇ 'ରଥ' ଶବ୍ଦଟି ସୃଷ୍ଟି ହୋଇଛି । ରମ୍ ଧାତୁ କ୍ରୀଡା ଜନିତ ବ୍ୟାପାର ହୋଇଥିବା ବେଳେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରଭୁଙ୍କର ଏହି ରଥ ଯାତ୍ରା ଏକ ଭାବ ବନ୍ଧନ ର ଲୀଳା ଖେଳା ବୋଲି କୁହାଯାଇ ପାରିବ । ଏଠାରେ ଭକ୍ତ ଓ ଭଗବାନଙ୍କର ମିଳନ ହୁଏ । ଜୀବାତ୍ମା ଓ ପରମାତ୍ମାଙ୍କ ଲୀଳା ଖେଳା ପ୍ରକଟିତ ହୁଏ । ପୁଣି, ରଥକୁ କେହି କେହି ଚକ୍ର ଯାନ ମଧ୍ୟ କହିଥାନ୍ତି । ଅଶ୍ୱ ଚାଳିତ ଚକ୍ର ଯାନରେ ଆରୁଢ଼ ହୋଇ ପ୍ରାଚୀନ କାଳରେ ରାଜା ମହାରାଜ ମାନଙ୍କର ମହିମା ପ୍ରଖ୍ୟାପନ କରାଯାଉଥିଲା । ଆର୍ଯ୍ୟଭୂମି ଭାରତ ବର୍ଷରେ ସେହି ପ୍ରାଚୀନ ପରମ୍ପରାର ପ୍ରତୀକ ସ୍ୱରୂପ ସାରା ଜଗତର ରାଜାଧିରାଜ ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାର ପାଇଁ 'ରଥଯାତ୍ରା'ର ସୂତ୍ରପାତ ହୋଇଛି ବୋଲି କୁହାଯାଇପାରେ । ଶ୍ରୀକ୍ଷେତ୍ରରେ ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରୁ ପାଳିତ ହୋଇ ଦଶମୀ ତିଥିରେ ଶ୍ରୀ ଜୀଉମାନେ ଶ୍ରୀମନ୍ଦିରକୁ ଫେରି ଆସିବାର ବିଧି ରହିଛି । ତାଙ୍କ ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ଯାତ୍ରା ବୋଲି କୁହାଯାଇଛି । ସିଂହଦ୍ୱାର ନିକଟରେ ରଥଉପରେ ବିରାଜିତ ହୋଇ ରହିଥିବା ଦିଅଁ ପାଖରେ ଅଧର ପଣା ନୀତି ସମ୍ପନ୍ନ ହୁଏ । ସୁନାବେଶ ହୋଇ ପୁଣି ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି ପ୍ରଭୁ । ଶେଷରେ

ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିର ସ୍ଥିତ ନୀଳାଦ୍ରି ମଣ୍ଡପ ବା ରତ୍ନ-ସିଂହାସନକୁ ବିଜେ ହୋଇଥାନ୍ତି । ଶ୍ରୀଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିର । ଗୋଟିଏ ଜନ୍ମସ୍ଥଳୀ ଏବଂ ଅନ୍ୟଟି କର୍ମସ୍ଥଳୀ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଅଶ୍ୱମେଧ ଯଜ୍ଞର ମହାବେଦୀ ମଣ୍ଡପ ହିଁ ଗୁଣ୍ଡିଚା ମଣ୍ଡପ ବା ମନ୍ଦିର । ଦାରୁବ୍ରହ୍ମ ଠାକୁର ବିଗ୍ରହ ମାନଙ୍କ ଜନ୍ମସ୍ଥାନ । ଶ୍ରୀମନ୍ଦିର ହେଉଛି ପରଂବ୍ରହ୍ମ ପୁରୁଷୋତ୍ତମଙ୍କ ଆତ୍ମସ୍ୱରୂପ ବ୍ରହ୍ମା ଙ୍କ ଦ୍ୱାରା ସଂସ୍ଥାପିତ ରତ୍ନବେଦୀ ନୀଳାଦ୍ରି ମଣ୍ଡପ । ଯେଉଁଠି ନିତ୍ୟ ବିରାଜମାନ କରିଥାନ୍ତି ନୀଳାଦ୍ରି ନାଥ ଚତୁର୍ଦ୍ଧାମୂର୍ତ୍ତି । ନିତ୍ୟ ଲୀଳା ରଚାଇଥାନ୍ତି । ଗାଣିତିକ ସଂଖ୍ୟା ରେ ୯ (ନଅ) ଏକ ପୂର୍ଣ୍ଣ ସଂଖ୍ୟା ହୋଇଥିବା ଦୃଷ୍ଟିରୁ କଳିଯୁଗରେ ପୂର୍ଣ୍ଣ ବ୍ରହ୍ମ ଅବତାରି ପୁରୁଷଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଏହି ନବଦିନ ଯାତ୍ରା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ । ସାମ୍ୟ, ମୈତ୍ରୀ, ମାନବବାଦର ଉଦ୍‌ଘୋଷଣା ଏହି ରଥଯାତ୍ରା ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ମାନବ ଜାତିକୁ 'ବସୁଧୈବ କୁଟୁମ୍ବକମ୍' ସୂତ୍ରରେ ଆବଦ୍ଧ କରି ରଖିବାର ବ୍ୟବସ୍ଥା ଇଏ । ଏହି ବିଶ୍ୱ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ରଥଯାତ୍ରାକୁ ଅନୁକରଣ / ଅନୁସରଣ କରି ଦେଶ, ବିଦେଶର ଅନେକ ସ୍ଥାନରେ ଏପରି ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହେବାରେ ଲାଗିଲାଣି । ହେଲେ, ଉତ୍କଳୀୟ ପାରମ୍ପରିକ ସଂସ୍କୃତି ବ୍ୟତିରେକେ କୌଣସି ସ୍ଥାନରେ ଅଦିନରେ ଏହା ପାଳିତ ହେବା, ଅପସଂସ୍କୃତି କୁ ଅଧିକ ପ୍ରାଧାନ୍ୟ ଦେଇ ଆମ ପ୍ରାଚୀନ ପରମ୍ପରାର ସଂସ୍କୃତି ମୂଳରେ କୁଠାରଘାତ କରିବା ସମିଚୀନ ନୁହେଁ ।

ଅବନୀ ଦାସ



# ପୁଣି 'ସିଂଘମ୍'ଙ୍କ ହିରୋଇନ୍ ହେବେ ରକୁଲ

୨୦୧୯ ମସିହାରେ ରିଲିଜ୍ ହୋଇଥିବା 'ଦେ ଦେ ପ୍ୟାର ଦେ' ଫିଲ୍ମ ମାଧ୍ୟମରେ ଅଭିନେତା ଅଜୟ ଦେବଗନ୍‌ଙ୍କ ସହ ନଜର ଆସିଥିଲେ ରାକୁଲପ୍ରୀତ ସିଂହ। ଫିଲ୍ମରେ ତାଙ୍କର ଅଭିନୟକୁ ଉଚ୍ଛ୍ୱସିତ ପ୍ରଶଂସା ମିଳିଥିଲା। ଏହାପରେ 'ରନ୍‌ୱେ ୩୪'ରେ ଦର୍ଶକେ ପୁଣି ସେମାନଙ୍କର ଯୋଡ଼ିକୁ ଦେଖିବାକୁ ପାଇଥିଲେ। ଏବେ ତୃତୀୟ ଥର ଲାଗି ରକୁଲ ଅଜୟଙ୍କ ସହ 'ଥ୍ୟାଙ୍କ୍ ଗଡ୍ ?'ରେ ସ୍କ୍ରିନ୍ ଶେୟାର କରିବାକୁ ଯାଉଛନ୍ତି । ଫିଲ୍ମଟି ଚଳିତବର୍ଷ ଦୀପାବଳିରେ ରିଲିଜ୍ ହେବ। ଭୂଷଣ କୁମାରଙ୍କ ଦ୍ୱାରା ନିର୍ମିତ 'ଥ୍ୟାଙ୍କ୍ ଗଡ୍' ଏକ କମେଡି ଫିଲ୍ମ। ସେଥିରେ ଅଜୟ ଦେବଗନ୍, ରାକୁଲପ୍ରୀତଙ୍କ ବ୍ୟତୀତ ସିଦ୍ଧାର୍ଥ ମଲହୋତ୍ରାଙ୍କୁ ବି ଦର୍ଶକେ ଦେଖିବାକୁ ପାଇବେ। ଇନ୍ଦ୍ର କୁମାର ଏହାର ନିର୍ଦ୍ଦେଶନାରେ ଅଛନ୍ତି। ଏ ସମ୍ପର୍କରେ ଏକ ସାକ୍ଷାତକାରରେ ରାକୁଲ କହିଛନ୍ତି, ଅଜୟ ହେଉଛନ୍ତି ଏମିତି ଜଣେ ଅଭିନେତା ଯାହାଙ୍କ ସହ କାମ କରିବାକୁ ସମସ୍ତେ ଇଚ୍ଛା ପ୍ରକାଶ କରନ୍ତି। ତାଙ୍କ ଫିଲ୍ମରେ ସବୁବେଳେ ଏକ ନୂଆ ପଣ ଦେଖିବାକୁ ମିଳେ। ତାଙ୍କ ସହ ଅଭିନୟ କରି ମୁଁ ଅନେକ କଥା ଶିଖିବାକୁ ପାଇଛି। 'ଥ୍ୟାଙ୍କ୍ ଗଡ୍'କୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା। ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ଏହି ଫିଲ୍ମ ବ୍ୟତୀତ ରାକୁଲଙ୍କୁ ଆଗକୁ 'ଡକ୍ଟର ଜି'ରେ ଦେଖିବାକୁ ମିଳିବ । ସେଥିରେ ତାଙ୍କ ସହ ଆୟୁଷ୍ମାନ ଖୁରାନା ନଜର ଆସିବେ । ଏହାଛଡ଼ା 'ଛତ୍ରୀୱାଲି'ରେ ବି ତାଙ୍କୁ ଦର୍ଶକେ ଦେଖିବାକୁ ପାଇବେ।

# କୋଷ୍ଠକାଠିନ୍ୟ ଦୂର କରିଥାଏ ରସୁଣ

ସାଧାରଣତଃ ଆମେ ରସୁଣକୁ ଖାଦ୍ୟରେ ମସଲାଦ୍ରବ୍ୟ ଭାବେ ବ୍ୟବହାର କରିଥାଉ। କାରଣ ରସୁଣ କୌଣସି ବି ପ୍ରକାର ବ୍ୟଞ୍ଜନକୁ ସ୍ୱାଦିଷ୍ଟ କରାଇଥାଏ। ମାତ୍ର ରସୁଣ ମଧ୍ୟରେ ଏପରି ଗୁଣକାରୀ ତତ୍ତ୍ୱ ରହିଛି ଯାହା ଆପଣଙ୍କୁ ଅନେକ ରୋଗରୁ ଉପଶମ ଦେଇଥାଏ। କାରଣ ରସୁଣରେ ବହୁମାତ୍ରାରେ ରୋଗ ପ୍ରତିରୋଧକ ଶକ୍ତି ଭରପୂର ମାତ୍ରାରେ ରହିଥାଏ। ଆୟୁର୍ବେଦରେ ରସୁଣକୁ ଔଷଧ ବୋଲି କୁହନ୍ତି। ଆପଣ ରସୁଣକୁ ଯେପରି ପ୍ରକ୍ରିୟାରେ ହେଉ ମଧ୍ୟ ନିଜ ଖାଦ୍ୟରେ ସାମିଲ କରିବା ଉଚିତ। ମାତ୍ର ପ୍ରତିଦିନ ସକାଳେ ଖାଲି ପେଟରେ ରସୁଣ ଖାଇବାଦ୍ୱାରା ଅଧିକ ଫାଇଦା ମିଳିଥାଏ। ରସୁଣ ହୃଦୟ ସମ୍ବନ୍ଧିତ ସମସ୍ୟାରୁ ମୁକ୍ତି ଦେଇଥାଏ। ରସୁଣ ଖାଇବାଦ୍ୱାରା ରକ୍ତ ଜମାଟ ବାନ୍ଧେ ନାହିଁ ଏବଂ ହୃଦରୋଗଜନିତ ସମସ୍ୟା କମ୍ ଦେଖାଯାଇଥାଏ। ରସୁଣ ଏବଂ ମହୁ ମିଶାଇ ଖାଇବାଦ୍ୱାରା ହୃଦୟ ପରିଷ୍କାର ରହିଥାଏ। ଯାହାଦ୍ୱାରା ହୃଦୟ ପର୍ଯ୍ୟନ୍ତ ସଠିକଭାବେ ରକ୍ତ ସଂଚାଳିତ ହୋଇଥାଏ। ପେଟଜନିତ ରୋଗ ଯଥା ଡାଇରିଆ କିମ୍ବା କୋଷ୍ଠକାଠିନ୍ୟ ରୋଗରୁ ମୁକ୍ତି ରସୁଣକୁ ଔଷଧରୂପେ ବ୍ୟବହର କରିବାଦ୍ୱାରା ସୁଫଳ ମିଳିଥାଏ। ପାଣିକୁ ଫୁଟାଇ ସେଥିମଧ୍ୟରୁ କିଛି ରସୁଣ ପାଖୁଡା ପକାନ୍ତୁ। ଖାଲିପେଟରେ ଏହି ପାଣିକୁ ସେବନ କରନ୍ତୁ ଏହାଦ୍ୱାରା ପେଟ ରୋଗରୁ ସୁଫଳ ମିଳିବ। କେବଳ ଏହା ନୁହେଁ ଶରୀର ଭିତରେ ମହଜୁଦ ଥିବା ବିଷାକ୍ତ ପଦାର୍ଥକୁ ମଧ୍ୟ ଶରୀରରୁ ନିର୍ଗତ କରିବାରେ ସହାୟତା କରେ।

# ଗରମ ପାଇଁ ୭ ଜଣରେ ଜଣେ ଅସୁସ୍ଥ

ଦିନକୁ ଦିନ ପୃଥିବୀର ତାପମାତ୍ରା ବଢୁଛି। ଅନ୍ୟପକ୍ଷରେ ଦାରିଦ୍ର୍ୟ ମଧ୍ୟରେ ବାସ କରୁଥିବା ଲୋକମାନେ ଶରୀରକୁ ଥଣ୍ଡା ରଖିବା ପାଇଁ ଆବଶ୍ୟକ ଉପକରଣ କିମ୍ବା ନିରନ୍ତର ବିଜୁଳି ଯୋଗାଣର ସୁବିଧା ପାଉନାହାନ୍ତି। ଏଥିପାଇଁ ବିଶ୍ୱରେ ପ୍ରତି ୭ ଜଣରେ ଜଣଙ୍କ ଜୀବନ ପ୍ରତି ସ୍ୱାସ୍ଥ୍ୟଜନିତ ବିପଦ ରହିଛି। ବିଶ୍ୱରେ ୧୨୦ କୋଟି ଲୋକ ଏଭଳି ଭୟଙ୍କର ବିପଦର ସମ୍ମୁଖୀନ ହେଉଛନ୍ତି। ରୁଆଣ୍ଡାର କିଗାଲି ଠାରେ ଗ୍ଲୋବାଲ ଏନର୍ଜି ଫୋରମରେ ଉନ୍ମୋଚିତ 'ସଷ୍ଟେନବେଲ୍ ଏନର୍ଜି ଫର ଅଲ୍' ଆନୁଆଲ ରିପୋର୍ଟ ଚିଲିଂ ପ୍ରସପେକ୍ଟସ: ଟ୍ରାକିଂ ସଷ୍ଟେନେବଲ୍ କୁଲିଂ ଫର ଅଲ୍ ୨୦୨୨ ଉନ୍ମୋଚନ ଅବସରରେ ଏଭଳି ତଥ୍ୟ ପଦାକୁ ଆସିଛି। ଅତ୍ୟଧିକ ତାପମାତ୍ରା ଯୋଗୁ ସମାଜରେ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି ହୋଇଛି। କାରଣ ବିଭିନ୍ନ ପ୍ରକାର କୁଲିଂ ସାମଗ୍ରୀ ସେମାନଙ୍କ ହାତପାଆନ୍ତାରେ ରହୁନାହିଁ। କୁଲିଂ ସୁବିଧା ଯୋଗାଣ ନେଇ ଯଦି ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରାନଯିବ ତାହେଲେ ଲୋକଙ୍କ ଜୀବନ ପ୍ରତି ବିପଦ ଅଧିକ ରହିବ। ବିଶ୍ୱର ୭୬ଟି ଦେଶରେ କୁଲିଂ ସୁବିଧା ପାଇବା ନେଇ ରହିଥିବା ସମସ୍ୟାକୁ ଉକ୍ତ ରିପୋର୍ଟରେ ଅନୁଧ୍ୟାନ କରାଯାଇଛି। ବିଶ୍ୱରେ ୧୨୦ କୋଟି ଲୋକଙ୍କ ପାଖରେ କୁଲିଂ ସୁବିଧା ନଥିବାରୁ ଅଧିକ ତାପମାତ୍ରାରେ ବଞ୍ଚିରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। କେବଳ ସେତିକି ନୁହେଁ, ପୁଷ୍ଟିକର ଖାଦ୍ୟ ସାଇତି ରଖିବା ଏବଂ ନିରାପଦରେ ଟିକା ନେବା ସମସ୍ୟା ସୃଷ୍ଟି ହୋଇଛି। ବର୍ତ୍ତମାନର ଧାରା ଅବ୍ୟାହତ ରହିଲେ ଆହୁରି ଅଧିକ ଲୋକ ଚଳିତ ଦଶନ୍ଧି ଶେଷବେଳକୁ ଅସୁବିଧାରେ ରହିଥିବେ। କିନ୍ତୁ ସମସ୍ତଙ୍କୁ ବିଜୁଳି ସୁବିଧା ଉପଲବ୍ଧ ହେଲେ ଏବଂ ଉକ୍ରଟ ଦାରିଦ୍ର୍ୟ ହ୍ରାସ ପାଇଲେ ଜୀବନ ପ୍ରତି ଅଧିକ ବିପଦ ଥିବା ଲୋକଙ୍କ ସଂଖ୍ୟା ୩୬ ପ୍ରତିଶତ ବା ୪୫ କୋଟିରୁ ଅଧିକ ହ୍ରାସ ପାଇବ। ବିଶ୍ୱର କୋଟି କୋଟି ଲୋକଙ୍କ ପାଇଁ ଏହି ରିପୋର୍ଟ ଚିନ୍ତା ଉଦ୍ରେକକାରୀ ବିଷୟ ହୋଇଛି। ତାପମାତ୍ରା ଯେତେବେଳେ ଗ୍ରୀଷ୍ମଲହରୀ ସ୍ତରକୁ ଯାଉଛି ସେତେବେଳେ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟ ବନ୍ଦ ରହିପାରିବ ନାହିଁ। ଯେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ବଞ୍ଚୁଛନ୍ତି କିମ୍ବା ଯେଉଁମାନଙ୍କ ନିକଟରେ ସୁଲଭ ଏବଂ ନିରନ୍ତର ଶକ୍ତି ପହଞ୍ଚି ପାରୁନାହିଁ କୁଲିଂ ଉତ୍ପାଦ ବିନା ସେହି ପରିବେଶ ସହିତ ଖାପ ଖୁଆଇ ଚଳିବା କଷ୍ଟକର ହୋଇପଡ଼ିଛି। ୨୦୧୪ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆକଳନ କରାଯାଇଥିଲା ଯେ ଗ୍ରୀଷ୍ମଲହରି ଯୋଗୁ ବିଶ୍ୱରେ ବର୍ଷକୁ ୧୨ ହଜାର ଲୋକଙ୍କ ଜୀବନ ଯିବ। କିନ୍ତୁ ୮ ବର୍ଷ ପରେ ଏହି ସମସ୍ୟା ବହୁଗୁଣିତ ହୋଇଥିବା ଦେଖାଦେଉଛି। ଲାନସେଟର ଏକ ନୂଆ ରିପୋର୍ଟରୁ ଜଣାଯାଇଛି ଯେ ଅତ୍ୟଧିକ ଗରମ ଯୋଗୁ ୨୦୧୯ରେ କେବଳ ୩,୫୬,୦୦୦ ଲୋକଙ୍କ ମୃତ୍ୟୁ ହୋଇଛି। ଭାରତର ମୋଟ ଲୋକସଂଖ୍ୟାରୁ ୩୬ ପ୍ରତିଶତ ହେଉଛନ୍ତି ଗ୍ରାମାଞ୍ଚଳର ଗରିବ ଲୋକ। ଯଦିଓ ସେମାନଙ୍କ ନିକଟରେ ପାଖାପାଖି ୧୦୦ ପ୍ରତିଶତ ବିଜୁଳି ପହଞ୍ଚି ରହିଛି କିନ୍ତୁ ଶୀତଳତା ପ୍ରଦାନକାରୀ ଉପାଦାନ ନାହିଁ। ଭାରତର ୧୪୦ କୋଟି ଲୋକରେ ମାତ୍ର ୧୬.୨ କୋଟି ରେଫ୍ରିଜରେଟର ରହିଛି ବୋଲି କୁହାଯାଇଛି।



# ରହସ୍ୟମୟ କଣ୍ଢେଇ ଦ୍ୱୀପ



ମେକ୍ସିକୋ ସହରର ଦକ୍ଷିଣ ଭାଗରେ ଜୋଚିମିଲ୍‌କୋ କେନାଲ କଡ଼ରେ ରହିଥିବା କଣ୍ଢେଇ ଦ୍ୱୀପ (ସ୍ପେନୀୟ ଭାଷାରେ 'ଲା ଇସଲା ଡି ଲାସ ମୁନେକାସ') ସମ୍ପ୍ରତି ବିଶ୍ୱବ୍ୟାପୀ ପର୍ଯ୍ୟଟକମାନଙ୍କର ଅନ୍ୟତମ ଆକର୍ଷଣସ୍ଥଳୀ ପାଲଟିଛି। ସେଠାରେ ଦ୍ୱୀପ ସାରା ସମସ୍ତ କୋଠାବାଡ଼ି, ଖୁଣ୍ଟ ଓ ଗଛଡାଳ ଆଦି ବିଭିନ୍ନ ଭଙ୍ଗୀ ଏବଂ ଆକାରର କଣ୍ଢେଇମାନ ଝୁଲୁଥିବା ଦେଖାଯାଏ। ଏପରିକି ଦୀର୍ଘଦିନ ଧରି ଝୁଲି ରହିଥିବା ଏହି କଣ୍ଢେଇଗୁଡ଼ିକର ଚାରିପାଖେ ବୁଢ଼ିଆଣି ଜାଲ ମାଡ଼ି ଏକ ରହସ୍ୟମୟ ପରିବେଶର ଭ୍ରମ ସୃଷ୍ଟି କରିଥାଏ। ଏହି କଣ୍ଢେଇଗୁଡ଼ିକୁ ଉକ୍ତ ଦ୍ୱୀପର ପୂର୍ବତନ ମାଲିକ ଜୁଲିଆନ ସାଣ୍ଟାନା ଏପରି ସ୍ଥାନିତ କରିଥିବା ଜଣାଯାଏ। ୨୦୦୧ ମସିହାରୁ ବାରେରାଙ୍କର ଦେହାନ୍ତ ହୋଇ ଯାଇଥିବା ବେଳେ ସେ କଣ୍ଢେଇମାନଙ୍କୁ ଏମିତି ଝୁଲାଇବା ପଛରେ ଏକ ରୋଚକ କାରଣ ମଧ୍ୟ ରହିଛି। ବିଗତ ପଚାଶ ଦଶକରେ ଉକ୍ତ ଦ୍ୱୀପରେ ଜଣେ ବାଳିକାର ନିକଟ କେନାଲ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିଲା। ତେବେ ତାହାକୁ ବଞ୍ଚାଇ ପାରିନଥିବା ଦୁଃଖରେ ଏବଂ ତାହାରି ସ୍ମୃତିରେ ବାରେରା ଏପରି ବାଳିକା କଣ୍ଢେଇମାନଙ୍କୁ ଦ୍ୱୀପ ସାରା ଝୁଲାଇ ରଖିବାକୁ ନିଷ୍ପତ୍ତି ନେଇଥିଲେ। ସେ ଯେତେବେଳେ ଦ୍ୱୀପ ବାହାରକୁ ଯାଆନ୍ତି ନୂଆ ନୂଆ କଣ୍ଢେଇ ଆଣି ଗଛ ଡାଳରେ ଟାଣି ଦେଇଥାନ୍ତି। ବର୍ଷା, ପବନ ଓ ଧୂଳିମାଡ଼ରେ କଣ୍ଢେଇଗୁଡ଼ିକ କ୍ରମେ କିଂଭୂତକିମାକାର ହେବା ଆରମ୍ଭ କରିଥିଲେ। କାହାର ପାଦ ନାହିଁ ତ କାହାର ଡେଣା ନାହିଁ, କାହାର ଆଖି କୋରଡ଼ ଭିତରେ ତ କାହାର ପାଟି ଗୁମ୍ଫା ପରି, ଏପରି କଣ୍ଢେଇଗୁଡ଼ିକ ଅତ୍ୟନ୍ତ ବିକୃତ ଓ ବୀଭତ୍ସ ମଧ୍ୟ ଦେଖାଯାଉଛନ୍ତି। ତେବେ ସେଗୁଡ଼ିକ ଅସ୍ୱାଭାବିକ ଅବସ୍ଥାରେ ଅଦ୍ୟାବଧି ଝୁଲି ରହି ଏକ ନିଆରା ରହସ୍ୟମୟ ଅନୁଭବ ଆଣିଥାଏ।

# ନରୱେର ହେମରଫେଷ୍ଟ ସହରରେ ୪୦ ମିନିଟ୍ ପାଇଁ ହୋଇଥାଏ ରାତି

ସୂର୍ଯ୍ୟ ଏଠାରେ ଜମାବି ହୁଅନ୍ତି ନାହିଁ ଅସ୍ତ। ରାତି ମାତ୍ର ୪୦ ମିନିଟ୍ ହୋଇଥାଏ। ବାକି ସମୟରେ ହୋଇଥାଏ ଦିନ। ବିଶ୍ୱାସ ନହେଲେ ମଧ୍ୟ କଥାଟି ସତ । ବିଶ୍ୱର ଏଭଳି ବି ସ୍ଥାନ ରହିଛି। ଯେଉଁଠି ମାତ୍ର ୪୦ ମିନିଟ ପାଇଁ ହୋଇଥାଏ ରାତି। ଦିନସାରା ଲୋକ ଥକାପଣ ହଟାଇବା ପାଇଁ ରାତିର ଅପେକ୍ଷାରେ ରହିଥାନ୍ତି। ସୃଷ୍ଟିର ନିୟମ ଅନୁସାରେ ରାତିରେ ସମସ୍ତେ ବିଶ୍ରାମ ନେଇଥାନ୍ତି। କିନ୍ତୁ ଯେଉଁଠି ମାତ୍ର ୪୦ ମିନିଟ ପାଇଁ ରାତି ହୋଇଥାଏ ସେଠାକାର ଲୋକେ କିଭଳି ଚଳୁଥିବେ ତାହା ଆପଣ ଭାବି ପାରୁଥିବେ। ତେବେ ନରୱେର ହେମରଫେଷ୍ଟ ସହରରେ ମାତ୍ର ୪୦ ମିନିଟ ପାଇଁ ହୋଇଥାଏ ରାତି। ରାତି ୧୨ଟା ୪୩ରେ ସୂର୍ଯ୍ୟ ଅସ୍ତ ହେଉଥିବାବେଳେ ମାତ୍ର ୪୦ ମିନିଟରେ ପରେ ପୁଣିଥରେ ଉଦୟ ହୋଇଥାନ୍ତି। ବର୍ଷରେ ମେ'ରୁ ଜୁଲାଇ ପର୍ଯ୍ୟନ୍ତ ୭୬ଦିନ ସୂର୍ଯ୍ୟ ଅସ୍ତ ହୋଇନଥାନ୍ତି । ଯେଉଁଠି ନରୱେକୁ 'ଲ୍ୟାଣ୍ଡ ଅଫ୍ ମିଡ୍ ନାଇଟ୍ ସନ୍' ବୋଲି ମଧ୍ୟ କୁହାଯାଏ । ଦେଶର ପୂର୍ବରେ ସ୍ୱିଡେନ ଏବଂ ଉତ୍ତରରେ କିଛି ସ୍ଥାନ ଫିନଲ୍ୟାଣ୍ଡ ଏବଂ ଋଷିଆ ସୀମା ସହ ରହିଛି । ତେବେ ଏଠାକାର ପ୍ରାକୃତିକ ପରିବେଶ କିଛି ନିଆରା ରହିଥାଏ। ତେବେ ଏଭଳି ଅନେକ ସ୍ଥାନ ରହିଛି ଯେଉଁଠାରେ ରାତିରେ ମଧ୍ୟ ସୂର୍ଯ୍ୟ ଉଦୟ ହୋଇଥାନ୍ତି। ସ୍ୱିଡେନରେ ମଧ୍ୟ ମଧ୍ୟରାତ୍ରରେ ଦିନର ମଜା ନେଇପାରିବେ। ଏଠାରେ ମଧ୍ୟ ଅଧରାତିରେ ସୂର୍ଯ୍ୟଉଦୟ ହୋଇଥାନ୍ତି। ମେ ଆରମ୍ଭରୁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଅଧରାତିରେ ସୂର୍ଯ୍ୟ ଅସ୍ତ ହୋଇଥାନ୍ତି। ୟୁରୋପର ଆଇସଲ୍ୟାଣ୍ଡରେ ମଧ୍ୟ ମଧ୍ୟରାତ୍ରରେ ସୂର୍ଯ୍ୟ କିରଣ ମଜା ନେଇପାରିବେ। ୧୦ ମେ'ଠାରୁ ଜୁଲାଇ ଶେଷ ପର୍ଯ୍ୟନ୍ତ ସୂର୍ଯ୍ୟଅସ୍ତ ହୋଇନଥାଏ। ଝରଣା, ପ୍ରାକୃତିକ ପରିବେଶରେ ଭରା ଏଠାକାର ସ୍ଥାନ ବେଶ ମନୋରମ ହୋଇଥାଏ। ସେପଟେ କାନାଡ଼ାର ମଧ୍ୟ କିଛି ଅଞ୍ଚଳରେ ଖରାଦିନେ ୫୦ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଅସ୍ତ ହୋଇନଥାନ୍ତି।



# ଗ୍ରହରେ ପାଣି ବଦଳରେ ହୁଏ ପଥର ବର୍ଷା

ବର୍ତ୍ତମାନ ସମୟରେ ବିଜ୍ଞାନ ଏତେ ବିକାଶ କରିଛି ଯେ, କଠିନରୁ କଠିନ କାମ ମଧ୍ୟ ସହଜ ହୋଇଯିବ। ବିଜ୍ଞାନର ବିକାଶ କାରଣରୁ ବୈଜ୍ଞାନିକଙ୍କୁ ସୌରମଣ୍ଡଳର ଦୂରରେ ଥିବା ଗ୍ରହକୁ ଖୋଜିବାରେ ମଧ୍ୟ ସହଜ କରିନେଇଛି। ଉନ୍ନତ ଟେକ୍ନୋଲୋଜି ଓ ମହାକାଶରେ ହବଲ ଭଳି ଟେଲିସ୍କୋପର ସାହାଯ୍ୟରେ ବୈଜ୍ଞାନିକମାନେ ଏଭଳି ଅଦ୍ଭୁତ ଗ୍ରହ ଖୋଜିଛନ୍ତି, ଯାହା ବିଷୟରେ ଖୋଜି ବାହାର କରିବା କଷ୍ଟକର ଥିଲା। ବୈଜ୍ଞାନିକମାନେ କିଛି ଦିନ ପୂର୍ବରୁ ଏଭଳି ଅଦ୍ଭୁତ ଗ୍ରହକୁ ଖୋଜି ବାହାର କରିବା ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେବେ। ଏହା ଭିତରୁ ଗୋଟିଏ ଏଭଳି ଗ୍ରହ ରହିଛି ଯେଉଁଠି ପଥର ତରଳିବା ପରେ ବର୍ଷା ହୋଇଥାଏ, ସେଭଳି ଆଉ ଏକ ଗ୍ରହରେ ଟାଇଟାନିୟମ୍ ଭଳି ଧାତୁ ମଧ୍ୟ ବାମ୍ପ ପାଲଟି ଯାଇଥାଏ। ବୈଜ୍ଞାନିକମାନେ ଯେଉଁ ରହସ୍ୟମୟୀ ଦୁନିଆରେ ଦୁଇଟି ଗ୍ରହକୁ ଖୋଜିଛନ୍ତି, ସେହି ଦୁଇଟିର ଆକାର ଗୁରୁ ଗ୍ରହର ସମାନ ଥିଲା। ଏହି ଦୁଇଟି ଆମର ମିଲ୍‌କି ୱେ ଗାଲାକ୍ସିରେ ନିଜର ତାରାର ପାଖରେ ରହିଛି। ଏହି ଦୁଇଟି ଗ୍ରହ ତାରାର ଏତେ ପାଖରେ ରହିଛି ଯେ, ଅଧିକ ତାପମାତ୍ରା କାରଣରୁ ଗରମ୍ ହୋଇଯାଇଥାଏ। ଏହି ଗ୍ରହ ଉପରେ ବାଷ୍ପିକୃତ ପଥର ବର୍ଷା ହେବା ଓ ଦ୍ୱିତୀୟଟିରେ ଟାଇଟାନିୟମ୍ ଭଳି ଶକ୍ତିଶାଳୀ ଧାତୁ ମଧ୍ୟ ବାମ୍ପ ହେବାର କାରଣରୁ ଅଧିକ ତାପମାତ୍ରା ରହିଥାଏ। ବୈଜ୍ଞାନିକମାନେ ଦୁଇଟି ଷ୍ଟଡିରେ ଏହି ଦୁଇଟି ରହସ୍ୟମୟୀ ଗ୍ରହ ବିଷୟରେ ବିସ୍ତାର ଭାବରେ କହିଛନ୍ତି। ଏବେ ଏଥିରେ ବୈଜ୍ଞାନିକମାନେ ଆମର ଆକାଶଗଙ୍ଗାରେ ବ୍ୟାପିଥିବା ବିବିଧତା, ଜଟିଳତା ଓ ଅଦ୍ଭୁତ ରହସ୍ୟ ବିଷୟରେ ଜାଣି ପାରିବେ। ବାହ୍ୟଗ୍ରହରୁ ବ୍ରହ୍ମାଣ୍ଡରେ ଗ୍ରହର ତନ୍ତ୍ରରେ ବିକଶିତ ହେବାର ବିବିଧତା ବିଷୟରେ ସୂଚନା ମିଳୁଛି। ନେଚର ଜର୍ଣ୍ଣାଲରେ ପ୍ରକାଶିତ ଷ୍ଟଡି ଅନୁସାରେ, ବୈଜ୍ଞାନିକମାନେ ହବଲ ସ୍ପେସ୍ ଟେଲିସ୍କୋପ୍ ମାଧ୍ୟମରେ ପୃଥିବୀରୁ ୧୩୦୦ ପ୍ରକାଶ ବର୍ଷ ଦୂରରେ ଥିବା ଡବ୍ଲୁଏଏସ୍‌ପି-୧୭୮ବି କୁ ଦେଖିଛନ୍ତି। ଏହାକୁ ଯେଉଁଠି ଦେଖାଯାଏ ସେଠାରେ ବାୟୁମଣ୍ଡଳରେ ସିଲିକନ୍ ମୋନୋଅକ୍ସାଇଡ୍ ଗ୍ୟାସ୍ କରିଥାଏ। ରିସର୍ଚ୍ଚରମାନେ କହିଛନ୍ତି ଯେ, ଏହି ଗ୍ରହରେ ଦିନରେ ବାଦଲ ନଥାଏ, କିନ୍ତୁ ରାତିରେ ଦୁଇ ହଜାର ମାଇଲ୍ ପ୍ରତି ଘଣ୍ଟା ବେଗରେ ପବନ ଚାଲିଥାଏ। ଏହି ରିସର୍ଚ୍ଚରେ କୁହାଯାଇଛି ଯେ, ଗ୍ରହଟି ନିଜର ତାରର ଖୁବ୍ ନିକଟରେ ରହିଛି। ଗ୍ରହର ଦ୍ୱିତୀୟ ପଟେ ଓ ସିଲିକନ୍ ମନୋଅକ୍ସାଇଡ୍ ଏତେ ପରିମାଣରେ ଥଣ୍ଡା ହୋଇଯାଇଥାଏ ଯେ, ତା କାରଣରୁ ବାଦଲରୁ ପାଣି ବଦଳରେ ପଥର ବର୍ଷା ହୁଏ। ସକାଳେ ଓ ସନ୍ଧ୍ୟାରେ ଗ୍ରହଟି ଏତେ ଅଧିକ ଗରମ ହୋଇଯାଏ ଯେ, ପଥରକୁ ମଧ୍ୟ ବାମ୍ପରେ ପରିଣତ କରିଦେଇଥାଏ। ବୈଜ୍ଞାନିକମାନେ କହିଛନ୍ତି, ପ୍ରଥମ ଥର ସିଲିକନ୍ ମନୋଅକ୍ସାଇଡକୁ ଏଭଳି ରୂପରେ ଦେଖାଯାଉଛି।





# ବହୁଭାଷୀ ଫିଲ୍ମରେ ଉର୍ବଶୀ

ସିନେ ଦୁନିଆରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି ଅଭିନେତ୍ରୀ ଉର୍ବଶୀ ରୌତେଲା। ନିକଟରେ ଶେଷ ହୋଇଥିବା କାନ୍ ଫିଲ୍ମ ମହୋତ୍ସବରେ ସେ ରେଡ୍ କାର୍ପେଟ୍‌କୁ ଓହ୍ଲାଇଥିଲେ। ନିଜର ଦମ୍‌ଦାର ଲୁକ୍ ଜରିଆରେ ଦର୍ଶକଙ୍କୁ ସେ ମତୁଆଲା କରିଥିଲେ। ଏବେ ପୁଣି ଥରେ ନିଜର ଚମତ୍କାର ଲୁକ୍ ଜରିଆରେ ଫ୍ୟାନ୍‌ଙ୍କ ହୃଦୟ ଜିତିଛନ୍ତି । ପ୍ରଥମ ତାମିଲ ଫିଲ୍ମ 'ଦ ଲିଜେଣ୍ଡ'ର ଟ୍ରେଲର ଲଞ୍ଚ୍ ସମୟରେ ଉର୍ବଶୀ କାଞ୍ଜିବରମ୍ ଶାଢ଼ିରେ ମଞ୍ଚକୁ ଓହ୍ଲାଇଥିଲେ। ପାରମ୍ପରିକ ପୋଷାକ ସହିତ ଗହଣା ତାଙ୍କ ଲୁକ୍‌କୁ ବହୁଗୁଣିତ କରୁଥିଲା। ଭାରତୀୟ ହେଉ ବା ପାଶ୍ଚାତ୍ୟ, ସେ ସର୍ବଦା ନିଜ ବ୍ୟକ୍ତିତ୍ୱର ପରିପ୍ରକାଶ କରିଛନ୍ତି । ଟ୍ରେଲର ଲଞ୍ଚରେ ୫୦ ହଜାର ଲୋକଙ୍କ ସମ୍ମୁଖରେ ଉର୍ବଶୀ ପ୍ରଦର୍ଶନ କରିଥିଲେ। 'ଦ ଲିଜେଣ୍ଡ' ଅନ୍ୟତମ ବହୁଭାଷୀ ଫିଲ୍ମ, ଯାହା ୨୦୦ କୋଟି ବଜେଟ୍‌ରେ ପ୍ରସ୍ତୁତ ହୋଇଛି। ଏହି ଫିଲ୍ମ ଜରିଆରେ ବହୁଭାଷୀ ଫିଲ୍ମରେ ଅଭିନୟ କରିବାର ସ୍ୱପ୍ନ ପୂରଣ ହୋଇଛି ବୋଲି ଟ୍ରେଲର ଲଞ୍ଚ୍ ସମୟରେ ଉର୍ବଶୀ କହିଛନ୍ତି। ଫିଲ୍ମରେ ପ୍ରେମ, ହାସ୍ୟରସ, ଆକ୍ସନ୍ ସମେତ ଅନେକ ଟ୍ୱିଷ୍ଟ ରହିଛି। ଏଥିରେ ଉର୍ବଶୀ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ଭୂମିକା ନିର୍ବାହ କରିଛନ୍ତି। ଶିକ୍ଷା ପଦ୍ଧତି ବିଷୟରେ ଏକ ବାର୍ତ୍ତା ମଧ୍ୟ ଏହି ଫିଲ୍ମ ଲୋକଙ୍କୁ ଦେଉଛି ବୋଲି ସେ କହିଛନ୍ତି। ଟ୍ରେଲର ଲଞ୍ଚ୍ ଅବସରରେ ଉର୍ବଶୀ ତାମିଲନାଡୁର ପାରମ୍ପରିକ ପୋଷାକ କାଞ୍ଜିବରମ୍ ଶାଢ଼ିକୁ ଚୟନ କରିଥିଲେ, ଯାହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରତିନିଧିତ୍ୱ କରେ। ବିଶ୍ୱସ୍ତରରେ ଅନେକ କୃତିତ୍ୱ ହାସଲ କରି ଉର୍ବଶୀ ସର୍ବଦା ଲାଇମ୍‌ଲାଇଟ୍‌ରେ ରହିଛନ୍ତି । ନିକଟରେ ସ୍ମାଇଲ୍ ଟ୍ରେନ୍ ଫାଉଣ୍ଡେସନ୍ ପାଇଁ ସେ ପ୍ରଥମ ବିଶ୍ୱସ୍ତରୀୟ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ ହୋଇଛନ୍ତି।

**ଗତ ୨୦୨୧ମସିହାର ଫସଲ ବୀମା ଦାବୀ ନେଇ ରାଜରାସ୍ତାରେ ଚାଷୀ**

# ଟିଟିଲାଗଡ଼ ଉପଜିଲ୍ଲାପାଳ ଅଫିସ ଘେରାଓ

ଟିଟିଲାଗଡ଼ : ଫସଲ ବୀମାକୁ ନେଇ ରାଜ ରାସ୍ତାକୁ ଓଲ୍ହାଇଛି ଚାଷୀ ବର୍ତମାନ ସମୟରେ ଚାଷୀ ନିଜ କ୍ଷେତ ବିଲ ବାଡ଼ି, ଜମି ରେ ହଳ ନଙ୍ଗଳ କରିବା କଥା ଚାଷ ଜମିରେ ଧାନ ବିହନ ରୋପିବା କଥା ହେଲେ ଚାଷୀ ନିଜ ହକ ପାଇଁ ରାଜ ରାସ୍ତା କୁ ଓଲ୍ହାଇଛି । ଆଉ ବୀମା କମ୍ପାନୀ ସହ ଜିଲ୍ଲା ପ୍ରଶାସନ ର କାର୍ଯ୍ୟକାରିତା କୁ ନେଇ ପ୍ରଶ୍ନ ଉଠାଇଛି । ଟିଟିଲାଗଡ଼ ସହରରେ ମୁରିବାହାଲ ବ୍ଲକର ପୂର୍ବତନ ଅଧକ୍ଷ ହଂସରାଜ ଜୈନଙ୍କ ଅଧକ୍ଷତାରେ ମୁରିବାହାଲ ବ୍ଲକ ଅଧିନସ୍ଥ ବେଲପଦର ଗ୍ରାମ ପଂଚାୟତ ଏବଂ ତେନ୍ତୁଳୀଖୁଣ୍ଟି ଗ୍ରାମ ପଂଚାୟତ ର ଶତାଧିକ ଚାଷୀ ସହରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଟିଟିଲାଗଡ଼ ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ନାରାବାଜି କରିବା ସହ




ଘେରାଓ କରିଥିଲେ ଗତ ବର୍ଷ ର ମରୁଡି ଜନିତ କ୍ଷତିପୂରଣ ଦାବୀ ନେଇ ଟିଟିଲାଗଡ଼ ଉପଜିଲ୍ଲାପାଳ ଅଫିସ ଘେରାଓ କରିବା ସହ ଚରମ ଚେତାବନୀ ଦେଇଛନ୍ତି ଦାବୀ ପୂରଣ କର, ନଚେତ ଆଗାମୀ ପରିସ୍ଥିତି ପାଇଁ ସତର୍କ ରୁହ ବୋଲି କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଚାଷୀ ମାନେ ଆମେ ମାଗୁନାହିଁ ଭିକ, ଆମର ହକ ଆମକୁ ଦିଅ, ନେସନାଲ କୃଷି ଇନ୍ଷ୍ଟିଚ୍ୟୁାନ୍ସ କମ୍ପାନୀ ଚୋର ହେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଆମର ଦାବୀ ସରକାର ତୁମେ ଆମର ଦାବୀ ପୂରଣ କର,ଏମିତି ଅନେକ ସ୍ଲୋଗାନ ନେଇ ଟିଟିଲାଗଡ଼ ରେ ବେଶ ଗର୍ଜିଥିଲେ । ଚାଷୀ ମାନେ ଉପଜିଲ୍ଲାପାଳ ଅଫିସ ଘେରାଓ କରିବା ସହ ଦାବୀ ପତ୍ର ଦେବା ସହ ଚରମ ଚେତାବନୀ ଦେଇଛନ୍ତି । ଦାବୀ ପୂରଣ ନ ହେଲେ ଆଗକୁ ତୀବ୍ର ଆନ୍ଦୋଳନ ହେବ । ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଅଞ୍ଚଳ ଗତ କିଛି ବର୍ଷ ଧରି ମରୁଡିର ଶିକାର ହୋଇ ଆସୁଛି । ତେବେ ଗତ ୨୦୨୧ ମସିହାରେ ମୁରିବାହାଲ ବ୍ଲକ ଅଂଚଳ ରେ ମାତ୍ର ୧୩ ମିଲି ମିଟର ବର୍ଷା ହୋଇଥିଲା ଅନେକ ପଂଚାୟତ ର ଚାଷ ବାସ ଉଜୁଡି ଯାଇଥିଲା । କେଉଁଠି ୫୦%ପ୍ରତିଶତ କେଉଁଠି ୭୦ପ୍ରତିଶତ ଚାଷ ପ୍ରଭାବିତ ହୋଇଥିଲା ଚାଷୀ ମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନୁଯାୟୀ ନେସନାଲ ଅଗ୍ରିକଲଚରାଲ ଇନ୍ଷ୍ୟୁରାନ୍ସ କମ୍ପାନୀ ରେ ଫସଲ ବୀମା କରିଥିଲେ ହେଲେ ବୀମା ରାଶି ଏ ପର୍ଯ୍ୟନ୍ତ ପାଇ ନାହିଁ ବର୍ତମାନ ଚାଷ ।ସ ର ସମୟ ହେଲେ ଚାଷୀ ଚାଷ ଜମି ଛାଡି ଫସଲ ବୀମା ପାଇଁ ରାଜରାସ୍ତାକୁ ଓଲ୍ହାଇଛି । ବୀମା ଟଙ୍କା ପାଇଲେ ଧାନ ବିହନ, ସାର ସମେତ ଜମିରେ ହଳ ଲଙ୍ଗଳ କରିବ, ଟ୍ରାକ୍ଟର ଲଗାଇ ଜମି ଜୋତିବ ହେଲେ ନାଟଙ୍କା ମିଳୁଛି । ଆଉ ନା ଚାଷ କାମ ଆଗେଇ ପାରୁଛି ଏନେଇ ଟିଟିଲାଗଡ଼ ଅତିରିକ୍ତ ସହାୟକ ଜିଲାପାଳଙ୍କ କହିବା କଥା, ଘଟଣା ସମ୍ପର୍କରେ ସେ କିଛି ଜାଣି ନାହାନ୍ତି, ଚାଷୀ ମାନଙ୍କ ଦାବୀ ପତ୍ର ଜିଲ୍ଲାପାଳଙ୍କ ନିକଟକୁ ପଠାଇ ଦେବେ ଆଗକୁ ଚାଷୀ ମାନଙ୍କ ସମସ୍ୟା ର ସମାଧାନ କେଉଁ ହେବ, ଏବଂ ଚାଷୀ ମାନେ ସେମାନଙ୍କ ବୀମା ରାଶି କେବେ ପାଇବେ ନା ପୁଣି ଦିନ ମାସ ଗଡି ଚାଲିବ, ତାହା ଆଗାମୀ ସମୟ କହିବ ଅନ୍ୟ ମାନଙ୍କ ମଧ୍ୟରେ ପୁଲସ୍ତି ବେହେରା, ସବ୍ୟସାଚୀ ବେହେରା, ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

## ମାଝୀପଡା ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ



କଣ୍ଟାବାଞ୍ଜି : ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ଚଟୁଅନକା ଗ୍ରାମ ପଞ୍ଚାୟତର ମାଝୀପଡା ପ୍ରାଥମିକ ବିଦ୍ୟାଳୟରେ ୭୩ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଚଟୁଅନକା ଗ୍ରାମର ଜବାହରଲାଲ ନେହେରୁ ଆଦିବାସୀ କ୍ଲବ ଓ ମାଝୀପଡା ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବନ ମହୋତ୍ସବରେ କଣ୍ଟାବାଞ୍ଜି ବନାଞ୍ଚଳ ରେଞ୍ଜର ଶ୍ରଦ୍ଧାଦେବ ବଡମାଳୀ ଓ ବନ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ପ୍ରକୃତିବନ୍ଧୁ ତଥା ପ୍ରଧାନ ଶିକ୍ଷକ ବିର ନାରାୟଣ ଦାଶ ସର୍ବ ପ୍ରଥମେ ଚଳିତ ବର୍ଷ ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଅନୁଷ୍ଠାନ ଜବାହରଲାଲ ନେହେରୁ ଆଦିବାସୀ କ୍ଲବର ସଭାପତି ସହଦେବ ମାଝୀଙ୍କୁ ଉପଢୌକନ ଓ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ । ତାପରେ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି,ଜାମୁକୋଳି, ଲିମ୍ବ, କରଞ୍ଜ ଆଦି ବୃକ୍ଷ ରୋପଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଥମିର ଛତ୍ରିଆ, କିଶୋର ବରିହା, ଦେବକୀ ତାଣ୍ଡୀ, ଜନକ ମାଝୀ, ବିଶିକେଶନ ମାଝୀ, ରୂପା ମାଝୀ, ଗୋବିନ୍ଦ ମାଝୀ, ସୁବାଷ ମାଝୀ, ନନ୍ଦ ମାଝୀ, ରାଜ ମାଝୀ, ଜନ ଦାସ, ରାଏସିଂ ପୁଟେଲ, ପଦମନ ମାଝୀ, ମୁଖରାମ ମାଝୀ, ଦେବଚନ ମାଝୀ, ତପନ ମାଝୀ, ମୋହନ ମାଝୀ, ଲୁଚନେ ମାଝୀ, ଅଞ୍ଜଳି ପରାଭୁଏ, ଅଗସ୍ତି ମାଝୀ, ଛିନେ ମାଝୀ, ଲଳିତା ପୁଟେଲ, ଜୟନ୍ତୀ କୈବର୍ତ୍ତ ପ୍ରମୁଖ ସହଯୋଗ କରିଥିଲେ ।

## ମଦୁଆ ମାନଙ୍କର ବେପରୁଆ ଗାଡି ଚାଳନା ଯୋଗୁଁ ରାଜ ରାସ୍ତାରେ ହନ୍ତସନ୍ତ ପଥଚାରୀ

ମାଲକାନଗିରି : ମଦୁଆ ମାନଙ୍କର ବେପରୁଆ ଗାଡି ଚାଳନା ଯୋଗୁଁ ଭଲ ଲୋକମାନଙ୍କର ରାସ୍ତାରେ ଯିବା ଆସିବା କରିବା କଷ୍ଟସାଧ ହୋଇ ପଡୁଛି । ମଦୁଆ ମାନଙ୍କର ବେପରୁଆ ଗାଡି ଚାଳନା ଯୋଗୁଁ ରାସ୍ତାରେ ବେଳେ ବେଳେ ଘଟିଥାଏ ବଡ଼ ଧରଣର ଦୁର୍ଘଟଣା । ଏମିତି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଦେଖିବାକୁ ମିଳିଥିଲା ଆଁଜି ସକାଳେ ମାଲକାନଗିରି ଜିଲ୍ଲାର ଏମ୍ ଭି- ୭ ନମ୍ବର ଛକ ନିକଟରେ ୩୨୬ନମ୍ବର ଜାତୀୟ ରାଜପଥ ଉପରେ । ଆଜି ସକାଳେ ୧୧୩୦ ସମୟରେ ଏମ୍,ପି ଭି ୫୯ ଗ୍ରାମର ସୁସେନ କିର୍ତ୍ତନୀୟା ଓ ତାଙ୍କ ସ୍ତ୍ରୀ କାମ ସାରି ମଟର ସାଇକେଲ ଯୋଗେ ଘରକୁ ଫେରୁଥିଲା । ସେହି ସମୟରେ ଠିକ ବିପରୀତ ଦିଗ ଅର୍ଥାତ୍ କାଲିମେଲା ପଟରୁ ଦୁଇ ଜଣ



ବ୍ୟକ୍ତି ମଟରସାଇକେଲ ଯୋଗେ ଯାହାର ଗାଡି ନମ୍ବର ଓ,ଡି ୧୨,ଏ ୬୬୪୭ ଶିଖାପାଲୀ ବଜାରରୁ ମଦ ପିଇ ଏବଂ ମଦ କିଣି ସାଙ୍ଗରେ ଧରି ଘରକୁ ଫେରୁଥିବା ବେଳେ ଅଧିକ ମାତ୍ରାରେ ମଦ ପିଇଥିବା ଯୋଗୁଁ ରାସ୍ତାର ଭୂଲ ପାର୍ଶ୍ୱରେ ଆସି ସୁସେନଙ୍କ ଗାଡ଼ିର ସାମ୍ନାରେ ଲଗାଇ ଦେଇଥିଲେ । ଫଳରେ ଉଭୟ ଗାଡ଼ିରେ ବସି ଥିବା ବ୍ୟକ୍ତିମାନେ ଖଣ୍ଡିଆ ଖାବରା ହୋଇ ରାସ୍ତା ଉପରେ ପଡ଼ିଥିଲେ । ସାଙ୍ଗେ ସାଙ୍ଗେ ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । କିନ୍ତୁ ଆମ୍ବୁଲାନ୍ସ ଆସିବା ଡେରି ହେବା ଯୋଗୁଁ ଲୋକମାନେ ସେମାନଙ୍କୁ ଅଟୋଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ପଠାଇ ଦେଇଥିଲେ ।

## ବନମହୋତ୍ସବ ସପ୍ତାହ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଟିଟିଲାଗଡ : ଟିଟିଲାଗଡ଼ ବନବିଭାଗ ଏବଂ ଉପଖଣ୍ଡ ସ୍ତରୀୟ ତାଲୁକ ଆଇନ ସେବା ତରଫରୁ ମିଳିତ ଭାବରେ ବନମହୋତ୍ସବ ସପ୍ତାହ ଅବସରରେ ଟିଟିଲାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଟିଟିଲାଗଡ ଏ ଡି ଜେ ରାଜ କିଶୋର ମହାପାତ୍ର, ସବ ଜଜ ରମାକାନ୍ତ ମହାନ୍ତି, ଏସ ଡି ଜେ ଏମ ମମିତା ସାହୁ, ଜେ ଏମ ଏଫ ସି ଲିପ୍ସା ରାଉତ, ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ବୃକ୍ଷ ରୋପଣ କରିବା ସହ ଗଛର ଯତ୍ନ ନେବା ସହ ପ୍ରତିଟି ଛାତ୍ରୀ ଗଛ ଲଗାଇବା ସହ ନିଜ ପରିବାର ବର୍ଗମାନଙ୍କୁ ବି ଗଛ



ଲଗାଇବା ପାଇଁ ପ୍ରେରଣା ଦେବା ସହ ଆହ୍ୱାନ ଦେଇଥିଲେ ଏ ଡି ଜେ ରାଜ କିଶୋର ମହାପାତ୍ର ଟିଟିଲାଗଡ଼ କୋର୍ଟର ଟି ଏଲ ଏସ ସି ରଟେନର ଜୟନ୍ତ ପଣ୍ଡା, କିରାଣୀ ଜୀବର୍ଦ୍ଧନ ଛାତ୍ରୀୟା, କିଶୋର ଚନ୍ଦ୍ର ଦାଶ, ପିଏଲଭି ନୀଳାମ୍ବର ବେହେରା, ପରମାନନ୍ଦ ତାଣ୍ଡି, ପ୍ରମୁଖ ମଧ୍ୟ ଚାରା ରୋପଣ କରିଥିଲେ । ବାଳିକା ହାଇସ୍କୁଲ ର ଛାତ୍ରୀ ମାନେ ମଧ୍ୟ ଉତ୍ସାହିତ ହୋଇ ଚାରା ରୋପଣ କରିଥିଲେ ।ଏହି କାର୍ଯ୍ୟକ୍ରମ କୁ ଟିଟିଲାଗଡ଼ ବନବିଭାଗ ର ରେଞ୍ଜ ଅଧିକାରୀ ଶିବ ପ୍ରସାଦ ନାଏକ, ବନପାଳ ଅମରେଶ ଠାକୁର, ପ୍ରଫୁଲ ଜେନା, ଏ ଜେ ଓ୍ୱାଇ ଟିମ ଲିଡର ଅଜୟ ମହାନ୍ତି, ଡିଓ ଦିବାକର ପ୍ରଧାନ ବନପାଳ ପୂଜା ରାନୀ ସେଠ ପ୍ରମୁଖ ପରିଚାଳନା କରିଥିବା ବେଳେ ବିଦ୍ୟାଳୟତରଫରୁ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ପୁରୋହିତ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ପରେ ଟିଟିଲାଗଡ଼ ସହର ସ୍ଥିତ ସରକାରୀ ବାଳକ ହାଇସ୍କୁଲ ପରିସରରେ ମଧ୍ୟ ବୃକ୍ଷ ରୋପଣ କରାଯାଇଥିଲା ଆଜି ଟିଟିଲାଗଡ଼ ସହରର ଉଭୟ ସରକାରୀ ଶିକ୍ଷାନୁଷ୍ଠାନରେ ବନ ବିଭାଗ ତରଫରୁ ଶତାଧିକ ଚାରା ଯୋଗାଇ ଦିଆଯିବା ସହ ଅତିଥି ସମେତ ସ୍କୁଲ ଛାତ୍ର, ଛାତ୍ରି ମାନେ ମଧ୍ୟ ବୃକ୍ଷ ରୋପଣ କରିବା କୁ ବେଶ ଉତ୍ସାହିତ ଥିବା ଦେଖା ଯାଇଥିଲା ।।

## ମହିଳାଙ୍କୁ ନିଶା ଦେଇ ଧର୍ଷଣ



ଗୋପ : ବିଳମ୍ବିତ ରାତ୍ରରେ ଗୋପ ଥାନା ଅନ୍ତର୍ଗତ ଖଣ୍ଡାସାହି ଗ୍ରାମରେ ଜଣେ ମହିଳା ଘରେ ଏକୁଟିଆ ଥିବା ବେଳେ ସେହି ଗ୍ରାମର ବିଜୟ କୁମାର ବେହେରା ଘରକୁ ଯାଇ ଥଣ୍ଡା ପିଇବାକୁ ଦେଇ ଥିଲେ । କିନ୍ତୁ ମହିଳା ଜଣଙ୍କ ଏହି ଥଣ୍ଡା ପିଇବା ପରେ ଚେତା ହରେଇ ପଡିଥିଲେ । ପରେ ଯୁବକ ଜଣଙ୍କ ମହିଳାଙ୍କୁ ଧର୍ଷଣ କରିଥିଲେ । ଏପରି ଘଟଣା ସଂପର୍କରେ ମହିଳା ଜଣଙ୍କ ଜାଣିବା ପରେ ତାଙ୍କ ପରିବାର ସଦସ୍ୟ ମାନଙ୍କୁ କହିବା ପରେ ଗୋପ ଥାନା ରେ ଅଭିଯୋଗ ଦେଇଥିଲେ । ପୋଲିସ ସଙ୍ଗେ ସଙ୍ଗେ ଖଣ୍ଡାସାହି ଗ୍ରାମରେ ପହ ଅଭିଯୁକ୍ତ କୁ ଗିରଫ କରିଥିଲେ । ପୋଲିସ ଅଭିଯୋଗ କୁ ନେଇ ଥାନାରେ ଏକ ମୋକଦ୍ଦମା ରୁଜୁ କରିବା ସହ ଉଭୟ ଙ୍କୁ ଗୋପ ଡାକ୍ତରଖାନା ରେ ପରୀକ୍ଷା କରିବା ସହିତ ତଦନ୍ତ ଆରମ୍ଭ କରିଛି ।

## ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନମହୋତ୍ସବ ପାଳନ

ଦରାୟଗଡ: -ରାୟଗଡ ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ଜିଲ୍ଲା ଜଙ୍ଗଲ ବିଭାଗ ମିଳିତ ଆନୁକୁଲ୍ୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ରାୟଗଡ ଜିଲ୍ଲା ଆଇନସେବା ପ୍ରାଧିକରଣ(...) ଦ୍ବାରା ୭୩ ତମ ବିଶ୍ୱ ବନମହୋତ୍ସବ ପାଳନ ଅବସରରେ ରାୟଗଡ ସ୍ଥିତ ମହର୍ଷୀ ବିଦ୍ୟାମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ପୋକ୍ସ ଅଦାଲତ ର ବିଚାରପତି ଶ୍ରୀମତି ସୋନାଲି ପଟ୍ଟନାଏକ,ରେଜିଷ୍ଟ୍ରର ଦେବିଜ୍ୟୋତି ମହାପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତି ନିବେଦିତା ପଣ୍ଡା, ଅନୁବିଭାଗୀୟ ଦଣ୍ଡାଧିକାରୀ



ଶ୍ରୀ ଗୁରୁଚରଣ ଜେନାମଣି, ଗ୍ରାମ୍ୟ ନ୍ୟାୟଧିକାରୀ ଶ୍ରୀମତି ସୁଭାସିନି ବେହେରା, ଜିଲ୍ଲା ବନ ଅଧିକାରୀ ଶ୍ରୀ ବିଜୟ କୁମାର ପାଢୀ , ଏ.ସି.ଏଫ୍ ଶ୍ରୀ ଅଶୋକ ପ୍ରଧାନ, ଜିଲ୍ଲା ଆଇନସେବା ପ୍ରାଧିକରଣ ର ପାନେଲ ଓକିଲ ଶ୍ରୀ ସାମୁଏଲ ତାଣ୍ଡି, ସ୍ଥାନୀୟ ବନ ବିଭାଗର କର୍ମଚାରୀ ପ୍ରମୁଖ ଯୋଗଦେଇ ଉକ୍ତ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ ଏବଂ ମହର୍ଷୀ ବିଦ୍ୟାମନ୍ଦିର ଶିକ୍ଷକ ବୃନ୍ଦ ବନ ମହୋତ୍ସବ ଅବସରରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଏଠାରେ ବନ ବିଭାଗ ଦ୍ବାରା ଯୋଗାଇ ଦିଆଯାଇଥିବା ବହୁ ଉପାଦେୟ ବୃକ୍ଷ ରୋପଣ କରାଯାଇଛି ଆଗକୁ ମଧ୍ୟ ରାୟଗଡା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯିବ ବୋଲି ପ୍ରାଧିକରଣର ସଂପାଦିକା ଶ୍ରୀମତି ନିବେଦିତା ପଣ୍ଡା ପ୍ରକାଶ କରିଛନ୍ତି ।

## ସେବା ସମବାୟ ସମିତିର ପ୍ରମୋଦ କୁମାର ପାଣିଗ୍ରାହୀ ନୂତନ ସଭାପତି

ଗଞ୍ଜାମ, : ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସେବା ସମବାୟ ସମିତିର ନୂତନ ସଭାପତି ଭାବେ ପୂର୍ବତନ ବିଜେଡ଼ି ନଗର ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ ମଙ୍ଗଳବାର ଦିନ ହୋଇଥିବା ନିର୍ବାଚନରେ ନିର୍ଦ୍ୱନ୍ଦିରେ ନିର୍ବାଚିତ ହୋଇଛନ୍ତି । ଖବରନୁଯାୟୀ, ଦିଗପହଣ୍ଡି ପାକ୍ସ ନିର୍ବାଚନ ପାଇଁ ଗତ କିଛି ଦିନ ଧରି ସୋସାଇଟି ନିର୍ଦ୍ଦେଶକ ଓ ସଭାପତି ପଦବୀ ପୁରଣ ପାଇଁ ଲଢେଇ ଲାଗିଥିବା ବେଳେ ପୂର୍ବରୁ ୧୫ ଜଣ ଡାଇରେକ୍ଟର ମଧ୍ୟରୁ ୧୪ ଜଣ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଥିଲେ । କିନ୍ତୁ ୧୫ ନଂ ଜୋନ୍ ପକ୍ଷରୁ ଦୁଇ ପ୍ରତିଦ୍ୱନ୍ଦୀ ପଦ୍ମଚରଣ ଦାସ ଓ କୁରେଶୁ ପଣ୍ଡା ମଧ୍ୟରେ ଲଢେଇ ହୋଇଥିଲା । ଶେଷରେ ପଦ୍ମଚରଣ ଦାସ ବାଜିମାତ କରିଥିଲେ । ସଭାପତି ପଦବୀ ନିର୍ବାଚନ ଲାଗି ନବ ନିର୍ବାଚିତ ସଭାପତି ଶ୍ରୀ ପ୍ରମୋଦ ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ ମଧ୍ୟ ସମୟକ୍ରମେ ଅନ୍ୟ କୌଣସି ପ୍ରତିଦ୍ୱନ୍ଦୀ ନାମାଙ୍କନ ଦାଖଲ ନ କରିବା ଫଳରେ ନିର୍ବାଚନ ଅଧିକାରୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ଘୋଷଣା କରିଥିଲେ । ଏହି ପରିପ୍ରେକ୍ଷୀରେ ନବ ନିର୍ବାଚିତ ସଭାପତି ପ୍ରମୋଦଙ୍କୁ ସମସ୍ତ ଡାଇରେକ୍ଟର, ସଂପାଦକ ସୁରେଶ କୁମାର ନନ୍ଦ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ପଣ୍ଡା, ଉପାଧ୍ୟକ୍ଷା ପ୍ରତିନିଧି କେ . କୁନା, ପୂର୍ବତନ ଉପ ନଗରପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକ, ପୂର୍ବତନ ନଗରପାଳ ଉଦୟନାଥ



ସ୍ୱାଇଁ ସମେତ ବହୁ ଚାଷୀ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇବା ସହ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ । ନବ ନିର୍ବାଚିତ ସଭାପତି ଶ୍ରୀ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ସହଯୋଗ କାମନା କରିଥିଲେ ।

## ପୁଣି ଚାଲିଲା ଗଞ୍ଜା ଲଢ଼େଇ

ରାଜଗାଙ୍ଗପୁର : ଧଳା ଜହର କାରଖାନା ମଧ୍ୟରୁ ଲୁଟ ମୋବାଇଲ ଚୋରି କୁକୁଡ଼ା ଲଢ଼େଇ ଏପରି ରାଜଗାଙ୍ଗପୁର ଅଞ୍ଚଳ ବାସୀ ଅତିଷ୍ଠ ହୋଇ ସାରିଲେଣି ଅଭିଯୋଗ କରିଲେ ଫଳପ୍ରଦ କିଛି ନାହିଁ । ଏପରିକି ଅଭିଯୋଗ କରିବା ପାଇଁ ବହୁତ ଲୋକ ନଯାଇ ଭାଗ୍ୟକୁ ଆଦରି ଚୁପ ହୋଇ ବସି ଯାଉଥିବା ଶୁଣିବାକୁ ମିଳୁଛି । ଧଳାଯହର ସହର ର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ବେଳେ ମୁଖ୍ୟ ଆସାମୀକୁ ଧରିବାରେ ବିଫଳ କେବେ କେବେ ଛୋଟ ମାଛକୁ ଧରି ଜେଲ ପଠାଇ ଦେଇ ବାବା ନେବାରେ ଲାଗି ପଡିଛି ପ୍ରଶାସନ ଓ ଆଇ ଏସ୍ ଏଲ ଦୀର୍ଘ ୪ ବର୍ଷା ହେବ ବନ୍ଦ ହୋଇ ରହିଥିବା ବେଳେ କାରଖାନର ପ୍ରାୟ ବହୁ ପରିମାଣ ର ବହୁ ସାମଗ୍ରୀ ଚୋରୀ ହୋଇ ସାରି ଗଲାଣି ଏଠିକାର କଣ୍ଟା ବ୍ୟବସାୟୀ କୋଟିପତି ହୋଇ ସାରିଲେଣି କିନ୍ତୁ ପ୍ରଶାସନ ସବୁ ଦେଖି ନଦେଖିଲା ପରି ଚୁପ ବସିଛନ୍ତି । ବଜାର ରାସ୍ତାରେ ମୋବାଇଲ ଚୋରୀ ହେବା ସହ ତାରୀ ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ପାରି ନାହାନ୍ତି କି ଚୋରୀ ମୋବାଇଲ ଉଦ୍ଧାର ହୋଇ ପାରିଲା ଭଳି



ଦେଖାଯାଉ ନାହିଁ । ଏହି ଅଞ୍ଚଳରେ ବହୁ ଦିନ ହେବ କୁକୁଡ଼ା ଲଢ଼େଇ ଖେଳ ବନ୍ଦ ହୋଇ ଥିବା ବେଳେ ଏବେ ଜହୁର ମାଲ ପଞ୍ଚାୟତ ର ସୁନାଖଣ୍ଡି ଗ୍ରାମର ଧୋଡାପଡା ଠାରେ ପ୍ରତି ବୁଧବାର ଏବଂ ରବିବାର ଦିନ ଏବଂ ବୁଢ଼ାଆମ ପଞ୍ଚାୟତରେ ଜଙ୍ଗଲ ପାଖରେ ଶୁକ୍ରବାର କୁକୁଡ଼ା ଲଢ଼େଇ ଖେଳ ହେବାସହ ଘୁଡ ଘୁଡି ପାଟି ଖେଳ ଆରମ୍ଭ ହେବା ପରେ ଅଞ୍ଚଳର ଜନ ସାଧାରଣ ସର୍ବଶାନ୍ତ ହେବା ଦେଖିବାକୁ ମିଳୁଛି ।ଏପରି ଖେଳ ହେଲେ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନକୁ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି ବୁଦ୍ଧିଜୀବୀ ମାନେ ମତ ପୋଷଣ କରିଛନ୍ତି ।

## ଜିଲ୍ଲା ଦୌରାଜଜଙ୍କ ଦିଗପହଣ୍ଡି କୋର୍ଟ ପରିଦର୍ଶନ

ଦିଗପହଣ୍ଡି : ଗଞ୍ଜାମ ଜିଲ୍ଲା ଦୌରାଜର୍ଜ ଆନନ୍ଦ ଚନ୍ଦ୍ର ବେହେରା ବୁଧବାର ଦିନ ଦିଗପହଣ୍ଡି କୋର୍ଟ ପରିଦର୍ଶନ କରିଥିବା ଜଣାପଡିଛି ।ପ୍ରଥମେ କୋର୍ଟ ପରିସରରେ ପହ ଜେଏମ୍ଏଫସି ପ୍ରିୟଦର୍ଶନୀ ତ୍ରିପାଠୀଙ୍କ ସହ ବିଭିନ୍ନ ମାମଲାର ତ୍ୱରିତ ଫୈସଲା ଓ କୋର୍ଟ କାର୍ଯ୍ୟ ପରିଚାଳନା ନେଇ ଆଲୋଚନା କରିଥିଲେ । ଏହି ଅବସରରେ ଓକିଲ ସଂଘ ସଦସ୍ୟ ମାନଙ୍କ ସହ ମଧ୍ୟ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରି ଆଶୁ ବିଚାରଣା ଦିଗରେ ଆଇନଜୀବି ଓ ସରକାରୀ ଓକିଲଙ୍କ ଭୂମିକା ଉପରେ ସକାରାକ ପରାମର୍ଶ ପ୍ରଦାନ କରିଥିଲେ । ଏହାପରେ ପୁଡାମାରୀ ରାସ୍ତାରେ ପ୍ରସ୍ତାବିତ କୋର୍ଟର ନୂତନ କୋଠା ନିମନ୍ତେ ନିରୂପିତ ସ୍ଥାନ ପରିଦର୍ଶନ କରିବା ସହ ତାହାର ଚୌହଦୀ ଚିହ୍ନଟ ଓ ଅନ୍ୟ ଆନୁସଙ୍ଗିକ କାମ ଆରମ୍ଭ କରିବାକୁ ଉପସ୍ଥିତ ଥିବା ନାଜିରଙ୍କୁ ଆଦେଶ ଦେଇଥିଲେ ।ଜିଲ୍ଲାଜର୍ଜଙ୍କ ଏହି ପରିଦର୍ଶନ ସମୟରେ ରେଜିଷ୍ଟ୍ରାର ଏସ.କେ.ମିଶ୍ର, ଓକିଲ ସଂଘ ସଭାପତି ଏ. ସୋମେଶ୍ୱର ରାଓ, ସମ୍ପାଦକ ପ୍ରହଲ୍ଲାଦ ପ୍ରଧାନ, ଉପସଭାପତି ସଞ୍ଜୟ କୁମାର ପଣ୍ଡା, ପ୍ରାକ୍ତନ ସମ୍ପାଦକ ହରପ୍ରସାଦ ରଥଙ୍କ ସମେତ ପ୍ରଭାକର ରାଉତ, ସନ୍ତୋଷ କୁମାର ସାହୁ ଓ ବିଚାର ବିଭାଗୀୟ କର୍ମଚାରୀ ଭିକାରୀ ବେହେରା, ସତ୍ୟ ନାରାୟଣ ପାଢୀ, ସଂଗ୍ରାମ କେଶରୀ ପଣ୍ଡା, କାଳିଆ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରାଡିପଙ୍ଗା ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଗ୍ରାମବାସୀଙ୍କ ବ୍ଲକ ଅଧକ୍ଷାଙ୍କୁ ଦାବୀ ପତ୍ର

ଫିରିଙ୍ଗିଆ, : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିମିରି ଗୁଡା ପଞ୍ଚାୟତର ଶ୍ରାଡିପଙ୍ଗା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ କାର୍ଯ୍ୟ ରତ ପ୍ରଧାନ ଶିକ୍ଷକ ପଞ୍ଚାନନ ଗନ୍ତାୟତ ଙ୍କ ଦୀର୍ଘ ଦିନ ହେବ ବିଦ୍ୟାଳୟରେ ଠିକ ଭାବରେ ଅନୁପସ୍ଥିତ ଯୋଗୁଁ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମହଲ ରେ ଅସନ୍ତୋଷ ଦେଖା ଦେବା ସହ ବଦଳି କରିବାକୁ ଲିଖିତ ଅଭିଯୋଗ ଫିରିଙ୍ଗିଆ ବ୍ଲକ ଅଧକ୍ଷା ନମିତା କହଁରଙ୍କୁ ପ୍ରଦାନ କରିଛନ୍ତି ଅନ୍ୟ ପଟେ ଫିରିଙ୍ଗିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତରେ ବରିଷ୍ଠ କିରାଣୀ ବଦ୍ରି ସାହାଣୀଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ଗ୍ରାମ ବାସୀଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟରେ ଥିବା ପ୍ରଧାନ ଶିକ୍ଷକ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଶିକ୍ଷକତା କରିବା ସହ ପ୍ରଧାନ ଶିକ୍ଷକ ଦାୟିତ୍ୱ ମଧ୍ୟ ନିଜେ ନେଇଛନ୍ତି । କିନ୍ତୁ



ବିଦ୍ୟାଳୟରେ ଅଧିକ ଦିନ ଏବଂ ବାରମ୍ବାର ଅନୁପସ୍ଥିତ ରହିବା ଯୋଗୁଁ ଶିକ୍ଷା ଦାନ ରେ ବାଧା ପ୍ରାପ୍ତ ହେଉଥିବା ଅଭିଯୋଗ କରିଛନ୍ତି । ଏହା ସହ ବିଦ୍ୟାଳୟ ପରିଚାଳନା କମିଟି ବାରମ୍ବାର ବିଦ୍ୟାଳୟ ରେ ଉପସ୍ଥିତ ରହି ପାଠ ପଢାଇ ବାକୁ କହିଥିଲେ ମଧ୍ୟ କୌଣସି କଥା ଶୁଣୁ ନ ଥିବା ବିଦ୍ୟାଳୟ ପରିଚାଳନା କମିଟି ଅଭିଯୋଗ କରିଛି । ବିଦ୍ୟାଳୟ ରେ ୨ ଜଣ ଶିକ୍ଷକ ଥିବା ବେଳେ ପ୍ରଧାନ ଶିକ୍ଷକ ଅନୁପସ୍ଥିତ ରହୁ ଥିବା ଯୋଗୁଁ ଜଣେ ଶିକ୍ଷକ ରେ ପାଠ ପଢା ବାଧା ପ୍ରାପ୍ତ ହେଉଥିବା କହିବା ସହ ତୁରନ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ଗନ୍ତାୟତକୁ ବଦଳି କରିବାକୁ ଅଭିଯୋଗ କରିଛନ୍ତି ଅନ୍ୟ ପଟେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ଦିଗାଲଙ୍କୁ ଘଟଣା ବିଷୟରେ ପଚାରି ବାରୁ ଘଟଣା ର ତଦନ୍ତ କରିବା ସହ ଘଟଣା କୁ ଗୁରୁତର ସହ ନେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ବିକଳାଙ୍ଗ ବୃଦ୍ଧ ବୃଦ୍ଧାଙ୍କ ଭତ୍ତା ଟଙ୍କା ହଡପ

ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅମଲାଭଟା ଗ୍ରାମ ପଞ୍ଚାୟତରେ ଗୋଟିଏ ପରେ ଗୋଟିଏ କାର୍ନାମା ପର୍ଦାଫାଶ ହେବାରେ ଲାଗିଛି । ସପ୍ତାହ ଭିତରେ ଦୁଇଟି କଳଙ୍କ ଭଳି ହେଉଛି । ଏହି ଗ୍ରାମ ପଞ୍ଚାୟତ ହିତାଧିକାରୀଙ୍କ ଚାଉଳ ପରେ ହିତାଧିକାରୀଙ୍କ ମାସିକ ଭତ୍ତା ଟଙ୍କା ମଧ୍ୟ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହି ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଗୁଡ଼ା ର ବିକଳାଙ୍ଗ ବୃଦ୍ଧା ବୃଦ୍ଧ ଟିପ ଚିହ୍ନ ମାରି ଦେଇ ନ ଥିବା ଅଭିଯୋଗ ଶୁଣିବାକୁ ମିଳୁଛି ।ଟିପ ଚିହ୍ନ ମାରୀ ଭତ୍ତା ଟଙ୍କା ଆଣି ଦେବୀ କହି ଉଭାନ ହୋଇଯାଇଛନ୍ତି । ଦୁଇମାସ ର ଭତ୍ତା ଟଙ୍କା ଦେବାକୁ କହି ସରଳ ନିରୀହ ଅଶିକ୍ଷିତ ର ସୁଯୋଗ ନେଇ ଆଦିବାସୀଙ୍କ ଭତ୍ତା ଟଙ୍କା ଆସାତ କରିଥିବା ଶୁଣିବାକୁ ମିଳୁଛି । କୃଷ୍ଣଗୁଡ଼ା ଗ୍ରାମର ବିକଳାଙ୍ଗ ବୃଦ୍ଧା୩୦ ଜଣଙ୍କ ମଧ୍ୟରୁ ବୃଦ୍ଧ ବୃଦ୍ଧା ମାନଙ୍କ ମଧ୍ୟରୁ ପୋଦଲାମ ଜାନୀ ,ପ୍ରତିମା



କର୍କରା, ପାର୍ବତୀ ଗୌଡ ୨୦୨୧ ଅକ୍ଟୋବର ରୁ ବର୍ତମାନ ୯ମାସ ର ଭତ୍ତା ଟଙ୍କା ପାଇନାହାନ୍ତି । ସୁନାଧର ଗୌଡ ଅର୍ଚ୍ଛିତ୍ ଗୌଡ ୬ ମାସର ପାଇନାହାନ୍ତି । ଆଦିତ୍ୟ ଜାନୀ୫ମାସ ମଞ୍ଜୁଳା ଗୌଡ ବିକଳାଙ୍ଗ ୫ମାସ ହେଲା ୭ଶହ ପାଇନଥିବା ବେଳେ, ପ୍ରକାଶ କର୍କରା ବିକଳାଙ୍ଗ ୩ ମାସର ପାଇଁ ନାହାନ୍ତି । ସୁନାମଣୀ କର୍କରା ୩ମାସ ଶିବ କର୍କରା ୨ମାସ ପାଇଁ ନ ଥିବା ଅଭିଯୋଗ ହୋଇଛି ।ଭତ୍ତା ଟଙ୍କା ପାଇଁ ବ୍ୟାଙ୍କ ଠାରୁ ପଞ୍ଚାୟତ ଦୌଡ଼ି ଦୌଡ଼ି ନୟାନ୍ତ ହେଲିଣି ହେଲେ ଏ ମାନଙ୍କ ଗୁହାରି ଶୁଣୁଣୀ ବ୍ଲକ୍ ପ୍ରଶାସନ । ରାଜ୍ୟ ସରକାର ଏମାନଙ୍କ ପାଇଁ ଇନ୍ଦ୍ରାଗାନ୍ଧି ଭତ୍ତା ମଧୁବାବୁ ଭତ୍ତା କେନ୍ଦ୍ର ଓ ରାଜ୍ୟ ର ଦେଉଥିବା ବେଳେ, ଭାଷଣ ବାଜିରେ ରାଜ୍ୟ ସରକାର କେନ୍ଦ୍ର ସରକାର ଫୁଟାଣି ମାରୁଛନ୍ତି । ବାରମ୍ବାର ଯେଉଁଠାରେ ସରକାରଙ୍କ ଯୋଜନା ଅପହଞ୍ଚ ହୋଇଛି ସେ ଠାରେ ପହ ବାକୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଏହି ବିକଳାଙ୍ଗ ମାନଙ୍କ ଭତ୍ତା ଟଙ୍କା ଆସାତ କୁ ଦେଖିଲେ ସରକାରଙ୍କ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ଆଖି ଜଳ ଜଳ ଦେଖା ଯାଉଛି । ରାଜ୍ୟ ସରକାର ୨୦୧୯ଠାରୁ ମୋ ସରକାର ଅଧିନରେ ୫ଟି କାର୍ଯ୍ୟ କାରୀ କରିଛନ୍ତି ।ଶାସନ କ୍ଷେତ୍ର ରେ ସ୍ୱଚ୍ଛତା ଆଣିବାକୁ ହେଲେ,ଏହି ମୋ ସରକାର ଯୋଜନା ର କାର୍ଯ୍ୟକାରି ଦେଖିବାକୁ ହେଲେ, ଏହି ପଞ୍ଚାୟତ କୁ ଗଲେ ସବୁ ଜିଲ୍ଲା ସ୍ତରୀୟ ବାବୁ ତାଲିମ ପାଇ ଯିବେ ବୋଲି ଆଲୋଚନା ଚାଲିଛି । ଏ ନେଇ ଆମେ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ କୁ ପଚାରି ବାରୁ ଯେଉଁମାନେ ଭତ୍ତା ଟଙ୍କା ପାଇନାହାନ୍ତି, ସେମାନେ ପଞ୍ଚାୟତ କୁ ଆସିଲେ ପାଇବେ ବୋଲି କଥା ବଙ୍କେଇ ଦେଲେ । ଅପରପକ୍ଷରେ ତୁରନ୍ତ ଭତ୍ତା ଟଙ୍କା ଆସାତ କରିଥିବା ଅଧିକାରୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା, ତୁରନ୍ତ ଭତ୍ତା ଟଙ୍କା ପାଇବାରେ ବେବସ୍ଥା କରିବା ସହିତ ବିକଳାଙ୍ଗ ବୃଦ୍ଧା ବୃଦ୍ଧ ସମେତ ଗ୍ରାମ ପଞ୍ଚାୟତ ବାସି ଜିଲ୍ଲାପାଳ ସୁତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ।

# ଅବାଧରେ ମାଫିଆଙ୍କ ଦ୍ୱାରା ଚାଲିଛି ବାଲି ଚାଲାଣ, ନଦୀ ବନ୍ଧ ପ୍ରତି ବିପଦର ଆଶଙ୍କା,ରାସ୍ତା ବିପର୍ଯ୍ୟସ୍ତ କୁମ୍ଭକର୍ଣ୍ଣ ନିଦ୍ରାରେ ତହସିଲ ଓ ଜଳସମ୍ପଦ ବିଭାଗ, ଗଣ ଆନ୍ଦୋଳନ ଦାନା ବାନ୍ଧୁଛି

ନିଶ୍ଚିନ୍ତକୋଇଲି ତା ୧୦/୭- ପ୍ରଶାସନର ଜ୍ଞାତସାରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳ ବାଲି ମାଫିଆଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି । ବର୍ଷାଋତୁରେ ଅବାଧରେ ବାଲିଚାଲାଣ କରାଯାଉଥିବା କାରଣରୁ ନଦୀ ବନ୍ଧ ପ୍ରତି ବିପଦର ଆଶଙ୍କା ଦେଖା ଦେଇଛି । ଏପରିକି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଥିବା କାରଣରୁ ଗଣ ଆନ୍ଦୋଳନ ନିମନ୍ତେ ଲୋକେ ସଜବାଜ ହେଉଥିବାର ପ୍ରକାଶ କରିଛନ୍ତି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ସର୍ବୋପରି ଜଳ ସମ୍ପଦ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାରୁ ସାଧାରଣରେ ପୁଞ୍ଜିଭୂତ ଜନଅସନ୍ତୋଷ ତୀବ୍ରରୂପ ନେବାକୁ ବସିଲାଣି । ନିଶ୍ଚିନ୍ତକୋଇଲି ତହସିଲ ସର୍ବୋପରି କେନ୍ଦ୍ରାପଡା ଜିଲ୍ଲା ଛଡା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ କେଂଟାଲୋ ଗ୍ରାମପଂଚାୟତ କୁଳସୁକରପଡା(ଲୋକନାଥପୁର)ବାଲିଘାଟ ରହିଛି । ଏହି ବାଲି ଘାଟଟି ଲୁଣା ନଦୀର ଦକ୍ଷିଣ ପାର୍ଶ୍ୱରେ ରହିଛି । ସରକାରଙ୍କ ତରଫରୁ ଏହି ବାଲିଘାଟକୁ ଟେଣ୍ଡର ଦିଆଯାଇଥିଲା । ତେବେ ସମ୍ପୃକ୍ତ ବାଲି ନିଲାମଧାରୀ ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରି ଜେସିବି ମେସିନ ସାହାଯ୍ୟରେ ବାଲି ଖନନ କରୁଥିବାର ଅଭିଯୋଗ ହୋଇଛି । ଏହି ବାଲିକୁ ଦୈନନ୍ଦିନ ଟ୍ରାକ୍ଟର ,ଟ୍ରକ ଓ ହାଇୱାଯୋଗେ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଛି । ଏପରିକି ସମ୍ପୃକ୍ତ ନିଲାମଧାରୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଲୋକଙ୍କୁ ଶୋଷଣ କରି ଅଧିକ ମୂଲ୍ୟ ନେଉଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ବାଲି ଚାଲାଣ କରୁଥିବା ଗାଡି ଗୁଡିକ ଉପରେ କୌଣସି ଢାଙ୍କୁଣୀ ଦିଆଯାଉନଥିବାର ଅଭିଯୋଗ ହୋଇଛି । ଫଳରେ ରାସ୍ତାର ବିଭିନ୍ନ ସ୍ଥାନରେ ବାଲି ଓ ପାଣି ଜମି ରହୁଛି । ଫଳରେ ଗମନାଗମନ ନିମନ୍ତେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି । ଏପରିକି ଦୃତଗତିରେ ଭାରୀଯାନ ଚଳାଚଳ ହେତୁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟୁଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ବର୍ଷାଋତୁରେ ଭାରୀଯାନ ଯୋଗେ ବାଲି ଚାଲାଣ କରାଯାଉଥିବା କାରଣରୁ ବହୁ ସ୍ଥାନରେ ନଦୀବନ୍ଧରେ ବଡ ବଡ ଗର୍ତ୍ତ ସୃଷ୍ଟି ହେବା ସହ ନଦୀ ବନ୍ଧ ଦୁର୍ବଳ ହୋଇପଡିଥିବାର ଅଭିଯୋଗ ହୋଇଛି । ଫଳରେ ଏହି ସ୍ଥାନରେ ନଦୀବନ୍ଧ ଦୁର୍ବଳ କାରଣରୁ ନଦୀ ବନ୍ଧରେ ଘାଇ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏଠାରେ ଲୁଣା ନଦୀରେ ଘାଇ ସୃଷ୍ଟି ହେଲେ ନିଶ୍ଚିନ୍ତକୋଇଲି ବ୍ଲକର ବଡକ୍ଷୀର ,କଟରପଡା,କେଂଟାଲୋ, ସୁକରପଡା,କଟିକଟା,ଅସୁରେଶ୍ୱର ସମେତ ମାହାଙ୍ଗା ଓ ଡେରାବିଶ ବ୍ଲକର ବହୁ ପଂଚାୟତ ର ଶହଶହ ଲୋକେ କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏପରିକି ଲୋକନାଥପୁର ଦଳିତ ସାହିର ଶତାଧିକ ଲୋକେ ବିପର୍ଯ୍ୟସ୍ତ ନଦୀବନ୍ଧ ହେତୁ ଘରୁ ପଦାକୁ ବାହାରି ପାରୁନଥିବାର ଅଭିଯୋଗ ହୋଇଛି । ସର୍ବୋପରି ଜରୁରୀ କାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇଆସି ପାରୁନଥିବା କାରଣରୁ ବହୁ ସମୟରେ ଲୋକେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି । ଏସମ୍ପର୍କରେ ବାରମ୍ବାର ଲୋକେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି । ସ୍ଥାନୀୟ ତହସିଲ ପ୍ରଶାସନ ଓ ଜଳ ସମ୍ପଦ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା କାରଣରୁ ଲୋକେ ଗଣ ଆନ୍ଦୋଳନ ନିମନ୍ତେ ସଜବାଜ ହେଉଥିବାର ପ୍ରକାଶ କରିଛନ୍ତି । ତେବେ ଆଉ ଅଳ୍ପ ଦିନ ପରେ ନଦୀରେ ପାଣିଆସିଯିବ । ନଦୀ ର ତଳିଆ ଅଂଚଳରେ ତଥା ନଦୀ କୂଳରେ ବାସ କରୁଥିବା ଲୋକେ ଆତଙ୍କିତହୋଇପଡିଛନ୍ତି । ପ୍ରଶାସନ ତରଫରୁ ତୁରନ୍ତ ବିପଦ ସଙ୍କୁଳ ଅବସ୍ଥାରେ ଥିବା ନଦୀ ବନ୍ଧ ଓ କେନାଲ ବନ୍ଧ ମରାମତି କରାଯିବା ସହ ବାଲି ଚାଲାଣ କରୁଥିବା ଭାରିଯାନକୁ ବନ୍ଦ କରିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି ।

# ଚାରା ରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି ତା ୧୦/୭- ଆଜି ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଂଚାୟତ ମଲ୍ଲୀପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରକୃତି ବନ୍ଧୁ ତଥା ବିଶିଷ୍ଟ ପରିବେଶବିତ ନିରଞ୍ଜନ ସାହୁ ଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଏକ ପରିବେଶ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ପ୍ରକୃତି ବନ୍ଧୁ ତଥା ଗ୍ରୀନ ଭିଜନର ନିର୍ଦ୍ଦେଶକ ବଳରାମ ପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଉଦ୍ୟାନ ବିଭାଗର ସହକାରୀ ଅଧିକାରୀ ସାଧାରଣ ପ୍ରଶାସନ ବିଭାଗ ଭୁବନେଶ୍ୱର ଜୟନ୍ତ କୁମାର ଜେନା ଯୋଗଦାନ କରି ଆଜିର ଅବକ୍ଷୟ ମୁଖି ସମାଜରେ ପରିବେଶର ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିବା ସହ ଅଧିକରୁ ଅଧିକ ଚାରା ରୋପଣ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତାଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଭୁବନେଶ୍ୱରର ରାଜ୍ୟ ଯୋଜନା ସଂଯୋଜକ ସିଇଏସ ଭରତ କୁମାର ଜେନା ଯୋଗଦାନ କରି ଜଳବାୟୁ ପରିବର୍ତନର ବିଭିନ୍ନ ଦିଗ ଉପରେ ଗଭୀରଭାବେ ଆଲୋକପାତ କରିବା ସହ ଜୀବ ମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଶ୍ରୀକାନ୍ତ ପଣ୍ଡା,ଯୁଗୋଳ କିଶୋର ନାୟକ,ଜ୍ୟୋତି ପ୍ରକାଶ ସାହୁ,ସମାଜିକକର୍ମୀ ତଥା ସୂଚନା ଅଧିକାରୀ କର୍ମୀ ରାଜକିଶୋର ମହାପାତ୍ର ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ସ୍ଥାନୀୟ ଅଂଚଳରେ ଶତାଧିକ ଔଷଧିୟ ଓ ଫଳଚାରା ରୋପଣ କରାଯାଇଥିଲା । ଶେଷରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା କବିତା ମଞ୍ଜରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ନିଶ୍ଚିନ୍ତକୋଇଲି ୧୧/୦୭ (ନି.ପ୍ର):ଆଜି ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ଗ୍ରାମପଂଚାୟତ ଗୋପପୁର ସ୍ଥିତ କଲେଜଛକ ତାରିଣୀ ମନ୍ଦିର ପରିସରରେ ଜଗନ୍ନାଥ ଟ୍ରେଡର୍ସ ଆନୁକୂଲ୍ୟରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ଏବିଆଇଏସ କମ୍ପାନୀର ହରପ୍ରସାଦ ବାରିକ ସଭାପତିତ୍ୱ କରିଥିଲେ ।ମୁଖ୍ୟ ଅତିଥିଭାବେ ବଡକ୍ଷୀର ଗ୍ରାମପଂଚାୟତ ସରପଂଚ ହିମାଂଶୁ ନାରାୟଣ ମଲ୍ଲ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଅନୁପ ପାଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଚାଷର ବିଭିନ୍ନ ଦିଗ ଓ ଉପାଦେୟତା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ । ମତ୍ସ୍ୟଚାଷ ଏକ ଲାଭ ଜନକ ବ୍ୟବସାୟ । ଆଜିର ବେକାର ଯୁବକମାନେ ଚାକିରୀ ପଛରେ ନଗୋଡାଇ ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ଦେଲେ ନିଜେ ଆତ୍ମ ନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇପାରିବେ ବୋଲି ବକ୍ତମାନେ ମତବ୍ୟକ୍ତ କରିଥିଲେ ।

# ପୂର୍ବତନ ମନ୍ତ୍ରୀ ତଥା ଜନପ୍ରିୟ ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଜେନାଙ୍କ ଜନ ହିତକର କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଲେ ବହୁ ବିଜେପି ଓ କଂଗ୍ରେସ କର୍ମୀ

ମାହାଙ୍ଗା ୧୧/୦୭ (ନି.ପ୍ର):ମାନ୍ୟବର ପୂର୍ବତନ ମନ୍ତ୍ରୀ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଜନପ୍ରିୟ ବିଧାୟକ ତଥା ମାହାଙ୍ଗା ବାସୀଙ୍କ ସୁଖ ଦୁଃଖର ସାଥି ଶ୍ରୀଯୁକ୍ତ ପ୍ରତାପ ଜେନାଙ୍କ ନିଜ ନିର୍ବାଚନ ମଣ୍ଡଳୀର ଉନ୍ନୟନ ମୂଳକ ଜନ ହିତକର କାର୍ଯ୍ୟ ଓ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟ ଗୁଡିକର ସଫଳ ରୂପାୟନ କରିବା ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବିନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଇଥା ଗ୍ରାମପଂଚାୟତ ରୁ ୭୦ରୁ ଉର୍ଦ୍ଧ ବିଜେପି ଓ କଂଗ୍ରେସ କର୍ମୀ ଆଜି ନିଜ ନିଜର ରାଜନୈତିକ ଦଳ ଛାଡି ମାନ୍ୟବର ବିଧାୟକଙ୍କ ମାହାଙ୍ଗାସ୍ଥିତ ବାସଭବନରେ ବିଧିବଦ୍ଧଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି । ଆଜିର ମିଶ୍ରଣ ଏହିକାର୍ଯ୍ୟକ୍ରମରେ କଇଥା ଗ୍ରାମପଂଚାୟତ ସରପଂଚଙ୍କ ପ୍ରତିନିଧି ସୁକାନ୍ତ କୁମାର ଦଳାଇ ,ପଂଚାୟତ ସଭାପତି କମଳାକାନ୍ତ ରାଉତ, ଯୁବ ସମାଜସେବୀ କପିଳ ପାଲ,ଯୁବନେତା ତଥା ବ୍ଲକ ସୋସିଆଲ ମିଡିଆ ସେକ୍ରେଟାରୀ କିଶୋର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ମାହାଙ୍ଗା ବିଜେଡି ପରିବାର ତରଫରୁ ନୂତନ ଭାବେ ଯୋଗଦେଇଥିବା ସମସ୍ତ କର୍ମକର୍ତାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢେକନ ଦିଆଯାଇ ସମ୍ବର୍ଦ୍ଧନାକରାଯାଇଥିଲା । ଆଗାମୀ ଦିନରେ ମାହାଙ୍ଗାରେ ବିଜେଡିସଙ୍ଗଠନକୁ ମଜଭୁତ କରିବା ସହିତ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କିପରି ସମସ୍ତଙ୍କ ପାଖରେ ପହଂଚି ପାରିବା ସହ ସାଧାରଣ ଲୋକେ କିପରି ଏହି ଯୋଜନାରେ ସାମିଲ ହୋଇପାରିବେ ସେନେଇ ଶ୍ରୀଯୁକ୍ତ ଜେନା ମତବ୍ୟକ୍ତ କରିଥିଲେ । ଏଠାରେ ସୂଚନା ଥାଉ କି ମାହାଙ୍ଗା ବିଜେପି ଓ କଂଗ୍ରେସ ଦଳର ଗୋଷ୍ଠୀ କନ୍ଦଳ , ନେତୃତ୍ୱ ଶୂନ୍ୟ ସାଙ୍ଗଠନିକ ଦୁର୍ବଳତା ,ଦଳରେ କର୍ମୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ଏବଂ ଦଳରେ କଣଠେସା ସହ ଅସହଯୋଗ କାରଣରୁ ବିଜେପି ଓ କଂଗ୍ରେସ ଦଳ ଛାଡି ବିଜେଡିରେ ମିଶିଥିବା କର୍ମୀମାନେ ମତପ୍ରକାଶ କରିଛନ୍ତି ।

# ବେଙ୍ଗାଲୁର ଜଗନ୍ନାଥ ମନ୍ଦିରରେ ସୁନାବେଶ ଅନୁଷ୍ଠିତ



ବେଙ୍ଗାଲୁରୁ ତା୧୧.୦୭ବେଙ୍ଗାଲୁର ଠାରେ ପ୍ୱିତ୍ର ସୁନାବେଶ ଏବଂ ବାହୁଡ଼ା ଯାତ୍ରା ମହୋତ୍ସବ ମହାସମାରୋହରେ ପାଳନ କରାଯାଇଛି । ଦୀର୍ଘ୯ ଦିନ କାଳ ବିତାଇ ଶ୍ରୀ ଗୁଣ୍ଡିଚା ମନ୍ଦିର ରୁ ଚତୁର୍ଦ୍ଧା ମୂର୍ତ୍ତି ଆଗରା ସ୍ଥିତ ମୁଖ୍ୟ ଜଗନ୍ନାଥ ମନ୍ଦିର ସାମ୍ନା କୁ ଫେରିବା ପରେ ରଥାରୂଢ ଦିଅଁ ମାନଙ୍କୁ ସୁନା ବେଶରେ ସଜ୍ଜା ଯାଇଥିଲା । ସୁନ୍ଦର ,ସୁସଜ୍ଜିତ ରଥ ଉପରେ ମହାପ୍ରଭୁଙ୍କ ର ରାଜାଧିରାଜ ରୂପକୁ ଦର୍ଶନ କରି ଶ୍ରଦ୍ଧାଳୁ ମାନେ କୃତ୍ୟ କୃତ୍ୟ ହେଉ ଥିବା ଦେଖା ଯାଉଥିଲା । କରୋନା ବଧକତା ଦୃଷ୍ଟି ରୁ ଦୀର୍ଘ ୨ବର୍ଷ ହେଲା ଭକ୍ତ ମାନେ ଦାରୁ ଦେବତା ଙ୍କର ଦୁର୍ଲଭ ସୁବର୍ଣ୍ଣ ସ୍ୱରୂପ କୁ ଉପଭୋଗ କରିବାର ସୁଯୋଗ ରୁ ବଂଚିତ ହୋଇଥିଲେ ।ଏଣୁ ଚଳିତ ବର୍ଷ ଦିଅଁ ମାନଙ୍କର ଏହି ବିରଳ ଆବିର୍ଭାବ କୁ ଅବଲୋକନ କରିବା ପାଇଁ ଓଡ଼ିଆ ଓ ଅଣଓଡ଼ିଆ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ, ଉତ୍ସାହ ଓ ଉତ୍କଣ୍ଠା ପ୍ରକାଶ ପାଇଥିବା ଲକ୍ଷ କରାଯାଇଥିଲା ।ଭକ୍ତ ଓ ଭଗବାନ ଙ୍କ ର ଏହି ଅପୂର୍ବ ମିଳନ ର ଦୃଶ୍ୟ ବେଶ ମନୋରମ ଓ ମର୍ମସ୍ପର୍ଶୀ ଥିଲା ।ବାହୁଡ଼ା ଯାତ୍ରା ଆରମ୍ଭ ପୂର୍ବରୁ ରାମ ମନ୍ଦିର ଠାରେ ବିରାଜମାନ ଥିବା ଚାରି ଠାକୁର ଙ୍କ ର ସାମ୍ନା ରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଶ୍ରୀ ଜୀଉ ମାନଙ୍କୁ ବାଦ୍ୟ ଓ କୀର୍ତ୍ତନ ର ତାଳେ ତାଳେ ଧାଡ଼ି ପହଣ୍ଡି କରା ଯାଇ ମନ୍ଦିର ସାମ୍ନା ରେ ଦଣ୍ଡାୟମାନ ରଥ ଉପରକୁ ନିଆଯାଇଥିଲା ।ଏହା ପରେ ଜଗନ୍ନାଥ ମନ୍ଦିର ର ଟ୍ରଷ୍ଟି ପ୍ରଫେସର ସିତିକଣ୍ଠ ଷଡ଼ଙ୍ଗୀ ପାରମ୍ପରିକ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଦିନ ୩ଟା ବେଳେ ବହୁ ପ୍ରତୀକ୍ଷିତ ବାହୁଡ଼ା ରଥ ଟଣା ପର୍ବ ଆରମ୍ଭ ହୋଇଥିଲା ।ଉପସ୍ଥିତ ପ୍ରାୟ ୧୦ହଜାର ଭକ୍ତଙ୍କ ର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ ,କରତାଳ, ମର୍ଦ୍ଦଳ,ଝାଞ୍ଜ ଓ ମୃଦଙ୍ଗ ର ଗହ ଗହ ନାଦ ତଥା ଭଜନ ,କୀର୍ତ୍ତନର ମୃଦୁ ମନ୍ଦ ଝଙ୍କାର ମଧ୍ୟରେ ରଥ ଟିକୁ ରାମ ମନ୍ଦିର ନିକଟରୁ ଟଣା ଯାଇ ୬୦୦ମିଟର ଦୂରବର୍ତ୍ତୀ ମୁଖ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ସାମ୍ନା କୁ ଅଣାଯାଇଥିଲା ।ମନ୍ଦିର ଅଗଣା କୁ ଫେରିବା ପରେ ରଥ ଉପରେ ବିଦ୍ୟମାନ ଜଗତର ନାଥ ଜଗନ୍ନାଥ, ବଡ଼ ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ, ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସେହି ଠାରେ ଅବସ୍ଥାନ କରି ସର୍ବସାଧାରଣଙ୍କୁ ଦିବ୍ୟ ଦର୍ଶନ ଦେବେ ବୋଲି ମନ୍ଦିର ର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ ।ରଥ ଓ ବାହୁଡ଼ା ଉତ୍ସବ ର ସମଗ୍ର ଆୟୋଜନ କୁ ସୂଚାରୁ ରୂପେ ସମ୍ପାଦନା ଓ ବ୍ୟାପକ ଭାବେ ସଫଳ କରାଇବାରେ ଶ୍ରୀ ଜଗନ୍ନାଥ ମନ୍ଦିର ର ପରିଚାଳନା ଟ୍ରଷ୍ଟି କାମାକ୍ଷୀ ପ୍ରସାଦ ପଣ୍ଡା, ଟ୍ରଷ୍ଟ ବୋର୍ଡ ର ସଦସ୍ୟ ନିହାର ସାମନ୍ତରା, ଡ଼ଃ ପ୍ରତାପ ପାଣି,ଜଷ୍ଟିସ ଜଗନ୍ନାଥ ପ୍ରସାଦ ଉଦ୍ଗାତା, ହର ପ୍ରସାଦ ମହାପାତ୍ର, ମନୋଜ ପାତ୍ର,ପୁଣ୍ୟ ଶ୍ଳୋକ ଖୁଣ୍ଟିଆ, ଚକ୍ରଧର ସ୍ୱାଇଁ ,ଏନ ଆର ବି ପଟନାୟକ,ମନୋଜ ମହାପାତ୍ର ଏବଂ ପ୍ରକାଶ ସାମନ୍ତ ରାୟ ପ୍ରମୁଖ ସକ୍ରିୟ ଭୂମିକା ନିର୍ବାହ କରିଥିଲେ ।

# ଗୁଜୁରାଟର ଅଡାଲଜ ମନ୍ଦିରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ

ଅହମଦାବାଦ, ତା ୧୧.୦୭ ରିଖ, ଗୁଜୁରାଟର ଅଡାଲଜଠାରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ପବିତ୍ର ବାହୁଡ଼ା ଯାତ୍ରା ମହାସମାରୋହରେ ପାଳନ କରାଯାଇଛି । ଏହି ଉପଲକ୍ଷେ ଗୁଣ୍ଡିଚା ମନ୍ଦିରର ରୂପ ନେଇଥିବା ମୁଖ୍ୟ ମନ୍ଦିରର ତଳତାଲା ସ୍ଥିତ କମ୍ୟୁନିଟି ହଲରେ ବିରାଜମାନ ଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କ ସାମ୍ନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା । ଏଠାରେ ସନ୍ଧ୍ୟା ୬ଟା ବେଳେ ଦିଅଁ ମାନଙ୍କର ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା । ଉପସ୍ଥିତ ପୂଜକ ଓ ଭକ୍ତମାନେ ରୋଷଣୀ କରି ଚାରି ଠାକୁରଙ୍କୁ ମାଉସୀମା ମନ୍ଦିରରୁ ଉପରତାଲାର ବାଇଶି ପାହାଚ ପରେ ନିର୍ମିତ ସ୍ୱତନ୍ତ୍ର ମଞ୍ଚକୁ ନେଇଥିଲେ । ଏହା ପରେ ମହାପ୍ରଭୁଙ୍କର ସାମ୍ନାରେ ମନ୍ଦିର ପରିଚାଳନା କମିଟି ଶ୍ରୀ ଜଗନ୍ନାଥ କଲଚରାଲ ଏକାଡେମୀ ଆଣ୍ଡ ରିସର୍ଚ୍ଚ ସେଣ୍ଟର ( ଜେ.ସି. ଏ. ଆ଼ର୍.ସି) ତରଫରୁ ପ୍ରଯୋଜନା କରାଯାଇଥିବା ନାଟକ ' ଫେରିଯାଅ ମହାବାହୁ' ପ୍ରଦର୍ଶନ କରାଯାଇଥିଲା । ଶ୍ରୀ ଜଗନ୍ନାଥଙ୍କର କାହାଣୀ ଓ ଲୀଳା ଉପରେ ଆଧାରିତ ଏକ ଘଣ୍ଟାର ଏହି ପ୍ରସ୍ତୁତି ଖୁବ ଜୀବନ୍ତ ଓ ମର୍ମସ୍ପର୍ଶୀ ଥିଲା । ନାଟକଟି ଦର୍ଶକ ମାନଙ୍କୁ ଐଶ୍ୱରିକ ଆନନ୍ଦର ଉଲ୍ଲାସ ଏବଂ ଭଗବତ ସତ୍ତାର ସୁସ୍ୱାଦ ପ୍ରଦାନ କରିବା ସହିତ ସେମାନଙ୍କୁ ବେଶ୍ ଭାବବିହ୍ୱଳ ଓ ଅଭିଭୂତ କରିଦେଇଥିବା ଲକ୍ଷ୍ୟ କରାଯାଇଥିଲା । ଓଡ଼ିଶା ସୋସିଓ କଲଚରାଲ ଆସୋସିଏନର ସଭାପତି ହରେକୃଷ୍ଣ ଦାଶଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ବିଶେଷ ସାଂସ୍କୃତିକ ଆକର୍ଷଣ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ଖୁବ ଆଦୃତ ହୋଇଥିଲା । ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ମନ୍ଦିର ପରିଚାଳନା କମିଟିର ସଦସ୍ୟଙ୍କ ମଧ୍ୟରେ ଗଜପତି ଭାବରେ ଡଃ ସୁଦିପ କୁମାର ନନ୍ଦ, ଶ୍ରୀ ଜଗନ୍ନାଥଙ୍କ ଭୂମିକାରେ ବଦ୍ରି ମହାପାତ୍ର ଏବଂ ମହାଲକ୍ଷ୍ମୀଙ୍କ ରୂପରେ ଉଷାରାଣୀ ତ୍ରିପାଠୀଙ୍କ ର ଅଭିନୟ ବେଶ୍ ଉଚ୍ଚକୋଟୀର ଥିଲା । ମା' ଲକ୍ଷ୍ମୀଙ୍କ ଟିମରେ ସେବିକା ଭାବରେ ଭୁବନେଶ୍ୱରୀ ପଣ୍ଡା, ନିବେଦିତା ସାହୁ, ଲୀଳା ଦାସ, ତୃପ୍ତି ମହାପାତ୍ର, ସୁପ୍ରଭା ମିଶ୍ର, ସନ୍ଧ୍ୟା ପଣ୍ଡା, ସୁଚରିତା ତ୍ରିପାଠୀ, ମନୋରମା ମିଶ୍ର ଏବଂ ମିତା ଦାସ ପ୍ରମୁଖ ସ୍ଥାନ ପାଇଥିଲେ । ଶ୍ରୀ ଜଗନ୍ନାଥଙ୍କ ଟିମ୍ ରେ ବଡ଼ ପଣ୍ଡା ଭାବରେ ରବି ରଂଜନ ପଣ୍ଡା, ସାରଥୀ ରୂପରେ ବସନ୍ତ ପଣ୍ଡା, ଦିବ୍ୟଲୋଚନ ଭୂମିକାରେ ମହେଶ୍ୱର ସାହୁ,ଦଇତାପତି ଭାବରେ ନାରାୟଣ ସ୍ୱାଇଁ, ମହନ୍ତ ରୂପରେ ଗଣେଶ ସାବତ, ଚୁଡ଼ାମଣି ଭାବରେ ହରେକୃଷ୍ଣ ଦାଶ ଏବଂ ପ୍ରତିହାରୀ ଭୂମିକାରେ ଅଶୋକ ସାମଲ ପ୍ରମୁଖ ଅନ୍ତର୍ଭୁକ୍ତ ହୋଇଥିଲେ । ସନ୍ଧ୍ୟା ୮ଟା ସମୟରେ ବାଦ୍ୟ ଯନ୍ତ୍ର ଓ କୀର୍ତ୍ତନର ତାଳେ ତାଳେ ଠାକୁର ମାନଙ୍କୁ ଧାଡ଼ି ପହଣ୍ଡି କରାଯାଇ ମୁଖ୍ୟ ମନ୍ଦିରର ରତ୍ନ ସିଂହାସନ ଉପରକୁ ନିଆଯାଇଥିଲା । ସେଠାରେ ଆରତୀ ଶେଷ ହେବା ପରେ ଗୁଜୁରାଟର ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ସୁମଧୁର ଭଜନ ପରିବେଷଣ କରାଯାଇଥିଲା । ଏହା ପୂର୍ବରୁ ବଡ଼ଠାକୁର ମାଉସୀମା ମନ୍ଦିରରେ ଦୀର୍ଘ ୯ ଦିନ ଧରି ଥିବା ବେଳେ ଆଡ଼ପ ମଣ୍ଡପ ସାମ୍ନାରେ ପ୍ରତ୍ୟହ ରଙ୍ଗାରଙ୍ଗ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ବାହୁଡ଼ା ମହୋତ୍ସବକୁ ସୁଚାରୁରୂପେ ସମ୍ପାଦନା କରିବାରେ ପରିଚାଳନା ବୋର୍ଡର ଅଧକ୍ଷ ଡ଼ଃ ସୁଦିପ କୁମାର ନନ୍ଦ, ସଦସ୍ୟ ସଚିବ ବଦ୍ରି ମହାପାତ୍ର, ବରିଷ୍ଠ ସଦସ୍ୟ ହରେକୃଷ୍ଣ ଦାଶ, ମହେଶ୍ୱର ସାହୁ, ଡଃ ନିବେଦିତା ସାହୁ, ଲୀଳା ଦାସ, ରବି ପଣ୍ଡା, ଅଶୋକ ସାମଲ, ସତ୍ୟ ମିଶ୍ର, ନାରାୟଣ ସ୍ୱାଇଁ, ଅଜୟ ଦାଶ, ମହେନ୍ଦ୍ର ଦାସ, ରୋହିତ ନାୟକ, ନିଗମାନନ୍ଦ ଦାସ, ବସନ୍ତ ପଣ୍ଡା ଓ ଗଣେଷ ନାୟକ ପ୍ରମୁଖ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ।

# ଗୁଜୁରାଟର ଅଡାଲଜ ମନ୍ଦିରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ

ଅହମଦାବାଦ, ତା ୧୧.୦୭ ରିଖ, ଗୁଜୁରାଟର ଅଡାଲଜଠାରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ପବିତ୍ର ବାହୁଡ଼ା ଯାତ୍ରା ମହାସମାରୋହରେ ପାଳନ କରାଯାଇଛି । ଏହି ଉପଲକ୍ଷେ ଗୁଣ୍ଡିଚା ମନ୍ଦିରର ରୂପ ନେଇଥିବା ମୁଖ୍ୟ ମନ୍ଦିରର ତଳତାଲା ସ୍ଥିତ କମ୍ୟୁନିଟି ହଲରେ ବିରାଜମାନ ଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କ ସାମ୍ନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା । ଏଠାରେ ସନ୍ଧ୍ୟା ୬ଟା ବେଳେ ଦିଅଁ ମାନଙ୍କର ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା । ଉପସ୍ଥିତ ପୂଜକ ଓ ଭକ୍ତମାନେ ରୋଷଣୀ କରି ଚାରି ଠାକୁରଙ୍କୁ ମାଉସୀମା ମନ୍ଦିରରୁ ଉପରତାଲାର ବାଇଶି ପାହାଚ ପରେ ନିର୍ମିତ ସ୍ୱତନ୍ତ୍ର ମଞ୍ଚକୁ ନେଇଥିଲେ । ଏହା ପରେ ମହାପ୍ରଭୁଙ୍କର ସାମ୍ନାରେ ମନ୍ଦିର ପରିଚାଳନା କମିଟି ଶ୍ରୀ ଜଗନ୍ନାଥ କଲଚରାଲ ଏକାଡେମୀ ଆଣ୍ଡ ରିସର୍ଚ୍ଚ ସେଣ୍ଟର ( ଜେ.ସି. ଏ. ଆ଼ର୍.ସି) ତରଫରୁ ପ୍ରଯୋଜନା କରାଯାଇଥିବା ନାଟକ ' ଫେରିଯାଅ ମହାବାହୁ' ପ୍ରଦର୍ଶନ କରାଯାଇଥିଲା । ଶ୍ରୀ ଜଗନ୍ନାଥଙ୍କର କାହାଣୀ ଓ ଲୀଳା ଉପରେ ଆଧାରିତ ଏକ ଘଣ୍ଟାର ଏହି ପ୍ରସ୍ତୁତି ଖୁବ ଜୀବନ୍ତ ଓ ମର୍ମସ୍ପର୍ଶୀ ଥିଲା । ନାଟକଟି ଦର୍ଶକ ମାନଙ୍କୁ ଐଶ୍ୱରିକ ଆନନ୍ଦର ଉଲ୍ଲାସ ଏବଂ ଭଗବତ ସତ୍ତାର ସୁସ୍ୱାଦ ପ୍ରଦାନ କରିବା ସହିତ ସେମାନଙ୍କୁ ବେଶ୍ ଭାବବିହ୍ୱଳ ଓ ଅଭିଭୂତ କରିଦେଇଥିବା ଲକ୍ଷ୍ୟ କରାଯାଇଥିଲା । ଓଡ଼ିଶା ସୋସିଓ କଲଚରାଲ ଆସୋସିଏନର ସଭାପତି ହରେକୃଷ୍ଣ ଦାଶଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ବିଶେଷ ସାଂସ୍କୃତିକ ଆକର୍ଷଣ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ଖୁବ ଆଦୃତ ହୋଇଥିଲା । ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ମନ୍ଦିର ପରିଚାଳନା କମିଟିର ସଦସ୍ୟଙ୍କ ମଧ୍ୟରେ ଗଜପତି ଭାବରେ ଡଃ ସୁଦିପ କୁମାର ନନ୍ଦ, ଶ୍ରୀ ଜଗନ୍ନାଥଙ୍କ ଭୂମିକାରେ ବଦ୍ରି ମହାପାତ୍ର ଏବଂ ମହାଲକ୍ଷ୍ମୀଙ୍କ ରୂପରେ ଉଷାରାଣୀ ତ୍ରିପାଠୀଙ୍କ ର ଅଭିନୟ ବେଶ୍ ଉଚ୍ଚକୋଟୀର ଥିଲା । ମା' ଲକ୍ଷ୍ମୀଙ୍କ ଟିମରେ ସେବିକା ଭାବରେ ଭୁବନେଶ୍ୱରୀ ପଣ୍ଡା, ନିବେଦିତା ସାହୁ, ଲୀଳା ଦାସ, ତୃପ୍ତି ମହାପାତ୍ର, ସୁପ୍ରଭା ମିଶ୍ର, ସନ୍ଧ୍ୟା ପଣ୍ଡା, ସୁଚରିତା ତ୍ରିପାଠୀ, ମନୋରମା ମିଶ୍ର ଏବଂ ମିତା ଦାସ ପ୍ରମୁଖ ସ୍ଥାନ ପାଇଥିଲେ । ଶ୍ରୀ ଜଗନ୍ନାଥଙ୍କ ଟିମ୍ ରେ ବଡ଼ ପଣ୍ଡା ଭାବରେ ରବି ରଂଜନ ପଣ୍ଡା, ସାରଥୀ ରୂପରେ ବସନ୍ତ ପଣ୍ଡା, ଦିବ୍ୟଲୋଚନ ଭୂମିକାରେ ମହେଶ୍ୱର ସାହୁ,ଦଇତାପତି ଭାବରେ ନାରାୟଣ ସ୍ୱାଇଁ, ମହନ୍ତ ରୂପରେ ଗଣେଶ ସାବତ, ଚୁଡ଼ାମଣି ଭାବରେ ହରେକୃଷ୍ଣ ଦାଶ ଏବଂ ପ୍ରତିହାରୀ ଭୂମିକାରେ ଅଶୋକ ସାମଲ ପ୍ରମୁଖ ଅନ୍ତର୍ଭୁକ୍ତ ହୋଇଥିଲେ । ସନ୍ଧ୍ୟା ୮ଟା ସମୟରେ ବାଦ୍ୟ ଯନ୍ତ୍ର ଓ କୀର୍ତ୍ତନର ତାଳେ ତାଳେ ଠାକୁର ମାନଙ୍କୁ ଧାଡ଼ି ପହଣ୍ଡି କରାଯାଇ ମୁଖ୍ୟ ମନ୍ଦିରର ରତ୍ନ ସିଂହାସନ ଉପରକୁ ନିଆଯାଇଥିଲା । ସେଠାରେ ଆରତୀ ଶେଷ ହେବା ପରେ ଗୁଜୁରାଟର ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ସୁମଧୁର ଭଜନ ପରିବେଷଣ କରାଯାଇଥିଲା ।

# ବ୍ରହ୍ମକ୍ଷେତ୍ର ବଳଦେବ ଜୀୟୁଙ୍କ ରଥଟଣାରେ ସାମିଲ ହେଲେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଅଂଚଳବାସୀଙ୍କ ଶୁଭକାମନା ମନାସିଲେ

ମାହାଙ୍ଗା ତା ୧୧/୭- ଜଗତର ନାଥ ଶ୍ରୀ ଶ୍ରୀ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ବାହୁଡା ଯାତ୍ରା ଉପଲକ୍ଷେ କେବଳ ଜଗନ୍ନାଥ ଧାମ ପୁରୀରେ ନୁହେଁ ସାରା ଓଡିଶାର କୋଣ ଅନୁକୋଣରେ ରଥଟଣା ପରମ୍ପରା ଅନୁଷ୍ଠିତ ହୋଇଥାଏ । ସେହି ପରିଭାବେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁରର ଆରାଧ ଦେବତା ଶ୍ରୀ ଶ୍ରୀ ବଳଦେବ ଜୀୟୁ ମହାପ୍ରଭୁ ପୁରାଣ ବର୍ଣ୍ଣିତ ହୋଇଅଛି ବ୍ରହ୍ମକ୍ଷେତ୍ର ନାମରେ । ବାହୁଡା ଅବସରରେ ଏହି ପୀଠରେ ଶ୍ରୀ ଶ୍ରୀ ବଳଦେବ ଜୀୟୁଙ୍କ ବାହୁଡା ଯାତ୍ରା ସ୍ଥାନୀୟ ପ୍ରଶାସନିକ ସହଯୋଗ, ପୂଜାପଣ୍ଡା ସେବାୟତ ଓ ଭକ୍ତଙ୍କ ସହଯୋଗ ରେ ଶାନ୍ତି ଶୃଙ୍ଖଳାର ସହ ରଥଟଣା ସମାପନ୍ନ ହୋଇଅଛି । ରୀତି ନୀତି ଅନୁଯାଇ ପ୍ରାତଃ ସମୟରେ ମହାପ୍ରଭୁଙ୍କ ସକାଳ ଧୂପ ସରିବାପରେ ମଧ୍ୟାହ୍ନ ଧୂପ ଓ ପହଣ୍ଡି ଠିକ୍‌ପୂର୍ବରୁ ଦିଅମାନଙ୍କର ଶେଷ ଭୋଗ ଭାବେ ପରିଚିତ ଖିରି ଖେଚୁଡି ଲାଗି କରାଯାଇଥିଲା । ପରେ ପରେ ମହାପ୍ରଭୁ ଜଗନ୍ନାଥ,ବଳଭଦ୍ର ଭଉଣୀ ସୁଭଦ୍ରାଙ୍କ ଛେନାପଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଭୁ ବଳଦେବ ଜୀୟୁଙ୍କ ସମସ୍ତ ପୂଜାପଣ୍ଡା,ସେବାୟତ ଓ ପହଣ୍ଡିଆ ସଠିକ ସମୟାନୁସାରେ ପୂଜାବିଧି ସାରି ସମସ୍ତ ପାରମ୍ପରିକ କାର୍ଯ୍ୟ ସୁଚାରୁ ରୂପେ କରିବା ପରେ ଠାକୁର ରାଜା ବନବିହାରୀ ମିଶ୍ରଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ବ୍ରହ୍ମକ୍ଷେତ୍ରରେ ବାହୁଡା ଯାତ୍ରାପରି ଏକ ଆଧାତ୍ମିକ କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନା ଯୋଗଦାନ କରି ମହାପ୍ରଭୁ ବଳଦେବ ଜୀୟୁଙ୍କ ବିଭୁକୃପା ଲାଭ କରିବା ସହ ଅଂଚଳବାସୀ ତଥା ଓଡିଶାବାସୀଙ୍କ କଲ୍ୟାଣ ନିମେନ୍ତ ଶୁଭ ମନାସୀ ଥିଲେ । ମନ୍ଦିର ପରିଚାଳନା ଟ୍ରଷ୍ଟି ତରଫରୁ ବିଧାୟକ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ,ଶ୍ରୀଯୁକ୍ତ ଜେନା ମନ୍ତ୍ରୀ ଥିବା ସମୟରେ ଏହି ବ୍ରହ୍ମକ୍ଷେତ୍ର ଜିଗ୍ନିପୁର ତଥା ମହାପ୍ରଭୁ ବଳଦେବ ଜୀୟୁଙ୍କ ମନ୍ଦିରର ଯେଉଁ ଭଳି ଭାବେ ଅନୁଦାନ ପ୍ରଦାନ କରି ବିକାଶ ମୂଳକ କାର୍ଯ୍ୟ କରିଛନ୍ତି ବୋଲି ଟ୍ରଷ୍ଟି ପ୍ରକାଶ କରିଛନ୍ତି । ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା,ରାଜେନ୍ଦ୍ର ମୋହନ କର,ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ଅଜୟ କୁମାର ନନ୍ଦଙ୍କ ମୁଖ୍ୟ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରଥର ଡାହୁକ ଓ ମୁଖ୍ୟ ମହାରଣା ଶ୍ରୀ ଶ୍ରୀ ବଳଦେବ ଜୀୟୁଙ୍କ ଆଜ୍ଞାମାଳ ଗ୍ରହଣ କରିବା ପରେ ରଥ ଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଭକ୍ତଙ୍କ ସମାଗମରେ ହରିବୋଲ ହୁଳହୁଳୀ ଧ୍ୱନୀରେ ସମଗ୍ର ବ୍ରହ୍ମକ୍ଷେତ୍ର ବଡଦାଣ୍ଡ ପ୍ରକମ୍ପିତ ହୋଇଥିଲା । ଯାହାକି ପରିବେଶକୁ ଏକପ୍ରକାର ଆଧାତ୍ମିକ ବାତାବରଣ କରିଥିଲା । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଗ୍ନିପୁର ସରପଂଚ ତିଲୋତମା ରାଉତ, ବୁହାଲୋ ସରପଂଚ ରମାକାନ୍ତ ମହାନ୍ତି,ଜିଲ୍ଲାପରିଷଦ ସଭ୍ୟ ବିଜ୍ଞକ କେଶରୀ କାପ, ଯୁବନେତା ଜ୍ଞାନରଞ୍ଜନ ରାଉତ, ପୂର୍ବତନ ଅଧ୍ୟକ୍ଷ ଗିରିଶ ମହାପାତ୍ର ସମତେ ଶ୍ରୀଜୀୟୁଙ୍କର ସେବାୟତ,ପୂଜାପଣ୍ଡା,ନାଜିମହନ୍ତ,ପହଣ୍ଡିଆମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା

ନୂଆଦିଲ୍ଲୀ, 11/7: ନୂଆଦିଲ୍ଲୀର ହାଉଜଖାସସ୍ଥିତ ପ୍ରମୁଖ ଜଗନ୍ନାଥ ମନ୍ଦିରରେ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆଧାତ୍ମିକ ଉଲ୍ଲାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଉପଲକ୍ଷେ ବଡ଼ି ଭୋରରୁ ମୁଖ୍ୟ ମନ୍ଦିରର ବେସମେଣ୍ଟସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ ଥିବା ଦିଅଁ ମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା । ଏହା ପରେ ଦିନ ସାଢ଼େ ୩ଟା ବେଳେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଏବଂ ଶଙ୍ଖ ଧ୍ୱନି ତଥା ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଚାରି ଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡ଼ି ପହଣ୍ଡି କରି ମନ୍ଦିର ସାମ୍ନା ସ୍ଥିତ ବଡ଼ଦାଣ୍ଡରେ ଦଣ୍ଡାୟମାନ ଥିବା ସୁନ୍ଦର, ସୁଶୋଭିତ ରଥ ଉପରକୁ ନେଇଯାଇଥିଲେ । ଅପରାହ୍ନ ୪ଟା ସମୟରେ ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ଓ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ । ଏହାପରେ ଦିନ ସାଢ଼େ ୪ଟା ବେଳେ ରଥଟଣାର ଶୁଭାରମ୍ଭ ହୋଇଥିଲା । ହାଉଜଖାସ ଭିଲେଜ ସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ସନ୍ଧ୍ୟା ସୁଦ୍ଧା ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା । ଦିଲ୍ଲୀର ରାଜ ରାସ୍ତାରେ ରାଜକୀୟ ରଥ ଉପରେ ପ୍ରବଳ ପ୍ରତାପୀ ଠାଣିରେ ଭଗବାନଙ୍କର ଘୋଷଯାତ୍ରା ଏବଂ ଜନସମୁଦ୍ର ମଧ୍ୟରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ଚକ୍ଷୁ ମିଳନର ଦୃଶ୍ୟ ବେଶ ହୃଦୟସ୍ପର୍ଶୀ ଥିଲା । ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ବିଦ୍ୟମାନ ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ, ଭକ୍ତ ମାନଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ ।

# ଓଡ଼ିଆ ସଂସ୍କରଣ 'ଅମିତ ଶାହ ଓ ବିଜେପିର ଯାତ୍ରା' ଉନ୍ମୋଚିତ

## ପୁସ୍ତକ 'ଅମିତ ଶାହ ଓ ବିଜେପିର ଯାତ୍ରା' ଗୋଟିଏ ବିଚାରଧାରା ଓ ଜଣେ କାର୍ଯ୍ୟକର୍ତ୍ତାର କାହାଣୀ- ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୧ ଜୁଲାଇ : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଉପରେ ଲିଖିତ 'ଅମିତ ଶାହ ଓ ବିଜେପିର ଯାତ୍ରା' ପୁସ୍ତକଟି କେବଳ ଜଣେ ବ୍ୟକ୍ତିର ପ୍ରଶଂସା ପାଇଁ ନୁହେଁ ବରଂ ଗୋଟିଏ ବିଚାରଧାରା ଓ ଜଣେ କାର୍ଯ୍ୟକର୍ତ୍ତାର କାହାଣୀ ବୋଲି ସୋମବାର ଭୁବନେଶ୍ୱର ଠାରେ ଏହି ପୁସ୍ତକକୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜନୈତିକ ଦୃଶ୍ୟପଟ୍ଟରେ ଭାରତୀୟ ଜନତା ପାର୍ଟିକୁ ନୂଆ ଶିଖରକୁ ନେଇଥିବା ଦୃଢ଼ ସଂଗଠକ ତଥା ଅନେକ ଐତିହାସିକ ନିଷ୍ପତିର ମୁଖ୍ୟ ବିନ୍ଧାଣୀ ଅମିତ ଶାହଙ୍କ ଉପରେ ଲିଖିତ ପୁସ୍ତକର ଓଡ଼ିଆ ସଂସ୍କରଣ ପ୍ରକାଶିତ ହୋଇଥିବାରୁ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି । ପୁସ୍ତକର ମୂଳ ଇଂରାଜି ଲେଖକ ଅନିର୍ବାଣ ଗାଙ୍ଗୁଲି ଏବଂ ଶିବାନନ୍ଦ ଦ୍ୱିବେଦୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ ପ୍ରକାଶନ ସଂସ୍ଥା ବ୍ଲୁମ୍ସବରି ଓ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଥିବା ଟାଇମ୍ସ ପାସ ପ୍ରକାଶନ ସଂସ୍ଥାର ମୁଖ୍ୟ ସାହିତ୍ୟିକ ସରୋଜ ବଳଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି । ପୁସ୍ତକରେ ଶାହଙ୍କ ଜୀବନର ବିଭିନ୍ନ ଦିଗ ଓ ବିଜେପି ଯାତ୍ରାରେ ତାଙ୍କ ଅକଳ୍ପନୀୟ ଭୂମିକା ଉପରେ ଉଲ୍ଲେଖ କରାଯାଇଛି । ପୁସ୍ତକର ଓଡ଼ିଆ ସଂସ୍କରଣ ଓଡ଼ିଆ ଜୀବନଯାତ୍ରାର ଏକ ପ୍ରବକ୍ତା ହେବ ଓ ଜନମାନସରେ ଆଦୃତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ପ୍ରଧାନମନ୍ତ୍ରୀ ଓ ଅମିତ ଶାହଙ୍କ ବିଶେଷ ସମର୍ପଣ ଭାବ ଅଛି । ୧୯୮୪ ମସିହାରେ ଗୁଜୁରାଟର ଅହମ୍ମଦବାଦରେ ଏକ ଅଭାବନୀୟ ଘଟଣା ପରେ



ମହାପ୍ରଭୁଙ୍କ ପ୍ରତି ଲୋକମାନଙ୍କ ଆସ୍ଥା କିପରି ଅତୁଟ ରହିବ, ତାହାର ମୁଖ୍ୟ ବିନ୍ଧାଣୀ ସାଜିଥିଲେ ମୋଦି ଓ ଶାହ । ସେହି ଘଟଣା ପରେ ଜନଆସ୍ଥା ପାଇଁ ଆଜି ପୃଥିବୀରେ ବିଜେପି ଏକ ସଶକ୍ତ ରାଜନୈତିକ ସଂଗଠନ ପାର୍ଟି ଭାବେ ଉଭା ହୋଇଛି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଅମିତ ଶାହ ଦେଶର ଜଣେ ବଳିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱ । ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବେଳେ ଓଡ଼ିଶାର ସଂଗଠନକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ପ୍ରତି ବ୍ଲକର କାର୍ଯ୍ୟକର୍ତ୍ତାଙ୍କ ସହ ଶାହ କଥା ହୋଇ ରଣନୀତି ପ୍ରସ୍ତୁତ କରୁଥିଲେ । ଓଡିଶାର ସଙ୍ଗଠନାତ୍ମକ ଶକ୍ତି ବୃଦ୍ଧି ସେହି ସମୟରେ ହୋଇଥିଲା । ରାଜ୍ୟରେ ବିଜେପି ତିନି ନମ୍ବରରୁ ଦୁଇ ନମ୍ବର ଦଳ ହୋଇଛି ଏବଂ ବିରୋଧୀ ଦଳ ଭାବେ ସ୍ୱୀକୃତି ପ୍ରାପ୍ତ ନେତୃତ୍ୱ ମଧ ବିଜେପିକୁ ମିଳିଛି । ଏଥିରୁ ଶାହଙ୍କ ଓଡ଼ିଆ ଜନଜୀବନ ପ୍ରତି ଭଲ ପାଇବାର ପ୍ରମାଣ ଓ ଦୃଢ଼ ସଂଗଠକର କୃତିତ୍ୱକୁ ଦର୍ଶାଉଛି । ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ବଜାୟ ରଖିବାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପରେ ଶାହ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି । ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି ଦେଶକୁ ଏକୀକୃତ କରିବା ଓ ତିନି ତଲାକକୁ ବେଆଇନ ଘୋଷଣା କରିବା ଶାହଙ୍କ ନିର୍ଭୀକ ନେତୃତ୍ୱର ପରିଚୟ ଦିଏ । ଶାହଙ୍କ ସ୍ପଷ୍ଟତା, ଦୃଢ ନିଷ୍ପତି, ରାଜନୈତିକ ଇଚ୍ଛାଶକ୍ତି କାରଣରୁ ଦେଶର ଅନ୍ତରୀଣ ସୁରକ୍ଷା ସୁଦୃଢ଼ ହୋଇଛି । ଏ ସବୁ ବିଷୟରେ ଓଡିଶାରେ ଅଧିକ ଚର୍ଚ୍ଚା ହେବା ସହ ବିଜେପିର କାର୍ଯ୍ୟକର୍ତ୍ତା ଓ ଓଡିଆ ସମାଜ 'ଅମିତ ଶାହ ଓ ବିଜେପିର ଯାତ୍ରା' ପୁସ୍ତକକୁ ଅଧିକ ଅଧୟନ କରିବାକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଓ ଶାହଙ୍କ ନେତୃତ୍ୱରେ ଆଜି ଗରିବ କଲ୍ୟାଣ ହିଁ ଶାସନର ମୂଳ କେନ୍ଦ୍ରବିନ୍ଦୁ ହୋଇଛି । ଶକ୍ତିଶାଳୀ ସଂଗଠନ ବା ଶାସନ ବ୍ୟବସ୍ଥା କେବଳ କ୍ଷମତାକୁ ଉପଭୋଗ କରିବା ନୁହେଁ ବରଂ ଶାସନକୁ ଲୋକସେବା ଆଧାରରେ ନୂଆ ବେଞ୍ଚମାର୍କ ସ୍ଥାପନ ହେବା ଦରକାର, ଯାହା ଲୋକାର୍ପିତ ପୁସ୍ତକରେ ବର୍ଣ୍ଣନା କରାଯାଇଥିବା ଶ୍ରୀ ପ୍ରଧାନ ଆଲୋକପାତ କରିଛନ୍ତି । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସମ୍ବାଦ ଖବର କାଗଜର ସମ୍ପାଦକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ସାମ୍ବାଦିକ ସ୍ୱପନ ଦାସଗୁପ୍ତା, ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ପୁସ୍ତକର ଲେଖକ ଅନିର୍ବାଣ ଗାଙ୍ଗୁଲି ଏବଂ ଶିବାନନ୍ଦ ଦ୍ୱିବେଦୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ସ୍ତମ୍ଭକାର, ସାମ୍ବାଦିକମାନେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ ।

# ୯କୋଟିକୁ ୬ବର୍ଷ ହେଲାଣି ଗେଙ୍ଗୁଟି ନଦୀରେ ଅଧପନ୍ତରିଆ ପୋଲ କାର୍ଯ୍ୟ ସରୁନି

ଭଦ୍ରକ, ୧୧/୦୭ (ନି.ପ୍ର): ସରକାର ନଦୀବନ୍ଧବାଡ଼ ଓ ପୋଲ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଅନେକ ସ୍ଥାନରେ ପ୍ରଶାସନ ସଠିକ୍ ନଜର ଓ ତଦାରଖ କରୁନଥିବାରୁ ଅନେକ ସ୍ଥାନରେ ଏହି କାର୍ଯ୍ୟସବୁ ଅଧପନ୍ତରିଆ ହୋଇ ପଡ଼ିରହୁଛି । ଏଭଳି ଏକ ଘଟଣା ଧାମନଗର-କ୍ଷେତ୍ରପୁର ରାସ୍ତାର ଦୋବଲରେ ଦେଖିବାକୁ ମିଳିଛି । ନିକଟସ୍ଥ ଗେଙ୍ଗୁଟି ନଦୀର ନିର୍ମାଣଧିନ ପୋଲ ୬ବର୍ଷ ଧରି କାର୍ଯ୍ୟ ଚାଲୁଥିଲେ ମଧ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବାରୁ ଜଣସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଘଟଣାରୁ ପ୍ରକାଶ ଯେ ଦୋବଲ ଠାରେ ଗେଙ୍ଗୁଟି ନଦୀରେ ଏକ ପକ୍କାପୋଲ ପୂର୍ବରୁ ଥିବାବେଳେ ନଦୀରେ ବନ୍ୟା ଆସିଲେ ଉକ୍ତ



ପୋଲଟି ବନ୍ୟାଜଳରେ ବୁଡ଼ିଯାଇ ଥାଏ । ଫଳରେ ଉକ୍ତ ପୋଲ ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକଙ୍କର ଜାତାୟତରେ ବାଧାସୃଷ୍ଟି ହୋଇଥାଏ । ଏହାକୁ ଆଧାର କରି ତତ୍କାଳିନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଉଦ୍ୟମ ଫଳରେ ସେହିପୋଲ ନିକଟରେ ଆଉ ପ୍ରାୟ ଆନୁମାନିକ ୯କୋଟି ଟଙ୍କା ବ୍ୟୟରେ ଏକ ଉଚ୍ଚା ପକ୍କାପୋଲ ନିର୍ମାଣ ଆରମ୍ଭ ହୋଇଥିଲା । ହେଲେ ଦୀର୍ଘବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ଏହି ପୋଲ ନିର୍ମାଣ ବେଳେ ଜଣେ ଶ୍ରମିକ ମୃତ୍ୟୁ ହୋଇଥିବାବେଳେ ଅଧାପନ୍ତରିଆ ପୋଲ ନିକଟରେ ଏକ ବାଇକ୍ ଆରୋହୀ ଏହି ପୋଲତଳକୁ ଗଡ଼ି ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ । ଉକ୍ତ ପକ୍କାପୋଲଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ଏହାର ଦୁଇ ପାର୍ଶ୍ୱର ଆପ୍ରୋଜ ରୋଡ଼ ନିର୍ମାଣ ହୋଇନଥିବାରୁ ଜାତାୟତ ହୋଇପାରୁନାହିଁ । ଦୋବଲ ବସଷ୍ଟାଣ୍ଡ ପାର୍ଶ୍ୱରେ ଅଧା ନିର୍ମିତ ପୋଲର ଆପ୍ରୋଜ ରୋଡ଼ ତିଆରି ହୋଇନଥିବାବେଳେ କୋର୍କଦା ପାର୍ଶ୍ୱରେ ମଧ ଏହି ସମସ୍ୟା ସୃଷ୍ଟି ହୋଇଛି । ଏହି ପୋଲ ସମ୍ପୂର୍ଣ୍ଣ ହେଲେ ଉଭୟ ପାର୍ଶ୍ୱ ଲୋକମାନେ ବନ୍ୟା ସମୟରେ ସୁରୁଖୁରୁରେ ଜାତାୟତ କରିପାରନ୍ତେ । ମାତ୍ର ଆଜି ସୁଧା ଉକ୍ତପୋଲଟି ସମ୍ପୂର୍ଣ୍ଣ ହୋଇପାରୁନଥିବାରୁ ଆଗକୁ ବର୍ଷାଋତୁ ସାଂଗକୁ ବନ୍ୟା ଆସିଲେ ସାଧାରଣ ଲୋକମାନଙ୍କର ଜାତାୟତର ଘୋର ବାଧାସୃଷ୍ଟି ହେବ । ତେଣୁ ଏ ଦୀଗରେ ପୂର୍ତବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ତୁରନ୍ତ ଉକ୍ତ ପୋଲକାର୍ଯ୍ୟକୁ ଶେଷ କରିବାପାଇଁ ସ୍ଥାନୀୟ ଅଂଚଳର ଜନସାଧାରଣ ମାନେ ଦାବି କରିଛନ୍ତି । ପୋଲକାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ପୋଲର ୨ପାର୍ଶ୍ୱରେ କେବଳ ଆପ୍ରୋଚ ରୋଡ଼ କରାଗଲେ ଜାତାୟତ ହୋଇପାରିବ । ହେଲେ ପୋଲର ଦୋବଲ ପାର୍ଶ୍ୱରେ ଜାଗା ବିବାଦକୁ ନେଇ ସମସ୍ୟା ସୃଷ୍ଟି ହୋଇଥିବାରୁ କାର୍ଯ୍ୟରେ ବିଳମ୍ବ ହେଉଛି । ଉକ୍ତ ଆପ୍ରୋଚ ରୋଡ଼ରେ ଜୈନିକ ବ୍ୟକ୍ତିଙ୍କ ଜାଗା ପଡୁଥିବାରୁ ସେ ଉଚ୍ଚ ନ୍ୟାୟାଳୟରେ ଜୈନିକ ଠିକାଦାରଙ୍କ ନାମରେ କେସ୍ କରିଥିବାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେଠାରେ କାମ କରିହେଉନାହିଁ ଏବଂ ଆବଶ୍ୟକତା ଠାରୁ ଜାଗା ମାଲିକ ଅଧିକ ଟଙ୍କା ଦାବି କରୁଥିବାରୁ ଠିକାଦାର ତାହାର ଭରଣା କରିପାରୁନଥିବାରୁ କାର୍ଯ୍ୟରେ ବିଳମ୍ବ ହେଉଛି । ଏହି ଜାଗା ସମସ୍ୟାକୁ ନେଇ ମଧ ବାରମ୍ବାର ତହସିଲରେ ଆଲୋଚନା ହୋଇଛି । ତେବେ ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ ହେବବୋଲି ବିଭାଗୀୟ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରକାଶ କରିଛନ୍ତି ।

# ଜେଏସଡବ୍ଲ୍ୟୁ-ବିପିସିଏଲ ଦ୍ୱାରା ୱାକାଥନ ଆୟୋଜିତ



ସମ୍ବଲପୁର, ସମ୍ବଲପୁର ସହରରେ ଜେଏସଡବ୍ଲ୍ୟୁ – ବିପିସିଏଲ କମ୍ପାନୀ ପକ୍ଷରୁ ଏକ ୱାକାଥନ ଆୟୋଜିତ ହୋଇଯାଇଛି । ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାରରୁ ଉର୍ଦ୍ଧ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ ।। ସକାଳ ୬ଟାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ (ସାଧାରଣ) ଅଜମ୍ବର ମହାନ୍ତି, କମ୍ପାନୀର ସଭାପତି ଅନୀଲ କୁମାର ସିଂ, ପ୍ରଶାସନିକ ପରାମର୍ଶଦାତା କେ. ବି. ସିଂ, ଆର୍ନ୍ତଜାତୀୟ ମହିଳା ହକି ଖେଳାଳି ଲିଲିମା ମିଞ୍ଜ, ପୂର୍ବତନ କବାଡି ଖେଳାଳି ରାଜେଶ ସେଟ ପ୍ରମୁଖ ସବୁଜ ପତାକା ଦେଖାଇ ଏହି ୱାକାଥନକୁ ଉଦଘାଟନ କରିଥିଲେ । ଏହି ୱାକାଥନ କମିଶନର କଲୋନୀ ପଡିଆରୁ ବାହାରି ନେଲସନ ମଣ୍ଡେଲା ଛକ, ରିଂ ରୋଡ ଦେଇ ବାଲିବନ୍ଧା ଛକ, କୁଞ୍ଜେଲପଡା ଛକ, ମୁଦିପଡା ଛକ, ଲକ୍ଷ୍ମୀ ଟକିଜ ଛକ, ଜିଲାସ୍କୁଲ ଛକ, ଜେଲଖାନା ଛକ ଦେଇ ପ୍ରାୟ ୬ କିମି ଅତିକ୍ରମ କରିବା ପରେ ପୁର୍ନବାର କମିଶନର କଲୋନୀ ପଡିଆରେ ଠାରେ ପହଂଚ଼ି ଥିଲା । ବରିଷ୍ଠ ନାଗରିକ ମାନଙ୍କ ସମେତ ହଜାରରୁ ଉର୍ଦ୍ଧ ୧୫ ବର୍ଷରୁ ଉର୍ଦ୍ଧ ବ୍ୟକ୍ତି ମାନେ ଏହି ୱାକାଥନରେ ଉତ୍ସାହର ସହିତ ଭାଗ ନେଇଥିଲେ । ୱାକାଥନରେ ପୁରୁଷ ବର୍ଗରେ ସୁମନ୍ତ ମିର୍ଦ୍ଧା ପ୍ରଥମ, ରୋଶନ ବେହେରା ଦ୍ୱିତୀୟ ଓ ଅଜୟ ଓରାମ ତୃତୀୟ ସ୍ଥାନ ଅଧିକାର କରି ବିଜୟୀ ହୋଇଛନ୍ତି । ସେହିଭଳି ମହିଳା ବର୍ଗରେ ସାହିନ ପରୱିନ ପ୍ରଥମ, ବିଶାଖା ଓରାମ ଦ୍ୱିତୀୟ ଓ ଶ୍ରୀନିତା ଓରାମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଅବସରରେ ବିଧାୟକ ନାୟକ ଓ ଜିଲାପାଳ ଦାସ ପ୍ରତିଭାଗୀ ମାନଙ୍କୁ ଉତ୍ସାହିତ କରିଥିଲେ । କମ୍ପାନୀର ସଭାପତି ସିଂ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମରେ ଜନଭାଗିଦାରୀରେ ଆଜଦୀର ଅମୃତ ମହୋତ୍ସବକୁ ପାଳନ ନିମନ୍ତେ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମେକ ଇନ ଇଣ୍ଡିଆର ପ୍ରଚାର ସହିତ ଷ୍ଟିଲ ଭାରତର ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି ବୋଲି କମ୍ପାନୀ ସଭାପତି ସିଂ କହିଛନ୍ତି । କାର୍ଯ୍ୟକ୍ରମରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଭାଗୀ ମାନଙ୍କୁ ମେଡାଲ, ମେମେଣ୍ଟୋ ଓ ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ ରୂପାର ମୁଦ୍ରା ମଧ ପ୍ରଦାନ କରାଯାଇଥିଲା ।

# ରାଇକିଆ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ଓ ସଚେତନତା କାର୍ଯ୍ୟକ୍ରମ



କନ୍ଧମାଳ, ୧୧ ଜୁଲାଇ (ହି.ସ.)- କନ୍ଧମାଳ ଜିଲ୍ଲା ଫୁଲବାଣୀ ବନଖଣ୍ଡ ଅଧିନସ୍ଥ ରାଇକିଆ ବନ ବିଭାଗ ରେଞ୍ଜ ପକ୍ଷରୁ ବିଭିନ୍ନ ସ୍ଥାନରେ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ବ୍ୟାପକ ବୃକ୍ଷ ରୋପଣ କରାଯିବା ସହ ବୃକ୍ଷ ରୋପଣ ସମ୍ପର୍କରେ ସଚେତନତା କରାଯାଉଛି । ରାଇକିଆ ରେଞ୍ଜ ଅଫିସର ମାଣିକେଶ୍ୱରୀ ପଟ୍ଟନାୟକଙ୍କ ତତ୍ୱାବଧାନରେ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି । ରେଞ୍ଜ ଅଧିନସ୍ଥ ବେରେଡାକିଆ ଗ୍ରାମରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମିଳିତ ନାଗରିକ ମଂଚ ସଭାପତି ପ୍ରଦୀପ ପ୍ରଧାନ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା କରିବା ସହ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ଜଙ୍ଗଲରେ ନିଆଁ ନ ଲଗାଇବା, ବନ୍ୟଜନ୍ତୁଙ୍କ ସୁରକ୍ଷା କରିବା ନେଇ ସଚେତନ କରିଥିଲେ । ଆଉ ପ୍ରତ୍ୟେକ ଲୋକ ନିଜ ଜୀବନ କାଳରେ କିଛି କିଛି ଗଛ ଲଗାଇବା ସହ ତାକୁ ବଂଚାଇରଖିଲେ ଭବିଷ୍ୟ ପିଢ଼ି ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବେ ବୋଲି ନାଗରିକ ମଂଚ ସଭାପତି ପ୍ରଧନ କହିଥିଲେ । ଏହି କାର୍ଯ୍ୟକ୍ରମରେ ରେଞ୍ଜ ଅଫିସର ମାଣିକେଶ୍ୱରୀ ପଟ୍ଟନାୟକଙ୍କ ସମେତ ଫରେଷ୍ଟ ଗାର୍ଡ ଅଜିତ ଗଣ୍ଡା, ନାଏବ ସରପଂଚ ନିଥାଏଲ ନାୟକ, ନାଗରିକ ମଂଚ ଉପସଭାପତି ଡା. ସନ୍ତୋଷ ନାୟକ, ମୋକ୍ଷେଶ ଦିଗଲଙ୍କ ସମେତ ପରିବେଶବିତ, ପଦସ୍ଥ ଅଧିକାରୀ, ବୁଦ୍ଧିଜୀବିଙ୍କ ସମେତ, ବନ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ମହିଳା ରେଞ୍ଜ ଅଫିସର ଭାବେ ମାଣିକେଶ୍ୱରୀ ପଟ୍ଟନାୟକ ଦାୟୀତ୍ୱ ଗ୍ରହଣ କରିବାର ମାସ କେଇଟା ମଧ୍ୟରେ ବ୍ୟାପକ ବୃକ୍ଷରୋପଣ କରିବା ସହ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରିଛନ୍ତି । ଜଙ୍ଗଲ ଯେପରି ନଷ୍ଟ ନ ହେବ ଓ ବନ୍ୟଜନ୍ତୁ ଯେପରି ଅସୁରକ୍ଷିତ ନ ହେବେ ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି ରେଞ୍ଜର ମାଣିକେଶ୍ୱରୀ ପଟନାୟକ । ସେହିପରି ଅବାଧ ଜୀବଜନ୍ତୁ ଶିକାର ଉପରେ ମଧ ରୋକ ଲଗାଇବାରେ ସଫଳ ହୋଇଛନ୍ତି ।

# ଫୁଲବାଣୀରେ ଜିଲ୍ଲା ସ୍ତରୀୟ ଜାତୀୟ ମତ୍ସ୍ୟ ଦିବସ ପାଳିତ

କନ୍ଧମାଳ, ୧୧ ଜୁଲାଇ (ହି.ସ.)- ରବିବାର ଫୁଲବାଣୀ ସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜାତୀୟ ମତ୍ସ୍ୟ ଦିବସ ପାଳିତ ହୋଇଥିଲା । ଜିଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ କହଁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ତ୍ରିପାଠୀ, ଜିଲା ମୂଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ, ଜିଲା ସଂଯୋଜକ, ମିଶନ ଶକ୍ତି, ମୂଖ୍ୟ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇ ମାଛ ଚାଷ ଏକ ଲାଭ ଜନକ ବ୍ୟବସାୟ । ଦିନକୁ ଦିନ ଅଧିକରୁ ଅଧିକ ଲୋକ ଯେପରି ମାଛ ଚାଷ ପ୍ରତି ଆଗ୍ରହ ପ୍ରକାଶ କରିବେ ସେଥିପ୍ରତି ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ଲାଗି ପରାମର୍ଶ ଦେଇଥିଲେ । ଜିଲାରେ ପ୍ରତିବର୍ଷ ମନରେଗା ଯୋଜନାରେ ହଜାର ହଜାର ସଂଖ୍ୟାରେ ପୋଖରୀ ଖୋଳାଯାଉଛି ସେସବୁ ପୋଖରୀ ଗୁଡିକରେ ଯେପରି ମାଛଚାଷ ହୋଇପାରିବ ବିଭାଗ ଦୃଷ୍ଟିଦେଲେ ଅଧିକ ମାଛ ଉତ୍ପାଦାନ ହେବା ସହ ଜିଲାର ଚାହିଦା ପୂରଣ ହେବ । ଏଥିସହ ମାଛ ବାହାରକୁ ମଧ ପଠାଇପାରିବେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ସଭାରେ ମତ୍ସ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ପ୍ରାଥମିକ ମତ୍ସ୍ୟ ସମବାୟ ସମିତି, ମତ୍ସ୍ୟ ଚାଷୀ ପ୍ରମୁଖ ଯୋଗ ଦେଇଥିଲେ ।

# ଚାଉଳ ଚୋରି ମାମଲାରେ ଆଉ ଜଣେ ଅଭିଯୁକ୍ତ ଗିରଫ

ଜୟପୁର , ୧୧ ଜୁଲାଇ (ହି.ସ.) - ଚାଉଳ ଚୋରି ମାମଲାରେ ଜଣଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଯମୁନାଗୁଡାର ମୁନା ଗରଡା । ଏହି ମାମଲାରେ ଆଗରୁ ୩ ଜଣ ଗିରଫ ହୋଇ ଜେଲରେ ଥିବା ବେଳେ ମୁନା ଗରଡା ଫେରାର ଥିଲା । ଅଜି ଜୟପୁର ଟାଉନ ପୋଲିସ ବିଶେଷ ସୁତ୍ରରୁ ଖବର ପାଇ ଯମୁନାଗୁଡାରେ ଚଢାଉ କରି ମୁନା ଗରଡା କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି ।

# ଗୃହ ବିଭାଗରେ ଚାଲିଛି ମନମୁଖୀ କାର୍ଯ୍ୟ

ଜୟପୁର, ୧୧ ଜୁଲାଇ (ହି.ସ.)- ଖୋଦ ମୁଖ୍ୟମନ୍ତ୍ରୀଙ୍କ ଗୃହ ବିଭାଗରେ ଚାଲିଛି ମନମୁଖୀ କାର୍ଯ୍ୟ ଓ ଅରାଜକତା । ଏ ଅରାଜକତା ଏବେ ଗଭୀର ଅସନ୍ତୋଷରେ ପରିଣତ ହେଲାଣି । ଏ ମନମୁଖୀ କାର୍ଯ୍ୟ ଓ ଅସନ୍ତୋଷ ନିକଟରେ ପ୍ରକାଶ ପାଇଥିବା ବରିଷ୍ଠତା ତାଲିକା ବା ଗ୍ରେଡେସନ ଲିଷ୍ଟ ଓ ଓଡିଶା ପବ୍ଲିକ ସର୍ଭିସ କମିଶନ ନିକଟକୁ ପ୍ରେରିତ ପତ୍ରକୁ ନେଇ । ସବୁ ଆଇନ କାନୁନକୁ ଜଳାଞ୍ଜଳି ଦେଇ କିଛି ଲାଂଚଖୋର କର୍ମଚାରୀଙ୍କ ପ୍ରରୋଚନାରେ ତିଆରି ହୋଇଛି ଏ ଗ୍ରେଡେସନ ଲିଷ୍ଟ । ବ୍ୟାପକ ଜାଲିଆତି, ପ୍ରିୟାପ୍ରୀତି ତୋଷଣ ଏହାଦ୍ୱାରା ସ୍ପଷ୍ଟ ବାରି ହେଉଛି । ପ୍ରକାଶ ଥାଉ କି, ୨୦୧୧ ମସିହାରେ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ୨୦୧୬ ରେ ପୋଲିସ ବିଭାଗରେ ଯୋଗ ଦେଇଥିବା ଓ ତାର ପରବର୍ତୀ ସିଧାସଳଖ ଡ଼ି.ଏସ.ପି. ମାନଙ୍କୁ ଗ୍ରେଡେସନ ତାଲିକାରେ ଜାଣିଶୁଣି ତଳକୁ ରଖାଯାଇଛି । ୨୦୨୧ ରେ ନିଯୁକ୍ତି ପାଇଥିବା ଡ଼ି.ଏସ.ପି. ମାନଙ୍କୁ ଏଥିରେ ବରିଷ୍ଠତା ଦିଆଯାଇଛି । କ୍ୟାଚଅପ ରୁଲ ଗୋଟେ ନିଜ ବ୍ୟାଚର ଆଭ୍ୟନ୍ତରୀଣ କଥା ହୋଇଥିବା ବେଳେ ଏ କ୍ଷେତ୍ରରେ ସିଧା ସଳଖ ନିଯୁକ୍ତ ଡ଼ି.ଏସ.ପି.ଙ୍କୁ ତଳକୁ ରଖି ତାଙ୍କ ଠାରୁ ପାଞ୍ଚବର୍ଷ କନିଷ୍ଠଙ୍କୁ ଉପରେ ରଖିବା ଏକ ବଡ ଚଂଚକତା ଆଡକୁ ଇସାରା କରୁଛି । ଅନ୍ୟତଃ ସୁପ୍ରିମକୋର୍ଟଙ୍କ ମେଘଚନ୍ଦ୍ରନ କେସ ଅନୁଯାୟୀ, ବରିଷ୍ଠତା ଚାକିରୀରେ ଯୋଗଦାନ ଦିନରୁ ହିଁ ଆରମ୍ଭ, କିନ୍ତୁ ଗୃହ ବିଭାଗ କ୍ଷେତ୍ରରେ ତାହା ସମ୍ପୂର୍ଣ ଓଲଟା ମନେ ହେଉଛି । ଏବେ ଆଉ ଗୋଟେ ପାଦ ଆଗକୁ ଯାଇ ବିଭାଗ ଅତ୍ୟଧିକ ପ୍ରୀତି ଦେଖାଇ ଅତିରିକ୍ତ ଆରକ୍ଷୀ ପାଇଁ ଯୋଗ୍ୟ ବ୍ୟକ୍ତି ନାହାନ୍ତି ଦର୍ଶାଇ ଓ.ପି.ଏସ.ସି କୁ ତିନି ବର୍ଷରୁ ଛଅ ମାସ ଯୋଗ୍ୟତା ଅବଧି ପାଇଁ ଚିଠି ଲେଖିଛି । ଯେଉଁ ସ୍ଥଳରେ ସିଧା ସଳଖ ନିଯୁକ୍ତ ଡ଼ି.ଏସ.ପି. ପାଂଚ ବର୍ଷରୁ ଅଧିକ ଡ଼ି.ଏସ.ପି. ଭାବରେ କାର୍ଯ୍ୟ କରିସାରିଲେଣି । ଗୃହ ବିଭାଗର ଏ ମନମୁଖୀ କାର୍ଯ୍ୟ ଯୋଗୁଁ ଆଗକୁ ବହୁ ଅସୁବିଧା ଜଳ ଜଳ କରିଦେଖାଯାଉଛି । ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଫାଇଦା ଦେବାକୁ ଯାଇ ଏ ଚକ୍ରାନ୍ତ ହେଉଥିବା ଅନୁମାନ କରାଯାଉଛି । କିଛି ନିର୍ଦ୍ଦିଷ୍ଟ ଅମଲାଙ୍କ ଆଡ଼କୁ ମଧ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି । ପ୍ରଥମରୁ ଡିଜି ଅଫିସ ପଠେଇଥିବା ଗ୍ରେଡେସନ ତାଲିକା କଦର୍ଥ କରିଥିବା କଥା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । ତେଣୁ ସମୟ ପୂର୍ବରୁ ସଠିକ ବରିଷ୍ଠତା ତାଲିକା ଓ ଯୋଗ୍ୟ ଲୋକଙ୍କୁ ଅତିରିକ୍ତ ଏସ.ପି. ପ୍ୟାହାକୁ ପଦୋନ୍ନତି ପାଇଁ ଦାବି ଜୋର୍ ଧରିଛି । ଯଦି ଏହା ନହୁଏ ତେବେ ଆଗାମୀ ସମୟରେ ଭୟଙ୍କର ରୂପ ଧାରଣ କରିପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ପ୍ରୋମୋସନ୍ ନିମନ୍ତେ ଭିନ୍ନ ଭିନ୍ନ ମାନଦଣ୍ଡ କରାଯାଉଥିଲା ଏଥି ନିମନ୍ତେ ଓଡ଼ିଶା ଲୋକ ସେବା ଆୟୋଗ ତାଙ୍କ ପତ୍ର ସଂଖ୍ୟା ୪୯୬୨ ତା ୨୮/୦୬/ ୨୦୧୮ ରେ ସମସ୍ତ ବିଭାଗକୁ ପ୍ରୋମୋସନ୍ ରେ ଏକ ମାନଦଣ୍ଡ କରି ସର୍ବନିମ୍ନ ଯୋଗ୍ୟତା ୫୦ ପ୍ରତିଶତରୁ କମ୍ ନକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ଏହି ସଂକ୍ରାନ୍ତରେ ସମସ୍ତ ପ୍ରସ୍ତାବ ଜି.ଏ. ବିଭାଗ ମାଧ୍ୟମରେ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏହି ଘଟଣାରେ କେଉଁ ପରିସ୍ଥିତିରେ ଗୃହ ବିଭାଗ ସିଧା ସଳଖ ଓଡିଶା ଲୋକସେବା ଆୟୋଗକୁ ପ୍ରସ୍ତାବ ଦେଇଥିଲେ ଏହା ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଘଟଣା ଏବେ ପୋଲିସ ମହଲରେ ଆଲୋଚନାର ବିଷୟ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଉଚ୍ଚ ନ୍ୟାୟାଳୟ ଓଡ଼ିଶାରେ ଏ ସଂକ୍ରାନ୍ତରେ ଏକ କେଶ ଦାୟର ହୋଇଛି ସଂଖ୍ୟା ୧୬୯୪୭/୨୦୨୨ ଓ ମାନ୍ୟବର ବିଚାରପତି ମାମଲାର ଶୁଣାଣି କରି ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଲେ ଯେ, ସିଧାସଳଖ ନିଯୁକ୍ତି ପାଇଥିବା ଡିଏସପିଙ୍କ ଅଭିଯୋଗକୁ ଆଇନ ଆଧାରରେ ବିଚାର କରି ପରବର୍ତ୍ତୀ ସମୟରେ ଡିଏସପିରୁ ଅତିରିକ୍ତ ଏସପି ପ୍ରୋମୋସନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima,
All legal matters subject to Rayagada Jurisdiction only
ସମ୍ପାଦକ: ରାମଦାସ ଲିମା